# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୬/୨୦୨୧ (୧୨ ପୃଷ୍ଠା) | Bhubaneswar, Thursday, May 6/2021 | ★★★★★★

୪୭ଶ ଭାଗ ୧୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



KP GROUP
Quality Since 1965

# Safal

PAN MASALA

କିଛି ଅତୁଲ୍ୟ ସ୍ୱାଦ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ




ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।

0% TOBACCO • NICOTINE NOT ADDED • NOT FOR MINORS

ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ


KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
कमलापसन्द
अनोखा स्वाद
पान मसाला
Rs.10/-
6g.
Watch at: You Tube
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୬/୨୦୨୧ | Bhubaneswar, Thursday, May 6/2021 | ପୃଷ୍ଠା-୧




## ଚୁଜି ହେଲେଣି ହୁମା

ବଲିଉଡ୍ ଅଭିନେତ୍ରୀ ହୁମା କ୍ୟୁରେଶିଙ୍କୁ କାହାଣୀ ପସନ୍ଦ ନ ହେବାରୁ ଦୁଇଟି ଫିଲ୍ମ ଛାଡ଼ିଛନ୍ତି। ଏହି କାରଣରୁ ସେ ଚୁଜି ହେଲେଣି ବୋଲି ଚର୍ଚ୍ଚା ଚାଲିଛି ।

୦୯

୧୦

## ଅବସର ନେଲେ ଷ୍ଟ୍ରାଇକୋଭା

ଚେକ୍ ରିପବ୍ଲିକର ପୂର୍ବତନ ଶୀର୍ଷ ର୍‍ୟାଙ୍କପ୍ରାପ୍ତ ଡବଲ୍ସ ମହିଳା ଖେଳାଳି ବାର୍ବରା ଷ୍ଟ୍ରାଇକୋଭା ବୁଧବାର ଟେନିସରୁ ଅବସର ଘୋଷଣା କରିଛନ୍ତି।



# ମମତାଙ୍କ ତୃତୀୟ ଇନିଂସ



ତୃତୀୟଥର ପାଇଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ମମତା ବାନାର୍ଜୀ ବୁଧବାର ଶପଥ ନେଉଛନ୍ତି।

**କୋଲକାତା, ୫।୫(ପି.ଟି.)**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧ୍ୟକ୍ଷା ମମତା ବାନାର୍ଜୀ କ୍ରମାଗତ ତୃତୀୟ ଥର ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥ ଗ୍ରହଣ କରିଛନ୍ତି। କୋଭିଡ୍ ମୁକାବିଲାକୁ ପ୍ରାଥମିକତା ଦେବା ସହ ରାଜନୈତିକ ହିଂସାକୁ କଠୋର ହସ୍ତରେ ଦମନ କରିବା ପାଇଁ ପ୍ରତିଜ୍ଞା କରିଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସିର ବିପୁଳ ବିଜୟ ପରେ ମମତା ବାନାର୍ଜୀ ସରକାରର ତୃତୀୟ ଇନିଂସ ଆରମ୍ଭ ହୋଇଛି। କୋଭିଡ୍ ମହାମାରୀ କଟକଣା ମଧ୍ୟରେ ରାଜଭବନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟପାଳ ଜଗଦୀପ୍ ଧନ୍‌କର ମମତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ରାଜ୍ୟର ୨୧ତମ ମୁଖ୍ୟମନ୍ତ୍ରୀ ଭାବେ ଟିଏମ୍‌ସି ନେତ୍ରୀ ବଙ୍ଗଳା ଭାଷାରେ ଶପଥ ନେଇଥିଲେ।

### କୋଭିଡ୍, ହିଂସା ଦମନ ପାଇଁ ପ୍ରତିଜ୍ଞା

ବୁଧବାର କେବଳ ମମତା ଶପଥ ନେଇଥିବାବେଳେ ୯ ତାରିଖରେ ରବୀନ୍ଦ୍ର ନାଥ ଟାଗୋରଙ୍କ ଜନ୍ମବାର୍ଷିକୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଟିଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ଶପଥ ନେବା ପରେ ମମତା ରାଜ୍ୟ ସଚିବାଳୟ ଯାଇ ରାଜ୍ୟରେ ମହାମାରୀ ସ୍ଥିତି ସମ୍ପର୍କରେ ଏକ ବୈଠକରେ ଆଲୋଚନା କରିଥିଲେ। ମହାମାରୀର ମୁକାବିଲା ପ୍ରଥମ କାର୍ଯ୍ୟ। ରାଜନୈତିକ ହିଂସାରେ ସମ୍ପୃକ୍ତ କାହାକୁ ଛଡ଼ାଯିବ ନାହିଁ ବୋଲି ଶପଥ ଗ୍ରହଣ ପରେ ମମତା ଖବରଦାତାମାନଙ୍କୁ କହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ☞ପୃଷ୍ଠା-୨

# ତୃତୀୟ ଲହର: ଜଣାନାହିଁ କେବେ, ନିଶ୍ଚିତ ଆସିବ

**ନୂଆଦିଲ୍ଲୀ, ୫।୫**

ଦେଶରେ କରୋନା ସଂକ୍ରମଣର ତୃତୀୟ ଲହର ଅବଶ୍ୟମ୍ଭାବୀ ବୋଲି କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ଡ. କେ. ବିଜୟରାଘବନ ବୁଧବାର ସତର୍କ କରାଇ ଦେଇଛନ୍ତି। ତେବେ କେବେଠାରୁ ତୃତୀୟ ଲହର ଆରମ୍ଭ ହେବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ସେ ଦେଇନାହାନ୍ତି। ଭୂତାଣୁର ନୂଆ ଷ୍ଟ୍ରେନ୍‌ରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଆକ୍ରାନ୍ତ ହେବା ସହ ହଜାର ହଜାର ପ୍ରାଣ ହରାଉଛନ୍ତି। ତେଣୁ ନୂଆ ଷ୍ଟ୍ରେନ୍ ବିରୋଧରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ଟିକାର ନବୀକରଣ ଆବଶ୍ୟକ। ତୃତୀୟ ଲହରରେ ସଂକ୍ରମଣ ଆହୁରି ବଢ଼ିବ। ଆମକୁ ଏଥିପାଇଁ ପ୍ରସ୍ତୁତି ଜାରି ରଖିବାକୁ ହେବ ବୋଲି ବିଜୟରାଘବନ କହିଛନ୍ତି।

ତାଙ୍କ କହିବା ଅନୁଯାୟୀ, କୋଭିଡ୍ ଟିକା ବର୍ତ୍ତମାନର କରୋନା ଭାରିଆଣ୍ଟ ପାଇଁ ଫଳପ୍ରଦ। ତେବେ ନୂଆ ଭାରିଆଣ୍ଟ ଭାରତ ସମେତ ସାରା ବିଶ୍ୱରେ ଦେଖାଦେଲାଣି। ଏଗୁଡ଼ିକ ଦ୍ରୁତ ବେଗରେ ବ୍ୟାପୁଛି। ରୋଗ ପ୍ରତିରୋଧ ଶକ୍ତିକୁ ଅତିକ୍ରମ କରିପାରୁଥିବା ନୂଆ ଷ୍ଟ୍ରେନ୍ ରୋଗର ଗମ୍ଭୀରତାକୁ ବଢ଼ାଇ ଦେଉଛି। ସେହି ଅନୁଯାୟୀ ଟିକାର ପ୍ରତିରୋଧ ଶକ୍ତି ବଢ଼ାଇବା ଆବଶ୍ୟକ ବୋଲି ବିଜୟରାଘବନ ପରାମର୍ଶ ଦେଇଛନ୍ତି।

### ସତର୍କ କରାଇଲେ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା

- ମୃତ୍ୟୁସଂଖ୍ୟାରେ ରେକର୍ଡ
- ଦିନକରେ ଗଲା ୩,୭୮୦ ଜୀବନ

ସଂକ୍ରମଣକୁ ରୋକିବାକୁ ହେଲେ ଦେଶବ୍ୟାପୀ ଲକ୍‌ଡାଉନ୍ ଏକମାତ୍ର ସମାଧାନ କି ବୋଲି ପ୍ରଶ୍ନର ଉତ୍ତରରେ ନୀତି ଆୟୋଗ ସଦସ୍ୟ ତଥା ଟିକା ଉପରେ ଜାତୀୟ ବିଶେଷଜ୍ଞ ଟିମ୍‌ର ମୁଖ୍ୟ ଭି.କେ. ପଲ୍ କହିଥିଲେ, ଏ ସମ୍ପର୍କରେ ସବୁବେଳେ ଆଲୋଚନା ହେଉଛି। ସଂକ୍ରମଣ ଶୃଙ୍ଖଳକୁ ଚାପିଦେବା ପାଇଁ ଅଧିକ କଠୋର କଟକଣା ଲଗାଇବା ପାଇଁ ☞ପୃଷ୍ଠା-୨



## ଶିଶୁ, କିଶୋରଙ୍କୁ ଅଧିକ ବିପଦ

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

କରୋନାର ଦ୍ୱିତୀୟ ଲହର ଶିଶୁ ଓ ଯୁବପିଢ଼ିଙ୍କୁ ଅଧିକ ସଂକ୍ରମିତ କରୁଛି। ଏମାନଙ୍କ କ୍ଷେତ୍ରରେ କରୋନାର କ'ଣ ପ୍ରଭାବ ରହୁଛି ସେ ସମ୍ପର୍କରେ କଟକ ଶିଶୁ ଭବନର ଶିଶୁ ବିଶେଷଜ୍ଞ ପ୍ରଫେସର ଡା. ପ୍ରଭାକର ମିଶ୍ର ଯୋଗଦେଇ କହିଛନ୍ତି, ରାଜ୍ୟରେ ସମୁଦାୟ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨୦% ହେଉଛନ୍ତି ଶିଶୁ, କିଶୋର ଓ କିଶୋରୀ। ସାଧାରଣତଃ ବୟସ୍କଙ୍କ ଅପେକ୍ଷା ଏହି ବର୍ଗର ଆକ୍ରାନ୍ତଙ୍କଠାରେ କରୋନାର ପ୍ରବଣତା କମ୍ ଦେଖାଯାଏ। କିନ୍ତୁ କରୋନାରୁ ସୁସ୍ଥ ହେବା ପରେ ବି ଶିଶୁ ଓ ଯୁବପିଢ଼ିଙ୍କଠାରେ ୨ରୁ ୫ସପ୍ତାହ ମଧ୍ୟରେ ଶାରୀରିକ ଜଟିଳତା ଦେଖାଯାଉଛି। ସେମାନଙ୍କ ପାଖରେ ଏମ୍‌ଆଇଏସ୍‌ସି ବା ମଲ୍ଟିସିଷ୍ଟମ ଇନ୍‌ଫ୍ଲାମେଟୋରି ସିଣ୍ଡ୍ରମ ଅଫ୍ ଚାଇଲ୍ଡହୁଡ୍ ରୋଗ ଦେଖାଯାଉଛି। ହୃଦ୍‌ଯନ୍ତ୍ର, ଶ୍ୱାସକ୍ରିୟା, ଯକୃତ, ଫୁସ୍‌ଫୁସ୍ ଗୁରୁତର ଭାବେ ପ୍ରଭାବିତ ହେଉଛି। ଫଳରେ ସେମାନେ ଗୁରୁତର ହୋଇ ଆସି ଆଇସିୟୁରେ ଭର୍ତ୍ତି ହେଉଛନ୍ତି ବୋଲି ଡା. ମିଶ୍ର କହିଛନ୍ତି।

**୨୪ ଘଣ୍ଟାରେ ଓଡ଼ିଶାରେ ୯,୮୮୯ ସଂକ୍ରମିତ, ୧୬ ମୃତ** ପୃଷ୍ଠା-୩

### 'ଗର୍ଭବତୀ ନିଅନ୍ତୁନି ଟିକା'

ଗର୍ଭାବସ୍ଥା ଏକ ସମ୍ବେଦନଶୀଳ ଅବସ୍ଥା। କୋଭିଡ୍ ସମୟରେ ଗର୍ଭଧାରଣ ନେଇ କିଛି ନିର୍ଦ୍ଦେଶାବଳୀ ନାହିଁ। ଯଦି ଗର୍ଭ ରହିଗଲା ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କାରଣ ଏହି ପରିସ୍ଥିତିରେ ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ। ହାର୍ଟ ଓ ଫୁସ୍‌ଫୁସ୍‌ଜନିତ ରୋଗ ବେଶି ହୋଇଥାଏ। କରୋନା ହେଲେ ତାହା ଅଧିକ କ୍ଷତି କରିପାରେ। ମା' ଓ ଶିଶୁ ଉଭୟଙ୍କଠାରେ ଅନ୍ୟାନ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ଗର୍ଭାବସ୍ଥାରେ କରୋନାରେ ସଂକ୍ରମିତ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ ବୋଲି କଟକ ଏସ୍‌ସିବି ମେଡିକାଲ କଲେଜର ସ୍ତ୍ରୀ ଓ ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ଡା. ତୁଷାରଜ୍ୟୋତି କୁମାର କର କହିଛନ୍ତି। ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ସଚେତନତା ପରାମର୍ଶ କାର୍ଯ୍ୟକ୍ରମରେ ଯୋଗଦେଇ ଡା. କର କହିଲେ, ଗର୍ଭବତୀ ମହିଳା ସ୍ୱାସ୍ଥ୍ୟ ପରୀକ୍ଷାରେ ବ୍ୟବଧାନ ଆଣନ୍ତୁ। ଯଦି ଜଟିଳତା ନାହିଁ, ପ୍ରତି ମାସରେ ☞ପୃଷ୍ଠା-୨

# ଦ୍ୱିତୀୟ ଦିନ ଲାଗି ବଢ଼ିଲା ତେଲ ଦର

**ଭୁବନେଶ୍ୱର,ନୂଆଦିଲ୍ଲୀ,୫।୫**



ଦେଶ ମଧ୍ୟରେ ଲଗାତର ଦ୍ୱିତୀୟ ଦିନ ଲାଗି ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଇଛି। ଫଳରେ ଭୁବନେଶ୍ୱରରେ ବୁଧବାର ପେଟ୍ରୋଲ ଲିଟର ପିଛା ୧୭ ପଇସା ବୃଦ୍ଧି ପାଇ ୯୧.୪୪ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଦର ୨୧ ପଇସା ଉର୍ଦ୍ଧ୍ୱରେ ରହିବା ଯୋଗୁ ଦର ୮୮.୩୮ ଟଙ୍କା ଛୁଇଁଥିଲା। ମଙ୍ଗଳବାର ମଧ୍ୟ ପେଟ୍ରୋଲ ଓ ଡିଜେଲଦର ଯଥାକ୍ରମେ ୧୫ ପଇସା ଏବଂ ୧୯ ପଇସା ବଢ଼ିଥିଲା। ଲଗାତର ଦ୍ୱିତୀୟ ଦିନ ଇନ୍ଧନ ଦର ବଢ଼ିବା ଫଳରେ ଦେଶର ପ୍ରମୁଖ ସହରଗୁଡ଼ିକରେ ପେଟ୍ରୋଲ ୧୯ ପଇସା ଏବଂ ଡିଜେଲ ୨୧ ପଇସା ବୃଦ୍ଧି ପାଇଛି। ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ☞ପୃଷ୍ଠା-୨

# ଋଣ ପଇଠରେ ଆଶ୍ୱସ୍ତି ଦେଲା ଆର୍‌ବିଆଇ

**ମୁମ୍ବାଇ,୫।୫**

- ଲୋନ୍ ରିଷ୍ଟ୍ରକ୍ଚର ଲାଗି ୨ ବର୍ଷ ଯାଏ ସମୟ
- ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୫୦ ହଜାର କୋଟି ନଗଦ ସୁବିଧା
- ଡିସେମ୍ବର ଯାଏ କେୱାଇସି ନିୟମ କୋହଳ

କୋଭିଡ୍-୧୯ର ଦ୍ୱିତୀୟ ଲହର ଯୋଗୁ ସଂକ୍ରମଣ ଲଗାତର ବଢୁଥିବା ବେଳେ ଏହାର ନିୟନ୍ତ୍ରଣ ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଲକ୍‌ଡାଉନ ଜାରି ହୋଇଛି। କଟକଣା କଡ଼ାକଡ଼ି ହେଉଥିବାରୁ ଲୋକମାନେ ବର୍ତ୍ତମାନ ସମସ୍ୟାରେ ରହିଛନ୍ତି। ଏହାକୁ ଧ୍ୟାନରେ ରଖି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଋଣଗ୍ରହୀତାଙ୍କ ଋଣ ପଇଠ କ୍ଷେତ୍ରରେ ଆଶ୍ୱସ୍ତି ଦେଇଛି। ଏ ନେଇ ବୁଧବାର ନୂଆ ପଦକ୍ଷେପ ଘୋଷଣା ହୋଇଛି। ସେହିଭଳି ଭାକ୍ସିନ ପ୍ରସ୍ତୁତକର୍ତ୍ତା, ହସ୍ପିଟାଲ ଏବଂ କୋଭିଡ୍ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସହାୟତା ପାଇଁ ବ୍ୟାଙ୍କଗୁଡିକ ଋଣ ସହାୟତା ଯୋଗାଇଦେବେ। ଆର୍‌ବିଆଇର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟରେ ଭାକ୍ସିନ ମାନୁଫାକ୍ଚର, ହସ୍ପିଟାଲ, ପାଥୋଲୋଜି ଲାବ୍, ଅକ୍ସିଜେନ ଉତ୍ପାଦନ ଏବଂ ଯୋଗାଣକାରୀଙ୍କ ଲାଗି ୫୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ନଗଦ ସୁବିଧା କରାଯାଇଛି। ଏହାଦ୍ୱାରା କୋଭିଡ ☞ପୃଷ୍ଠା-୨




# ଚଳିତବର୍ଷ ବଢ଼ିବନି ସ୍ଥାବର ସମ୍ପତ୍ତି ମୂଲ୍ୟ

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ରାଜ୍ୟରେ କୋଭିଡ୍-୧୯ ମହାମାରୀ ଦ୍ୱିତୀୟ ଲହର ହୁ ହୁ ହୋଇ ମାଡ଼ିଚାଲିଛି। ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜମି, ପ୍ଲଟ୍ ଓ ଫ୍ଲାଟ ମୂଲ୍ୟ ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୧-୨୨ ଆର୍ଥିକବର୍ଷ ପାଇଁ ଏହା ଲାଗୁ ହେବ। ବୁଧବାର ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲା ମୂଲ୍ୟାୟନ କମିଟିର ଅଧ୍ୟକ୍ଷ ଥିବା ଜିଲାପାଳଙ୍କୁ ଜଣାଇ ଦିଆଯାଇଛି। ଏ ନେଇ ବିଭାଗ ପକ୍ଷରୁ ମଧ୍ୟ ଏକ ସର୍କୁଲାର ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ୨୦୨୦-୨୧ ଆର୍ଥିକବର୍ଷରେ ଜମିବାଡ଼ି, ପ୍ଲଟ୍ ଓ ଫ୍ଲାଟ ପାଇଁ ଯେଉଁ ମୂଲ୍ୟ ଥିଲା ତାହା ଚଳିତ ଆର୍ଥିକବର୍ଷରେ ମଧ୍ୟ ଲାଗୁ ରହିବ। ଜମିବାଡ଼ି ବିକ୍ରି ପାଇଁ ପୂର୍ବରୁ ଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** କଲେଜ ହତାରେ ପ୍ରାଣୀଙ୍କ ଯତ୍ନ


RSPL EVOLUTION IS CONSTANT

## ଘଡ଼ି ଧମାକା

ଘଡ଼ୀ ଡିଟର୍ଜେଣ୍ଟ

ସ୍କିମ୍ 2nd May 2021 ରୁ ଲାଗୁ

କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ

ଦୋକାନୀ ଭାଇମାନେ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ମାଗଣା ପ୍ୟାକେଟ୍ ଏବଂ ମାଗଣା ପିସ୍

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3kg ର 2*ବସ୍ତା | 3kg ର 1 ପ୍ୟାକେଟ୍ ମାଗଣା |
| 2kg ର 1*ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| 1kg ର 1*ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| 500g ର 1*ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| ₹10/- (130g) ର 1*ବସ୍ତା | ₹10/- (130g) ର 5 pcs. ମାଗଣା |
| ₹5/- (65g) ର 12 pcs. | ₹5/- (65g) ର 1 pcs. ମାଗଣା |

*Ghadi Powder: 3kgx10 pkts., 2kgx10pkts., 1kgx25 pkts., 500gx40 pkts., 130gx72pkts., 65x100 pkts.

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1@ ପେଟି | ₹5/- (85g/80g) ର 5 pcs. ମାଗଣା |

@Ghadi Cake: 85g/80gx100 pcs., 180g/170gx56 pcs., 300gx48 pcs., 155gx80 pcs.

| ସ୍ଲାବ୍ | ଘଡ଼ି ମେଶିନ୍ ୱାଶ୍ ମାଗଣା ପ୍ୟାକେଟ୍ |
|---|---|
| 1kg ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 500g ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| ₹10/- (100g) ର 1$ ବସ୍ତା | ₹10/- (100g) ର 5 pcs. ମାଗଣା |

$Ghadi Machine Wash: 1kgx12 pkts., 500gx24 pkts., 100gx60 pkts.

| ସ୍ଲାବ୍ | ଗ୍ଲୋରି ସାବୁନ୍ ମାଗଣା ପିସ୍ |
|---|---|
| 100g ର 1# ପେଟି | 55g ର 5 pcs. ମାଗଣା |
| 55g ର 1# ପେଟି | 55g ର 5 pcs. ମାଗଣା |

#Glori Soap: 100gx12 set = 48 pcs. (1set=100gx4), 55gx15 set = 60 pcs. (1set=55gx4)

Glori TOTAL CLEAN

ପ୍ରଥମେ ବ୍ୟବହାର କର, ପରେ ବିଶ୍ୱାସ କର

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।

B. UMA SHANKER (BHUBANESWAR): 7873096108, RAJESH KUMAR (SAMBHALPUR): 8709987942, DHEERENDRA VERMA (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : ✆ RSPL CARE 1800 120 2800


# କଳାବଜାର ଉପରେ କଡ଼ା ନଜର

### ଦୃଢ଼ କାର୍ଯ୍ୟାନୁଷ୍ଠାନ ଚେତାବନୀ

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

କରୋନାର ଦ୍ୱିତୀୟ ଲହର ଦ୍ରୁତ ସଂକ୍ରାମକ ହୋଇଥିବାରୁ ରାଜ୍ୟ ସରକାର ବୁଧବାରଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଲକ୍‌ଡାଉନ ଘୋଷଣା କରିଛନ୍ତି। ଲକ୍‌ଡାଉନ ଲାଗୁ ହେବା ପୂର୍ବରୁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ବୃଦ୍ଧି ଘଟିଛି। ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କଳାବଜାର ଉପରେ କଡ଼ା ନଜର ରଖିଛି। ଅତ୍ୟାବଶ୍ୟକ ସାମଗ୍ରୀର ବେଆଇନ ମହଜୁଦକାରୀ ଓ କଳାବଜାରକାରୀ ବିରୋଧରେ ସରକାର ଶୂନ୍ୟ ସହନଶୀଳ (ଜିରୋ ଟଲେରାନ୍ସ) ନୀତିକୁ ଜୋର ଦେଇଛନ୍ତି। ତଦନୁଯାୟୀ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହିତ ଜିଲା ଯୋଗାଣ ଅଧିକାରୀ ଓ ଅନ୍ୟ କ୍ଷେତ୍ର ଅଧିକାରୀମାନେ ନିଜେ ବୁଲି ବେଆଇନ୍ ମହଜୁଦକାରୀ ଏବଂ କଳାବଜାରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ☞ପୃଷ୍ଠା-୨

# ବିଳମ୍ବ ହୋଇପାରେ ମୌସୁମୀ

**ଭୁବନେଶ୍ୱର,୫।୫(ବ୍ୟୁରୋ)**



ଚଳିତବର୍ଷ ଗ୍ରୀଷ୍ମର ପ୍ରକୋପ ବଢ଼ିନାହିଁ। ଅଳ୍ପ କିଛିଦିନ ଗୋଟିଏ ଦୁଇଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଛୁଇଁଥିଲେ ମଧ୍ୟ ଲଗାତର ଝଡ଼ବର୍ଷା ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇଛି। ନିୟମିତ ବ୍ୟବଧାନରେ ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ଲାଗିରହୁଛି। ସାଧାରଣତଃ ଉପକୂଳ ଓଡ଼ିଶାରେ ଅଧିକ କାଳବୈଶାଖୀ ଦେଖିବାକୁ ମିଳିଥାଏ। ଚଳିତବର୍ଷ କୋରାପୁଟ, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ ଭଳି ଜିଲାରେ ଅଧିକ ଝଡ଼ବର୍ଷା ହେଉଛି। ଏଥିଯୋଗୁ ପରିବେଶ ଥଣ୍ଡା ରହୁଛି। ଆସନ୍ତା ୧୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ଝଡ଼ବର୍ଷା ହେବା ସମ୍ଭାବନା ରହିଛି। ଏଥିଯୋଗୁ ରାଜ୍ୟରେ ପାରଦ ୪୦ ଡିଗ୍ରୀ ତଳେ ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଯଦି ଏଭଳି ପାଗ ଜାରିରହିବ ତେବେ ଚଳିତ ବର୍ଷ ଓଡ଼ିଶାରେ ମୌସୁମୀ ସ୍ୱାଭାବିକ ରହିବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ଅନୁମାନ କରିଛନ୍ତି। ଏପ୍ରିଲ ଓ ମେ' ମାସରେ ଗରମ ବଢ଼ିଲେ ରାଜ୍ୟକୁ ମୌସୁମୀ ଆଗମନ ଠିକ୍ ସମୟରେ ହୋଇଥାଏ। ରାଜ୍ୟକୁ ସ୍ୱାଭାବିକ ବର୍ଷା ମଧ୍ୟ ମିଳିଥାଏ। ପାଣିପାଗ ବିଭାଗର ଅନୁମାନ ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ଭାବେ ମେ' ୨୦ରେ ଆଣ୍ଡାମାନ ଉପକୂଳ ଛୁଇଁଥାଏ। ଜୁନ୍ ୧ ସୁଦ୍ଧା କେରଳ ଏବଂ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ଓଡ଼ିଶାକୁ ପ୍ରବେଶ କରିଥାଏ। ଚଳିତବର୍ଷ ଗ୍ରୀଷ୍ମର ପ୍ରକୋପ ନ ଥିବାରୁ ଏହା ମୌସୁମୀ ଆଗମନକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗମନ ବିଳମ୍ବ ହୋଇପାରେ ବୋଲି ପାଣିପାଗ ☞ପୃଷ୍ଠା-୨

## ଲାଇଫ୍ ସାର୍ଟିଫିକେଟ ଦାଖଲ ଅବଧି ୩ ମାସ ଘୁଞ୍ଚିଲା

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟରେ କୋଭିଡ୍-୧୯ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପେନ୍‌ସନଧାରୀଙ୍କ ବାର୍ଷିକ ଲାଇଫ୍ ସାର୍ଟିଫିକେଟ ଦାଖଲ ଅବଧିକୁ ଆଉ ୩ ମାସ ବୃଦ୍ଧି କରିଛନ୍ତି। ଏଥିସହିତ ବ୍ୟକ୍ତିଗତ ଉପସ୍ଥିତ ନ ହୋଇ ମଧ୍ୟ ପ୍ରଥମ ପେନ୍‌ସନ ଓ ପରିବାର ପେନ୍‌ସନ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ପେନ୍‌ସନ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି।

**ଆଜିର ମନ୍ତବ୍ୟ**

" ବିଦେଶରୁ ମିଳିଥିବା କୋଭିଡ୍ ସହାୟତା କେଉଁଠି, କିପରି ବ୍ୟବହାର କରାଯାଇଛି ସେ ସମ୍ପର୍କରେ କେନ୍ଦ୍ର ସରକାର ଜନସାଧାରଣଙ୍କୁ ସବିଶେଷ ତଥ୍ୟ ଦିଅନ୍ତୁ। **–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**




## ଜନ୍ମଦିନର ଶୁଭେଚ୍ଛା


ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ଧାରକଣା ରାତି ହେଲେ ହୁଏ ବାଟବଣା ।**

ଅନ୍ଧାରକଣା ବ୍ୟକ୍ତିଙ୍କୁ ରାତିରେ ଭଲ ଦିଶି ନ ଥାଏ। ସଞ୍ଜ ନଇଁଲେ ନିଜ ଦୈନନ୍ଦିନ କାର୍ଯ୍ୟ କରିବାରେ ସେମାନେ ଦହଗଞ୍ଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରୁଆ ଚାଉଳ ଖିରି କି ଆମ ରାଇଜର ନୋହୁରେ ନାଗର କେତେ ଅନଉଛୁ ନିରେଖି ।**

ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଜିରେ ଟାଣି ହୋଇଯାଇଥାଏ। ଯୁବତୀଙ୍କୁ ରାସ୍ତାଘାଟରେ ଗଲାବେଳେ କେହି ତା'ର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଅନେଇଥାନ୍ତି। ତେବେ ଚିହ୍ନାଜଣା ନ ଥିବା ଅପରିଚିତ ବ୍ୟକ୍ତିଙ୍କର ଏପରି ନିରେଖି ଅନେଇ ରହିବା ଉକ୍ତ ଯୁବତୀ ପକ୍ଷେ ଆଦୌ ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କାଳବୈଶାଖୀ: ଗଛପଡ଼ି ୨ ମୃତ

ଶେରଗଡ,୫।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ପବନରେ ଗଛ ଭାଙ୍ଗି ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ବ୍ରାହ୍ମଣଛାଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୭୦) ଓ ବାବୁଲା ପ୍ରଧାନଙ୍କ ପୁଅ କାହ୍ନା (୧୨)। ପ୍ରବଳ ବର୍ଷା ପବନ ହେଉଥିବାରୁ ପୂର୍ଣ୍ଣଚନ୍ଦ୍ର ଓ କାହ୍ନା ସେମାନଙ୍କ ଗୁହାଳକୁ ଯାଇ ଗୋରୁ ଖୋଲି ଦେଇଥିଲେ। ଏହି ସମୟରେ ଏକ ବଡ଼ ଗଛ ଗୁହାଳ ଉପରେ ଭାଙ୍ଗି ପଡ଼ିବାରୁ ଉଭୟେ ଚାପି ହୋଇ ବାହାରି ପାରି ନ ଥିଲେ। ପ୍ରବଳ ବର୍ଷା କାରଣରୁ ଉଭୟଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା।

# ପଶ୍ଚିମବଙ୍ଗ ହିଂସା ବିରୋଧରେ ରାଜ୍ୟ ଭାଜପାର ଧାରଣା

**ଭୁବନେଶ୍ୱର, ୫।୫(ବ୍ୟୁରୋ):** ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସାରେ ଟିଏମସି କାର୍ଯ୍ୟକର୍ତ୍ତାମାନେ ଯେଉଁଭଳି ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ବର୍ବର ଓ ଅମାନୁଷିକ କାଣ୍ଡ ଭିଆଉଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏହା ବିରୋଧରେ ଭାଜପା ଦେଶବ୍ୟାପୀ ଧାରଣା ଦେଇଛି। ପ୍ରତ୍ୟେକ ନେତାମାନେ ନିଜ ଘର ବାହାରେ ବସି ପଶ୍ଚିମବଙ୍ଗ ହିଂସାକୁ ବିରୋଧ କରିଛନ୍ତି। ନିର୍ବାଚନ ଜିତିବା ପରେ ମମତା ବାନାର୍ଜୀ ଓ ତାଙ୍କ ଦଳ ଟିଏମସିର ନିର୍ବାଚନୀ ସ୍ଲୋଗାନ ''ଖେଲା ହୋବେ''କୁ ବର୍ତ୍ତମାନ ବାସ୍ତବରେ ପରିଣତ କରାଯାଉଛି। 'ହିଂସା, ଆତଙ୍କରାଜ ଓ ହତ୍ୟା' ଗଣତନ୍ତ୍ରର ପରିପନ୍ଥୀ ନୁହେଁ। ବଙ୍ଗଳାର ଗୋଟିଏ ହେଲେ କାର୍ଯ୍ୟକର୍ତ୍ତାଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ଏଭଳି ହିଂସାକାଣ୍ଡ ତୁରନ୍ତ ବନ୍ଦ ହେବା ଆବଶ୍ୟକ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ନିହାତି ଜରୁରୀ। ପଶ୍ଚିମବଙ୍ଗ ରାଜନୈତିକ ହିଂସାକାଣ୍ଡ ବିରୋଧରେ ବିରୋଧୀ ଦଳଗୁଡିକ କାହିଁକି ମୁହଁ ଖୋଲୁ ନାହାନ୍ତି ବୋଲି ସମୀର ପ୍ରଶ୍ନ କରିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ଉପବାସ

ବାଲେଶ୍ୱର ଅଫିସ/ ସଜନାଗଡ଼,୫।୫ (ଡି.ଏନ.ଏ.): ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସାକୁ ବିରୋଧ କରି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ତାଙ୍କର ନୀଳଗିରି ଗୋପୀନାଥପୁର ସ୍ଥିତ ବାସଭବନରେ ବୁଧବାର ପୂର୍ବାହ୍ନରୁ ଉପବାସ କରି ଧାରଣା ଦେଇଛନ୍ତି। ଗୁରୁବାର ସେ ମୌନବ୍ରତ କରିବେ। ନୀଳଗିରିର ଭାଜପା କାର୍ଯ୍ୟକର୍ତ୍ତାମାନେ ମଧ୍ୟ ଉପବାସ ଓ ଧାରଣାରେ ସାମିଲ ହୋଇଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜୟନାରାୟଣ ମହାନ୍ତି, ପଦ୍ମଲୋଚନ ପଣ୍ଡା, ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ପ୍ରମୁଖ ବହୁ ବରିଷ୍ଠ ଓ ଦଳୀୟ କାର୍ଯ୍ୟକର୍ତ୍ତା ନିଜ ନିଜ ବାସଭବନରେ ଉପବାସ ରହି ପ୍ରତିବାଦ ଜଣାଇଛନ୍ତି।

# ପରୀ ହତ୍ୟା ମାମଲା ପରବର୍ତ୍ତୀ ଶୁଣାଣି ୭ରେ

ନୟାଗଡ଼ ଅଫିସ,୫।୫:ନୟାଗଡ଼ର ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ବୁଧବାର ନାବାଳକ କଲେଜ ଛାତ୍ରଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟରେ ଶୁଣାଣି ହୋଇଛି। ବିଚାରପତି ଏସ୍.କେ. ପାଣିଗ୍ରାହୀ ଏହାର ଶୁଣାଣି କରିଥିଲେ । ପରବର୍ତ୍ତୀ ଶୁଣାଣି ୭ ତାରିଖରେ ହେବ ବୋଲି ତାରିଖ ଧାର୍ଯ୍ୟ କରାଯାଇଛି। ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦଙ୍କ ସୂଚନା ଅନୁସାରେ କଲେଜ ଛାତ୍ରଙ୍କ ଭଉଣୀ ବାହାଘର ଆସନ୍ତା ୯ ତାରିଖରେ ହେବ। ଏଣୁ ଆମ ପକ୍ଷରୁ ମଧ୍ୟବର୍ତ୍ତିକାଳୀନ ଜାମିନ ପାଇଁ ଆବେଦନ ହୋଇଥିଲା ।

## ପ୍ରଥମ ପୃଷ୍ଠାରୁ...

### ଜଣାନାହିଁ କେବେ, ...

ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, କରୋନାର ତୃତୀୟ ଲହର ଆସିବାର ଯଥେଷ୍ଟ ସମ୍ଭାବନା ରହିଥିବା ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ ମଙ୍ଗଳବାର କହିଥିଲେ। ସଂକ୍ରମଣ ରୋକିବାକୁ ହେଲେ ନାଇଟ୍ କର୍ଫ୍ୟୁ କି ସପ୍ତାହାନ୍ତ ଶଟ୍‌ଡାଉନ ନୁହେଁ, ଏକ ଦୀର୍ଘମିଆଦୀ ଲକ୍‌ଡାଉନର ଆବଶ୍ୟକତା ଥିବା ସେ କହିଛନ୍ତି। କୋଭିଡ୍ ମୁକାବିଲା ପାଇଁ ହସ୍ପିଟାଲ ଭିତ୍ତିଭୂମିର ବିକାଶ, ସଂକ୍ରମଣ କମାଇବା ଦିଗରେ ବଳିଷ୍ଠ ପଦକ୍ଷେପ ଏବଂ ସମସ୍ତଙ୍କୁ ଟିକାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। କୋଭିଡ୍‌ର ପ୍ରଥମ ଲହରରେ ବରିଷ୍ଠ ନାଗରିକ ଅଧିକ ଆକ୍ରାନ୍ତ ହେଉଥିବାବେଳେ ଦ୍ୱିତୀୟ ଲହରରେ ଯୁବବର୍ଗ ଅଧିକ ସଂକ୍ରମିତ ହେଉଛନ୍ତି। ଆଗାମୀ ସେପ୍ଟେମ୍ବର ମାସ ବେଳକୁ ତୃତୀୟ ଲହର ଆସିବା ସମ୍ଭାବନା ଥିବାବେଳେ ଏହା ଶିଶୁଙ୍କ ପାଇଁ ବିପଦ ଆଣିବ ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ। ସେଥିପାଇଁ କମ୍ ବୟସ୍କମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆରମ୍ଭ କରିବାକୁ ଶିଶୁରୋଗ ବିଶେଷଜ୍ଞମାନେ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଗତ ୨୪ ଘଣ୍ଟାରେ ଦେଶରେ ୩,୮୨,୩୧୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଦୈନିକ ମୃତ୍ୟୁସଂଖ୍ୟା ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଦିନକରେ ସର୍ବାଧିକ ୩,୭୮୦ ଆକ୍ରାନ୍ତଙ୍କ ଜୀବନ ଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୦୬,୬୫,୧୪୮କୁ ବୃଦ୍ଧି ପାଇଥିବାବେଳେ ସକ୍ରିୟ ମାମଲା ୩୪,୮୭,୨୨୯ରେ ପହଞ୍ଚିଛି। ସେହିପରି ସମୁଦାୟ ମୃତ୍ୟୁସଂଖ୍ୟା ୨,୨୬,୧୮୮କୁ ବୃଦ୍ଧି ପାଇଛି। ମହାରାଷ୍ଟ୍ରରେ ୮୯୧ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଉତ୍ତରପ୍ରଦେଶରେ ୩୫୧ ଜଣଙ୍କ ଜୀବନ ଯାଇଛି। ଦିନକରେ ମହାରାଷ୍ଟ୍ରରେ ସର୍ବାଧିକ ୫୧,୮୮୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କର୍ଣ୍ଣାଟକରେ ୪୪,୬୩୧, କେରଳରେ ୩୭,୧୯୦, ଉତ୍ତରପ୍ରଦେଶରେ ୨୫,୭୭୦ ଏବଂ ତାମିଲନାଡୁରେ ୨୧,୨୨୮ ଜଣ ଗୋଟିଏ ଦିନରେ ସଂକ୍ରମିତ ହୋଇଛନ୍ତି। ମୋଟ ସଂକ୍ରମଣର ୪୭.୨୬ ପ୍ରତିଶତ କେବଳ ଏହି ୫ ରାଜ୍ୟରୁ ରିପୋର୍ଟ ହୋଇଛି। ଏହି ରାଜ୍ୟଗୁଡ଼ିକ ସମେତ ପଶ୍ଚିମବଙ୍ଗ, ରାଜସ୍ଥାନ, ବିହାରକୁ ମିଶାଇ ୧୨ଟି ପ୍ରଦେଶରେ ଲକ୍ଷେରୁ ଊର୍ଦ୍ଧ୍ୱ ସକ୍ରିୟ ମାମଲା ଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଶିଶୁ, କିଶୋରଙ୍କୁ ...

ସ୍ୱାସ୍ଥ୍ୟ ପରୀକ୍ଷା ନ କରି ୨ ମାସରେ ଥରେ କରନ୍ତୁ। ଗର୍ଭାବସ୍ଥାରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ଅଲଟ୍ରାସାଉଣ୍ଡ୍ କରନ୍ତୁ। ଗର୍ଭବତୀ ମହିଳା କରୋନା ଟିକା ନେବା ଉଚିତ ନୁହେଁ। ଯଦି କେହି ଟିକାର ପ୍ରଥମ ଡୋଜ୍ ନେବା ପରେ ଗର୍ଭଧାରଣ କରନ୍ତି, ତେବେ ଦ୍ୱିତୀୟ ଡୋଜ୍ ଟିକା ନିଅନ୍ତୁ ନାହିଁ। ସେହିପରି ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମା' ମଧ୍ୟ କରୋନା ଟିକା ନେଇପାରିବେ ନାହିଁ ବୋଲି ଡା. କର କହିଛନ୍ତି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରି କହିଛନ୍ତି ଯେ, କରୋନାରେ ଆକ୍ରାନ୍ତ ହେଲେ ଭୟଭୀତ ହୁଅନ୍ତୁ ନାହିଁ। ଲକ୍ଷଣ ନ ଥିଲେ ଘରେ ରହି ଡାକ୍ତରଙ୍କ ପରାମର୍ଶ ନେଇ ସୁସ୍ଥ ହୁଅନ୍ତୁ। ୯୦ ପ୍ରତିଶତ ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ରହି ଭଲ ହେଉଛନ୍ତି। ଔଷଧ ଖାଇବା ପରେ ଯଦି ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ଡାକ୍ତରଙ୍କୁ ଜଣାଇବା ସହ ତାଙ୍କ ପରାମର୍ଶକ୍ରମେ ହସ୍ପିଟାଲ ଯିବା ଆବଶ୍ୟକ। କିନ୍ତୁ ତରବରିଆ ହୋଇ ହସ୍ପିଟାଲ ଯିବା ଅନୁଚିତ। ଶରୀରରେ ଅକ୍ସିଜେନ ମାତ୍ରା କମିଗଲେ କିଛି ସମୟ ପର୍ଯ୍ୟନ୍ତ ମୁହଁ ମାଡ଼ି ହୋଇ ଶୋଇପଡ଼ିବେ। ଏହାପରେ ପ୍ରଥମେ ବାମ କଡ଼ ପରେ ଡାହାଣ କଡ଼ ମାଡ଼ି ଶୋଇବେ। ତା'ପରେ କିଛି ସମୟ ଆଉଜି ହୋଇ ବସିଲେ ଶରୀରରେ ଅକ୍ସିଜେନ ମାତ୍ରା ସ୍ୱାଭାବିକ ସ୍ତରକୁ ଆସିଯିବ ବୋଲି ସେ କହିଛନ୍ତି।

### ଋଣ ପଇଠରେ ଆଶ୍ୱସ୍ତି ...

ଲଢେଇରେ ଥିବା ଭିତ୍ତିଭୂମି ଏବଂ ସେବା ଯୋଗାଣକାରୀ ଲାଭବାନ ହୋଇପାରିବେ ବୋଲି କୁହାଯାଉଛି। ଅଗ୍ରାଧିକାର କ୍ଷେତ୍ର ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ବ୍ୟାଙ୍କଗୁଡ଼ିକୁ ଉତ୍ସାହିତ କରାଯିବ। ସେହିଭଳି କୋଭିଡ୍ ସଂକ୍ରାନ୍ତ ଚାପଗ୍ରସ୍ତ ସମ୍ପତ୍ତି ରିଜୋଲ୍ୟୁଶନ ଫ୍ରେମ୍‌ୱାର୍କ ୨.୦ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହା ଅଧୀନରେ ବ୍ୟକ୍ତି ବିଶେଷ, କ୍ଷୁଦ୍ର ବାଣିଜ୍ୟ ଏବଂ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣକୁ ପୁନର୍ଗଠନ କରିବା ସୁବିଧା ପାଇବେ। ଏଥିଲାଗି ୨ ବର୍ଷ ଯାଏ ସମୟ ଦିଆଯାଇଛି। ଏ ସଂକ୍ରାନ୍ତ ୱିଣ୍ଡୋ ସେପ୍ଟେମ୍ବର ଯାଏ ଖୋଲା ରହିବ। ବ୍ୟକ୍ତି ବିଶେଷଙ୍କଠାରୁ ଏ ନେଇ ଅନୁରୋଧ ପାଇବା ପରେ ବ୍ୟାଙ୍କ ୯୦ ଦିନ ମଧ୍ୟରେ ଏହି ସୁବିଧା ଦେବେ। ଗତ ବର୍ଷ ସୁବିଧା ନେଇ ନ ଥିବା ବ୍ୟକ୍ତିବିଶେଷ ଏବଂ ସଂସ୍ଥା ଏହାର ଲାଭ ଉଠାଇପାରିବେ। ସେହିଭଳି ରାଜ୍ୟ ସରକାରଗୁଡିକ ଲାଗି ଓଭର ଡ୍ରାଫ୍ଟ ସୁବିଧା ଗ୍ରହଣ ନିୟମରେ କିଛିଟା କୋହଳ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ୩୦ ଯାଏ ଏହାର ଲାଭ ନେଇ ହେବ। ସେହିଭଳି କେୱାଇସି ଅନୁପାଳନ ନିୟମ ମଧ୍ୟ କୋହଳ ହୋଇଛି। ଚଳିତ ବର୍ଷ ଡିସେମ୍ବର ଶେଷ ଯାଏ ବ୍ୟାଙ୍କଗୁଡିକ ଏ ନେଇ ଗ୍ରାହକଙ୍କୁ ବାଧ୍ୟ ନ କରିବା ଲାଗି ଆର୍‌ବିଆଇ କହିଛି। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭିଡିଓ ଭିତ୍ତିକ କେୱାଇସି କରାଇବା ଲାଗି ନିର୍ଦ୍ଦେଶ ରହିଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱିତୀୟ ପର୍ଯ୍ୟାୟ ସରକାରୀ ପ୍ରତିଭୂତି କ୍ରୟ ଅଧୀନରେ ୨ ସପ୍ତାହ ମଧ୍ୟରେ ୩୫ ହଜାର ଟଙ୍କାର କାରବାର କରିବ ବୋଲି ଜଣାପଡିଛି। କରୋନାର ଦ୍ୱିତୀୟ ଲହରକୁ ନେଇ ଆର୍‌ବିଆଇ ଚିନ୍ତା ପ୍ରକଟ କରିଛି। ଅର୍ଥ ବ୍ୟବସ୍ଥା ଅଣ୍ଟା ସଳଖି ଛିଡ଼ାହେବାକୁ ଚେଷ୍ଟା କରିବାକୁ ଆରମ୍ଭ କରିଥିବା ବେଳେ ପୁଣି ଥରେ ଏହା ଉପରେ ଚାପ ପଡିଛି। ସ୍ଥିତି ଉପରେ ଲଗାତର ନଜର ରଖାଯାଇଥିବା ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବଜାର ଉପରେ ପଡୁଥିବା ଚାପକୁ ନଜରକୁ ବିଚାରକରି ବାଣିଜ୍ୟ କ୍ଷେତ୍ର ଲାଗି କିଛି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ମତ ରଖିଛନ୍ତି। କୋଭିଡ୍‌ଜନିତ ବଜାରର ସମସ୍ୟା ସମାଧାନ କରିବା ପାଇଁ ଆର୍‌ବିଆଇ ଏହାର ବିଭିନ୍ନ ଟୁଲ୍ ବ୍ୟବହାର କରିବ। ଏ ନେଇ ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ସରକାରଙ୍କ ସହ ମିଳିତ ହୋଇ କାମ କରୁଛି। ଆର୍ଥିକ ସ୍ଥିତି ଠିକ୍ ରଖିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ନେଉଛି। ବଜାର ଦକ୍ଷ ଭାବେ କାମ କରିବା ଜାରି ରଖିବ ବୋଲି ଗଭର୍ନର ଆଶାବାଦୀ ରହିଛନ୍ତି। ବିଶ୍ୱ ବଜାରର ଅଭିବୃଦ୍ଧି ନେଇ ଆଶଙ୍କା ପ୍ରକଟ ପାଇଛି। ଏହା ନିମ୍ନଗାମୀ ରହିପାରେ। ଏହାବାଦ କ୍ଷୁଦ୍ର ଋଣଗ୍ରହୀତା, ଏମ୍‌ଏସ୍‌ଏମ୍‌ଇ ଏବଂ ବ୍ୟକ୍ତି ବିଶେଷଙ୍କ ସମସ୍ୟା ବୃଦ୍ଧି ପାଇବ। ବର୍ତ୍ତମାନ କେନ୍ଦ୍ରୀୟ ବ୍ୟାଙ୍କ କାର୍ଯ୍ୟକୁ ଜାରି ରଖିବା ଲାଗି ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଏବଂ ସେବା ଯୋଗାଣକାରୀ ସେମାନଙ୍କ ଘରଠାରୁ ବାହାରେ ରହି ବର୍ତ୍ତମାନ କାମ କରୁଛନ୍ତି। ତ୍ୱରିତ ଭିତ୍ତିରେ ଜୀବନ ରକ୍ଷା ଏବଂ ଜୀବିକାକୁ ଟ୍ରାକ୍‌କୁ ଆଣିବା ଏକ ଚ୍ୟାଲେଞ୍ଜ ହୋଇଥିବା ଗଭର୍ନର ମତ ପ୍ରକାଶ କରିଛନ୍ତି।

### ବିଳମ୍ବ ହୋଇପାରେ ...

ବିଶେଷଜ୍ଞ ମତ ଦେଉଛନ୍ତି। ଚଳିତ ବର୍ଷ ଓଡ଼ିଶାରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ପୂର୍ବରୁ ପାଣିପାଗ ବିଭାଗ ଅନୁମାନ କରିଥିଲା। ଏପ୍ରିଲ ଓ ମେ'ରେ ଗରମ ବଢୁ ନ ଥିବାରୁ ମୌସୁମୀ ପାଇଁ ପାଗ ଅନୁକୂଳ ହେବା ସମ୍ଭାବନା କମ୍ ରହିଛି। ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ମୌସୁମୀ ଓଡ଼ିଶା ଛୁଇଁଲେ ମଧ୍ୟ ବର୍ଷା ଆଶାନୁରୂପ ହୋଇ ନ ପାରେ । ଚଳିତ ବର୍ଷର ଜଳବାୟୁ ମୌସୁମୀ ପାଇଁ କେତେ ଅନୁକୂଳ ହେଉଛି ତାହା ଆଉ ୩ ସପ୍ତାହ ମଧ୍ୟରେ ଜଣାପଡ଼ିବ। ସୂଚନାଯୋଗ୍ୟ ଯେ, ଗତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକଠାରୁ ୪ ପ୍ରତିଶତ ଅଧିକ ବର୍ଷା ଦେଇଥିଲା। ଜୁଲାଇରେ ଶୁଖିଲା ପକାଇଥିଲେ ମଧ୍ୟ ଅଗଷ୍ଟରୁ ଅକ୍ଟୋବର ତୃତୀୟ ସପ୍ତାହ ଯାଏ ଲଗାତର ଲଘୁଚାପଜନିତ ବର୍ଷା ଯୋଗୁ ବର୍ଷା ଅଭାବ ଭରଣା ହୋଇଯାଇଥିଲା। ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୨୫୦ ମିଲିମିଟର ବର୍ଷା ହେବାକୁ ଥିବାବେଳେ ୧୩୦୨ ମିଲିମିଟର ହୋଇଥିଲା। ମାଲକାନଗିରି ଓ ଝାରସୁଗୁଡ଼ା ଜିଲାରେ ଅଧିକ ବର୍ଷା ହୋଇଥିଲା। ଜୁନ୍ ପହିଲାରୁ ଅକ୍ଟୋବର ୨୭ ମଧ୍ୟରେ ରାଜ୍ୟରେ ୧୦ ଲଘୁଚାପ ସୃଷ୍ଟି ହୋଇଥିଲା। ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୧୧ରେ ରାଜ୍ୟକୁ ପ୍ରବେଶ କରିଥିଲା। ଜୁନ୍‌ରେ ସାଧାରଣ ବୃଷ୍ଟିପାତଠାରୁ ୯.୩ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ଜୁଲାଇରେ ୩୪.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। ଅଗଷ୍ଟରେ ୪୫.୨ ପ୍ରତିଶତରୁ ଅଧିକ ବର୍ଷା ହୋଇଥିଲା। ଅଗଷ୍ଟରେ ୧୭ ଜିଲାରେ ସାଧାରଣ ବୃଷ୍ଟିପାତ (୧୯%)ଠାରୁ ଅଧିକ ହୋଇଥିବାବେଳେ ୧୨ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିଲା। ଅଗଷ୍ଟରେ ୪ ଲଘୁଚାପ ହୋଇଥିଲା। ଫଳରେ ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ହୋଇଥିଲା। ଏହି ବନ୍ୟାରେ ଯାଜପୁର, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲା ଅଧିକ ପ୍ରଭାବିତ ହୋଇଥିଲା।

### ଦ୍ୱିତୀୟ ଦିନ ଲାଗି ...

ଏବଂ ଡିଜେଲ ଦର ଯଥାକ୍ରମେ ୯୦.୭୪ ଟଙ୍କା ଏବଂ ୮୧.୧୨ ଟଙ୍କା ଛୁଇଁଛି। ସେହିଭଳି ମୁମ୍ବାଇରେ ଯଥାକ୍ରମେ ୯୭.୧୨ ଟଙ୍କା, ୮୮.୧୯ ଟଙ୍କା, ଚେନ୍ନାଇରେ ୯୨.୭୦ ଟଙ୍କା ଏବଂ ୮୬.୦୯ ଟଙ୍କା ଥିବା ବେଳେ କଲିକତାରେ ୯୦.୯୨ ଟଙ୍କା ଏବଂ ୮୩.୯୮ ଟଙ୍କା ଛୁଇଁଛି। ଚଳିତ ବର୍ଷ ଜାନୁୟାରୀ ପରଠାରୁ ଇନ୍ଧନ ଦର ରେକର୍ଡ ସ୍ତରରେ ରହିଛି। ପେଟ୍ରୋଲ ଏବଂ ଡିଜେଲ ଦର ଏହା ମଧ୍ୟରେ ପ୍ରାୟ ୨୬ ଥର ବଢିଲାଣି। ଫଳରେ ପେଟ୍ରୋଲ ୭.୪୬ ଟଙ୍କା ଏବଂ ଡିଜେଲ ୭.୬୦ ଟଙ୍କା ମହଙ୍ଗା ହୋଇଛି। ଉଲ୍ଲେଖଯୋଗ୍ୟ, ନିର୍ବାଚନ ଯୋଗୁ ତୈଳ ବିପଣନ କମ୍ପାନୀଗୁଡିକ ପେଟ୍ରୋଲ,ଡିଜେଲ ଦରରେ କୌଣସି ପରିବର୍ତ୍ତନ କରୁ ନ ଥିଲେ। ନିର୍ବାଚନ ଶେଷ ହେବା ପରେ ଦର ପୁଣି ଥରେ ବଢିବ ବୋଲି ଆଶଙ୍କା କରାଯାଉଥିଲା। ନିର୍ବାଚନ ଗୋଟିଏ ଦିନ ପରେ ତେଲ ଦର ପୁଣି ଥରେ ବୃଦ୍ଧି ପାଇଥିବା ନଜରକୁ ଆସିଛି। କମ୍ପାନୀଗୁଡିକ ଗତ ୧୮ ଦିନ ପରେ ତେଲ ଦରରେ ଏଭଳି ପରିବର୍ତ୍ତନ କରିଛନ୍ତି। ଗତ ଫେବୃୟାରୀ ୨୮ରୁ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ତେଲ ଦର ବଢ଼ି ନ ଥିଲେ ମଧ୍ୟ ଏହି ଅବଧିରେ ଦର ପ୍ରାୟ ୭୦ ପଇସା କମିଥିଲା।

### ମମତାଙ୍କ ତୃତୀୟ ...

ପାଇଁ ସେ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରିଥିଲେ। ସମ୍ବିଧାନ ଓ ଆଇନର ନିୟମାବଳୀ ଅନୁଯାୟୀ ମମତା ଶାସନ କରିବେ ବୋଲି ରାଜ୍ୟପାଳ ଧନକର ଆଶାବ୍ୟକ୍ତ କରିଥିଲେ। ଶପଥ ଉତ୍ସବରେ ବରିଷ୍ଠ ଟିଏମ୍‌ସି ନେତା ପାର୍ଥ ଚାଟାର୍ଜୀ, ସୁବ୍ରତ ମୁଖାର୍ଜୀ, ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର, ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା, ବାମଦଳ ଏବଂ କଂଗ୍ରେସ ନେତା ଉତ୍ସବରେ ଯୋଗ ଦେଇ ନ ଥିଲେ।

### କଳାବଜାର ଉପରେ ...

କରିବା ନିମନ୍ତେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ରାଜ୍ୟରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ବର୍ତ୍ତମାନ ରାଜ୍ୟରେ ଚାଉଳ, ଡାଲି ଓ ଗହମଜାତୀୟ ଦ୍ରବ୍ୟ ଯଥା- ଅଟା, ମଇଦା, ସୁଜି ଏବଂ ଖାଇବା ତେଲ, ଆଳୁ, ପିଆଜ, ଚିନି ଇତ୍ୟାଦି ଖାଉଟି ସାମଗ୍ରୀ ଚାହିଦାଠାରୁ ଅଧିକ ରହିଛି। ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ୍ ଲାଗୁ ହୋଇଥିଲେ ମଧ୍ୟ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ପରିବା, କ୍ଷୀର ଓ ମାଛମାଂସ ଦୋକାନ ସକାଳ ୬ଟାରୁ ଅପରାହ୍ନ ୧୨ଟା ଯାଏ ଖୋଲା ରହୁଛି। ଏହାସହ ଅତ୍ୟାବ୍ୟଶକ ସାମଗ୍ରୀର ଆମଦାନୀ ଓ ପରିବହନରେ କୌଣସି କଟକଣା ନାହିଁ। ତେଣୁ ଜନସାଧାରଣ କେବଳ ନିଜର ଆବଶ୍ୟକତା ଅନୁଯାୟୀ ଖାଉଟି ସାମଗ୍ରୀ କିଣିବା ନିମନ୍ତେ ମନ୍ତ୍ରୀ ସ୍ୱାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଭୟଭୀତ ହୋଇ ଅଯଥାରେ ଅଧିକ ପରିମାଣରେ ସାମଗ୍ରୀ କିଣି ମହଜୁଦ ନ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟୀମାନେ ମଧ୍ୟ ସାମଗ୍ରୀର ଚାହିଦା ଅନୁଯାୟୀ ଆମଦାନୀ କରୁଛନ୍ତି। ଯୋଗାଣ ବିଭାଗ କର୍ମଚାରୀମାନେ ଏହାର ତଦାରଖ କରି ଦୈନନ୍ଦିନ ରିପୋର୍ଟ ସରକାରଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଜନସାଧାରଣ କୌଣସି ଗୁଜବରେ ବିଶ୍ୱାସ ନ କରି ନିଜର ଆବଶ୍ୟକତା ଅନୁଯାୟୀ ସାମଗ୍ରୀ କିଣାକିଣି କରିବା ସହିତ କଳାବଜାର ରୋକିବା ପାଇଁ ସରକାରଙ୍କୁ ସହଯୋଗ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

### ଚଳିତବର୍ଷ ବଢ଼ିବନି ...

ରେଜିଷ୍ଟ୍ରେଶନ ଫି' ଅପରିବର୍ତ୍ତିତ ରହିବ। ଗତବର୍ଷ କେବଳ ଖୋର୍ଦ୍ଧା ଓ ବରଗଡ଼ ଜିଲା ପାଇଁ ଜମିର ବେଞ୍ଚମାର୍କ ମୂଲ୍ୟ ୧୦%ବୃଦ୍ଧି କରାଯାଇଥିଲା। ପରେ ଉକ୍ତ ବୃଦ୍ଧି ସମ୍ପର୍କିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଇଥିଲା।

# ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୨୪ ହଟାଇବାକୁ ଜନସ୍ୱାର୍ଥ ମାମଲା

**କଟକ ଅଫିସ, ୫।୫:** ପଞ୍ଚାୟତର ସରପଞ୍ଚ ସିଧାସଳଖ ପ୍ରତ୍ୟକ୍ଷ ନିର୍ବାଚନରେ ଭାଗ ନେଇ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। କିନ୍ତୁ ୱାର୍ଡ ମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ଆଣି ତାଙ୍କୁ ଗାଦିରୁ ହଟାଇ ଦେଇଥାନ୍ତି। ଯାହା କି ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ୧୯୬୪ ମସିହା ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୨୪ରେ ୱାର୍ଡ ମେମ୍ବରମାନଙ୍କୁ ଏହି କ୍ଷମତା ଦିଆଯାଇଛି। ତେବେ ଏହି ଧାରାକୁ ହଟାଇବା ଲାଗି ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ବୁଧବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ସେ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି, ଏହି ଆଇନକୁ ଉଚ୍ଛେଦ କରାଯିବାର ଆବଶ୍ୟକତା ରହିଛି। ସ୍ଥାନୀୟ ଏମ୍‌ପି ଏବଂ ବିଧାୟକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ଆଇନ ବଳବତ୍ତର ରହିଛି। ଅପରପକ୍ଷରେ ୧୯୯୩ ମସିହାରେ ସମ୍ବିଧାନରେ ୭୩ ତମ ସଂଶୋଧନ କରାଯାଇ ପଞ୍ଚାୟତଗୁଡ଼ିକୁ ୨୯ଟି ବିଭାଗର କ୍ଷମତା ହସ୍ତାନ୍ତର କରାଯାଇଛି। କିନ୍ତୁ ଅଦ୍ୟାବଧି ରାଜ୍ୟ ସରକାର ଏହିସବୁ କ୍ଷମତାକୁ ପଞ୍ଚାୟତଗୁଡ଼ିକୁ ପ୍ରଦାନ କରୁନାହାନ୍ତି। ତେଣୁ ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ସଚିବ, ଆଇନ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଶବାଗାରରେ ମହିଳାଙ୍କ ମୃତଦେହ ମୂଷା ଖାଇଗଲେ

ଆଜମଗଡ଼, ୫।୫: ଉତ୍ତରପ୍ରଦେଶର ଆଜମଗଡ଼ ଜିଲାର ଏକ ହସ୍ପିଟାଲ ଶବାଗାରରେ ଜଣେ ମହିଳାଙ୍କ ମୃତଦେହ ୪ ଦିନ ପଡ଼ିରହିବା ଫଳରେ ଏହାକୁ ମୂଷା ଓ ପିମ୍ପୁଡ଼ି ଖାଇଯାଇଛନ୍ତି। ଦୁର୍ଘଟଣାରେ ଆହତ ଅପରିଚିତ ମହିଳାଙ୍କୁ ଗତ ମାସ ୨୯ରେ ବଳରାମପୁର ମଣ୍ଡଳ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତା' ପରଦିନ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପାଇଁ ମୃତଦେହ ଶବାଗାରକୁ ପଠାଇ ଦିଆଯିବା ସହ ପୋଲିସକୁ ସୂଚନା ଦିଆଯାଇଥିଲା। ମୃତଦେହକୁ ମୂଷା, ପିମ୍ପୁଡ଼ି ଖାଇବା ଘଟଣାରେ ପୋଲିସ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରାଯାଇଛି।

# କରୋନାରେ ଏନ୍‌ଏସ୍‌ଜି କମାଣ୍ଡୋଙ୍କ ପରଲୋକ

ନୂଆଦିଲ୍ଲୀ, ୫।୫: କରୋନାରେ ଆକ୍ରାନ୍ତ ହୋଇଥିବା ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ(ଏନ୍‌ଏସ୍‌ଜି) କମାଣ୍ଡୋ ବି. କେ. ଝା(୫୪)ଙ୍କ ବୁଧବାର ପରଲୋକ ଘଟିଛି। ଆମ୍ବୁଲାନ୍ସ ଓ ଭେଣ୍ଟିଲେଟର ଯୋଗାଡ ହୋଇ ନ ପାରିବାରୁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ଏପ୍ରିଲ ୧୯ରେ ସେ କରୋନାରେ ସଂକ୍ରମିତ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଗ୍ରେଟର ନୋଏଡାସ୍ଥିତ ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସେସ୍(ସିଏପିଏଫ୍) ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ରାତିରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଭେଣ୍ଟିଲେଟରର ଆବଶ୍ୟକତା ପଡ଼ିଥିଲା। ହେଲେ ହସ୍ପିଟାଲର ଦୁଇଟିଯାକ ଭେଣ୍ଟିଲେଟର ଅଚଳ ହୋଇପଡ଼ିଥିଲା। ସମୟ ମଧ୍ୟରେ ଆମ୍ବୁଲାନ୍ସ ଓ ଭେଣ୍ଟିଲେଟର ଯୋଗାଡ଼ ହୋଇ ନ ପାରିବାରୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି।

# ୩ ଲୋକ ସଭା, ୮ ବିଧାନସଭା ଉପନିର୍ବାଚନ ସ୍ଥଗିତ

ନୂଆଦିଲ୍ଲୀ, ୫।୫: କୋଭିଡ୍-୧୯ ପରିସ୍ଥିତି ଯୋଗୁ ଭାରତର ନିର୍ବାଚନ କମିଶନ ୩ଟି ଲୋକ ସଭା ଏବଂ ୮ଟି ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ସ୍ଥଗିତ ରଖିଛନ୍ତି। ସ୍ଥିତିରେ ସୁଧାର ଆସିଲେ ନିର୍ବାଚନ ନେଇ ନିଷ୍ପତ୍ତି ନିଆଯିବ ବୋଲି ବୁଧବାର କମିଶନ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି। ଏବେ ଦାଦ୍ରା ଏବଂ ନଗର ହାବେଳି, ମଧ୍ୟପ୍ରଦେଶର ଖଣ୍ଡୱା ଓ ହିମାଚଳ ପ୍ରଦେଶର ମଣ୍ଡି ଲୋକ ସଭା ଆସନ ଖାଲି ପଡ଼ିଛି। ସେହିପରି ହରିୟାଣା, ରାଜସ୍ଥାନ, କର୍ଣ୍ଣାଟକ, ମେଘାଳୟ, ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଅଛି।


# classifieds Everyday
0674-2580101, 2549302




SALE

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30' ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999. D-70846

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830




New Opening Saikrupa Panchakarma and Spa Joint Pain, Fullbody Massage. 8984068077. D-65917

Newly open Spa Offer @599/-, positively health benefits, Jaydevbihar. 7846814019. D-59990

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଆପଣ କଥା କହିବାରେ କଠୋରତା କାରଣରୁ କଳହର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ଲାଭ କରିବାରେ ଅସୁବିଧା ହେବନାହିଁ। ଆତ୍ମୀୟଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ। ଇଚ୍ଛା ବିରୁଦ୍ଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ।

**ବୃଷ**



ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଅଳ୍ପ ସମୟ ମଧ୍ୟରେ ସବୁ ଠିକ୍ ହୋଇଯିବ। ବାହାର ଲୋକଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାଙ୍ଗସାଥୀମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପଡ଼ୋଶୀଙ୍କଠାରୁ ଅର୍ଥ ସାହାଯ୍ୟଲାଭ କରି କାମ ହାସଲ କରିବେ।

**ମିଥୁନ**



ମନରେ ବିଭିନ୍ନ ପ୍ରକାର କଳ୍ପନାର ରଙ୍ଗିନ୍ ପ୍ରତିଛବି ଉଙ୍କି ମାରିପାରେ। ବ୍ୟବସାୟକୁ ନୂତନ ରୂପ ଦେବାର ପରିକଳ୍ପନା କରି ତଦନୁଯାୟୀ ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି। ଜଣେ ବନ୍ଧୁ ଆର୍ଥିକ ଓ ବାଚନିକ ସାହାଯ୍ୟ କରିବେ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ମଧ୍ୟ ହେବେ।

**କର୍କଟ**



ଦୀର୍ଘଦିନର ପ୍ରତୀକ୍ଷା ପରେ କୌଣସି ସୂଚନା ଲାଭ କରି ଅପୂର୍ବ ଆନନ୍ଦ ଅନୁଭବ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଭୁଲ୍ ବୁଝାମଣା ହେତୁ ପରିବାରରେ ଟଣାଓଟରା ଦେଖାଦେଇପାରେ। ପ୍ରକାଶନ, ପ୍ରଶାସନ, ରାଜନୀତି, ଆଇନ, ଅଦାଲତ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ**



କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତି ବିଶେଷଙ୍କର ସହଯୋଗ ପାଇ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ପରିବାରରେ ସ୍ଥଗିତ କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଅଫିସ୍‌ରେ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଜମିଜମା, ମାଲିମକଦ୍ଦମା, ମାଙ୍ଗଳିକ କାର୍ଯ୍ୟ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି ପରିଲକ୍ଷିତ ହୋଇପାରେ।

**କନ୍ୟା**



ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ପରିସ୍ଥିତିକୁ ସରଗରମ କରି ରଖିବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ବନ୍ଧୁଙ୍କ ସହ ପୂର୍ବ ଆଲୋଚନା ପ୍ରକାରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ,ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ ଓ ସତ୍‌ସଙ୍ଗ କ୍ଷେତ୍ରରେ ଆତ୍ମତୃପ୍ତି ପାଇବେ।

**ତୁଳା**



ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହଠାତ୍ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଆତ୍ମୀୟଙ୍କଠାରୁ ସାହାଯ୍ୟ, ସହଯୋଗ ଲାଭ କରିବେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଧର୍ମକାର୍ଯ୍ୟ ପାଇଁ ନିକଟ ସମ୍ପର୍କୀୟଙ୍କଠାରୁ ପ୍ରେରଣା ମିଳିପାରେ।

**ବିଛା**



ବନ୍ଧୁଟି ସ୍ୱାର୍ଥବାଦୀ ହୋଇପଡ଼ିବା ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, କୀର୍ତ୍ତନ ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିସ୍ଥିତିବଶତଃ ହଠାତ୍ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ**



ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। କେତେକ କ୍ଷେତ୍ରରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅସଫଳତାକୁ କେନ୍ଦ୍ରକରି ନିଜ ଲୋକଙ୍କୁ ସନ୍ଦେହ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ଅବଶ୍ୟ ଘଟିବ।

**ମକର**



ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବେ। ସାମାଜିକ ସ୍ତରରେ କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ।

**କୁମ୍ଭ**



ସାମାଜିକ ସ୍ତରରେ ଯାହା କହିବେ ଅଳ୍ପ କହିବେ କିନ୍ତୁ ମରମ କଥାଟି କହି ପରୋକ୍ଷ ଶତ୍ରୁତାକୁ ଡାକି ଆଣିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲନ୍ତୁ ନିଶ୍ଚିତ ସଫଳତା ପାଇବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇ ପାରନ୍ତି।

**ମୀନ**



ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। ସାମୟିକ ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

ଆଜି ବୈଶାଖ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ, ଗୁରୁବାର, ମେ ୬ ତାରିଖ ରାଶିନକ୍ଷତ୍ର- ଦିବା ଘ.୧୦।୩୨ ଗତେ ଶତଭିଷା/କୁମ୍ଭ,ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୫।୧୮ ଗତେ ଘ. ୦୭।୦୧ ମଧ୍ୟେ, ଘ.୧୦।୨୬ ଗତେ ଘ.୦୧।୦୦ ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୦୨।୧୯ ଗତେ ଘ.୦୩।୦୪ ମଧ୍ୟେ ଅମୃତବେଳା। ଦିବା ୦୧।୧୯ ଗତେ ଘ. ୦୨।୫୫ ମଧ୍ୟେ ରାହୁକାଳ।।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୫୪,୧୯,୩୩୬ | ୩୨,୪୬,୪୧୬ | ୧୩,୨୮,୨୮,୨୩୭ |
| ଭାରତ | ୨,୦୯,୩୩,୯୫୯ | ୨,୨୮,୭୩୬ | ୧,୭୧,୫୦,୩୭୫ |
| ଓଡ଼ିଶା | ୪,୮୯,୬୪୧ | ୨୧୦୪(+୫୩) | ୪,୧୬,୪୦୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଖୋର୍ଦ୍ଧା, ସୁନ୍ଦରଗଡ଼ ସ୍ଥିତି ସଙ୍ଗିନ

## ୫ ଦିନରେ ଆକ୍ରାନ୍ତ ହେଲେଣି ୧୧,୧୩୧, ମଲେଣି ୨୬

- ୨୪ଘଣ୍ଟାରେ ରାଜ୍ୟରେ ୯,୮୮୯ ପଜିଟିଭ୍, ୧୬ ମୃତ
- ଚିନ୍ତା ବଢ଼ାଇଲାଣି ରାଜଧାନୀ

ଭୁବନେଶ୍ୱର, ୫।୫(ବ୍ୟୁରୋ)

ରାଜ୍ୟରେ କିଛିଦିନ ଧରି ସଂକ୍ରମଣ କମିବା ସହ ଗତ ୪ଦିନ ହେବ ପ୍ରାୟତଃ ସ୍ଥିର ଅବସ୍ଥାରେ ଥିଲା। ଗତ ୧୦ ତାରିଖରେ ୧୦,୪୧୩ ପଜିଟିଭ୍ ଚିହ୍ନଟ ହୋଇ ସର୍ବକାଳୀନ ରେକର୍ଡ କରିଥିଲା। ଏହାପରେ ଦୈନିକ ସଂକ୍ରମଣ ୮ହଜାର ପାଖାପାଖି ରହୁଥିଲା। ଏବେ ପୁଣି କରୋନା ୧୦ହଜାର ମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୯,୮୮୯ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୬ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲାର ସ୍ଥିତିକୁ ନେଇ ସରକାରଙ୍କ ଚିନ୍ତା ବଢ଼ିଛି। ଏହି ଦୁଇ ଜିଲାରୁ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ୧,୩୩୧ଜଣ ଆକ୍ରାନ୍ତ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୧,୧୩୭ଜଣଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି। ଗତ ୫ ଦିନ ଭିତରେ କେବଳ ଏହି ଦୁଇ ଜିଲାରୁ ୧୧,୧୩୧ କରୋନାରେ ଆକ୍ରାନ୍ତ ହୋଇଛନ୍ତି ଓ ୨୬ଜଣଙ୍କ ମୃତ୍ୟୁ ଘଟିଛି। ଏଥିମଧ୍ୟରୁ ଖୋର୍ଦ୍ଧାରେ ୬,୯୩୧ଜଣ ପଜିଟିଭ୍ ଓ ୧୬ ମୃତ ଏବଂ ସୁନ୍ଦରଗଡ଼ରେ ୪,୨୦୦ ପଜିଟିଭ୍ ଓ ୧୦ ମୃତକ ରହିଛନ୍ତି। ଖୋର୍ଦ୍ଧାରୁ ଚିହ୍ନଟ ମୋଟ ୧,୩୩୧ଜଣ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଭୁବନେଶ୍ୱରରୁ ୧୦୭୪ଜଣ ରହିଛନ୍ତି।

ଅନ୍ୟ ଜିଲାରେ ମଧ୍ୟ ସ୍ଥିତି ଧୀରେ ଧୀରେ ବିଗିଡିବାରେ ଲାଗିଛି। କଟକ ଜିଲାରୁ ଆଉ ୭୯୦ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ବରଗଡ଼ରୁ ୪୮୩, ଅନୁଗୋଳରୁ ୪୪୩, ପୁରୀରୁ ୪୩୬, କଳାହାଣ୍ଡିରୁ ୪୧୪, ଝାରସୁଗୁଡ଼ାରୁ ୩୮୬, ବଲାଙ୍ଗୀରରୁ ୩୨୬, ଗଞ୍ଜାମରୁ ୩୧୦, ଯାଜପୁରରୁ ୨୮୨, କେନ୍ଦୁଝରରୁ ୧୯୫, ସୋନପୁରରୁ ୧୫୮, ଜଗତ୍‌ସିଂହପୁରରୁ ୧୫୬, ବାଲେଶ୍ୱରରୁ ୧୫୧, କେନ୍ଦ୍ରାପଡ଼ାରୁ ୧୩୩, ରାୟଗଡ଼ା ଓ ବୌଦ୍ଧରୁ ୧୨୯ ଲେଖାଏ, ଗଜପତିରୁ ୧୧୭ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୪,୮୯,୬୪୧ରେ ପହଞ୍ଚିଛି। ସେହିପରି ମୃତ ୧୬ଜଣଙ୍କ ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୪ଜଣ ଥିବାବେଳେ କଳାହାଣ୍ଡି ଓ ଗଜପତିରେ ୩ଜଣ ଲେଖାଏ, ରାୟଗଡ଼ା ଓ ସୁନ୍ଦରଗଡ଼ରେ ୨ଜଣ ଲେଖାଏ, ପୁରୀ ଓ ସମ୍ବଲପୁରରେ ଜଣେ ଲେଖାଏ ରହିଛନ୍ତି। ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୨,୧୦୪କୁ ବୃଦ୍ଧି ପାଇଛି।

# ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା

**ଭୁବନେଶ୍ୱର, ୫।୫(ବ୍ୟୁରୋ):** ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଖଲ୍ଲିକୋଟ ମହାବିଦ୍ୟାଳୟ ରାଜ୍ୟର ଏକ ପୁରୁଣା ଶିକ୍ଷାନୁଷ୍ଠାନ। ଏହାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ଫଳରେ ଦକ୍ଷିଣ ଓଡ଼ିଶା ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ହୋଇଛି। ବର୍ତ୍ତମାନ ସମୟକୁ ଦୃଷ୍ଟିରେ ରଖି ଏହା ଗବେଷଣା ଓ ନୂଆ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରି ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ୧୮୫୬ରେ ବ୍ରହ୍ମପୁରର ଏକ ସ୍କୁଲ ଭାବେ ଜନ୍ମ ନେଇଥିବା ଏହି ଶିକ୍ଷାନୁଷ୍ଠାନ। ୧୮୭୮ରେ ଏହା ଇଣ୍ଟରମିଡିଏଟ୍ କଲେଜରେ ପରିଣତ ହୋଇଥିଲା। ଏହାର ପୂର୍ବ ନାଁ ନେଟିଭ୍ କଲେଜ ରହିଥିଲା। ୧୮୯୩ରେ ଏହାର ନାଁ ଖଲ୍ଲିକୋଟ କଲେଜ ହୋଇଥିଲା। ଖଲ୍ଲିକୋଟ ରାଜା ଏହି କଲେଜ ପାଇଁ ୧୬.୫ଏକର ଜମି ଦେଇଥିଲେ। ୧୯୪୪ରୁ ଏଠାରେ ଉଭୟ କଳା ଓ ବିଜ୍ଞାନରେ ସ୍ନାତକ ଶ୍ରେଣୀ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ୧୯୬୩ରୁ ବାଣିଜ୍ୟରେ ସ୍ନାତକ ବିଭାଗ ଖୋଲିଥିଲା। ଏହା ପ୍ରଥମେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା। ତେବେ ୨୦୧୫ରେ ଏହା କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ହୋଇଥିଲା।

# ଆବଶ୍ୟକ ନ ଥିଲେ ଆର୍‌ଟି-ପିସିଆର୍ କରନି

**ନୂଆଦିଲ୍ଲୀ, ୫।୫:** କୋଭିଡ ପରୀକ୍ଷା ପାଇଁ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପକ୍ଷରୁ ନୂତନ ଗାଇଡ୍‌ଲାଇନ ଜାରି ହୋଇଛି। ଆବଶ୍ୟକ ନ ଥିଲେ ଆର୍‌ଟି-ପିସିଆର୍ ଟେଷ୍ଟ ନ କରିବାକୁ ନିର୍ଦ୍ଦେଶାବଳୀରେ କୁହାଯାଇଛି। ବିଶେଷ କରି ଲାବୋରେଟୋରିଗୁଡ଼ିକ ଉପରୁ ଚାପ ହଟାଇବାକୁ ଏପରି ଗାଇଡ୍‌ଲାଇନ ଅଣାଯାଇଛି। ଯଦି ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟରେ କରୋନା ପଜିଟିଭ ଆସେ ତେବେ ଆର୍‌ଟି-ପିସିଆର୍ କରାଇବା ଆବଶ୍ୟକ ନାହିଁ। ଥରେ ଆର୍‌ଟି-ପିସିଆର୍ ଟେଷ୍ଟ ପଜିଟିଭ ଆସିଥିଲେ, ଜଣେ ୧୦ ଦିନ ଧରି କ୍ୱାରାଣ୍ଟାଇନରେ ରହିବା ପରେ ଶେଷ ୩ ଦିନରେ ଜ୍ୱର ହୋଇ ନ ଥିଲେ, କରୋନାରୁ ସୁସ୍ଥ ହୋଇ ହସ୍ପିଟାଲରୁ ଫେରିବା ପରେ ଏବଂ ଆନ୍ତଃରାଜ୍ୟ ଯାତାୟାତ କରିଥିବା ଜଣେ ସୁସ୍ଥ ବ୍ୟକ୍ତି ଆର୍‌ଟି-ପିସିଆର୍ ଟେଷ୍ଟ କରିବା ଜରୁରୀ ନୁହେଁ ବୋଲି ଆଇସିଏମ୍‌ଆର୍ କହିଛି। ଲାବୋରେଟୋରିରେ ନମୁନା ପରୀକ୍ଷା କରୁଥିବା କର୍ମଚାରୀଙ୍କ ମଧ୍ୟରୁ ଅନେକ ସଂକ୍ରମିତ ହେବା ପରେ ଏତେ ସଂଖ୍ୟାରେ ଆର୍‌ଟି-ପିସିଆର୍ ଟେଷ୍ଟ କରାଇବା କଷ୍ଟକର ହୋଇପଡୁଛି। ତେଣୁ ଆଣ୍ଟିଜେନ୍ ଟେଷ୍ଟ ଉପରେ ଅଧିକ ଗୁରୁତ୍ୱ ଦିଆଯିବାକୁ ଆଇସିଏମ୍‌ଆର୍ କହିଛି। କୌଣସି ବ୍ୟକ୍ତିଙ୍କ ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିବା ସତ୍ତ୍ୱେ କରୋନା ଲକ୍ଷଣ ଦେଖାଦେଲେ ସେ ଆର୍‌ଟି-ପିସିଆର୍ ଟେଷ୍ଟ କରାଇପାରିବେ ।

# ଏସ୍‌ଟିଏଫ୍ ହାତରେ ୨ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ

## ୫ ବନ୍ଧୁକ ସମେତ ୭ ଗୁଳି ଓ ମାଗାଜିନ ଜବତ

**ଭୁବନେଶ୍ୱର, ୫।୫(ବ୍ୟୁରୋ):** ରାଜ୍ୟକୁ ଆସୁଥିବା ବେଆଇନ ବନ୍ଧୁକ ଲିଙ୍କ୍‌ର ହେଲା ପର୍ଦ୍ଦାଫାଶ। ବୁଧବାର କ୍ରାଇମ୍ ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ହାତରେ ଧରାପଡିଛନ୍ତି ୨ଜଣ ଆନ୍ତଃରାଜ୍ୟ ବନ୍ଧୁକ ବ୍ୟବସାୟୀ। ଗିରଫ ଅଭିଯୁକ୍ତ ହେଲେ ବିହାର ମୁଙ୍ଗେରର ବ୍ୟବସାୟୀ ରବୀନ୍ଦ୍ର ପ୍ରସାଦ ଓ ବାଲେଶ୍ୱର ଜିଲା ଶ୍ରୀକୃଷ୍ଣପୁର ଗ୍ରାମର ବିଶ୍ୱନାଥ ବିଶୋଇ। ଭଦ୍ରକ ଜିଲା ରାଣୀତାଲ ନିକଟରୁ ୨ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍‌ର ଏକ ଟିମ୍ ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୫ଟି ୭ଏମ୍‌ଏମ୍ ଅଟୋମେଟେଡ ପିସ୍ତଲ ସମେତ ୭ ଗୁଳି ଏବଂ ମାଗାଜିନ ଜବତ କରାଯାଇଛି। ବେଆଇନ ବନ୍ଧୁକ ଗଚ୍ଛିତ ଅଭିଯୋଗରେ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଉଭୟଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବାକୁ ଯୋଜନା କରାଯାଉଥିବା ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି।

ଗତ ଏପ୍ରିଲ ୯ରେ କଟକ ନିଆଳି ଅଞ୍ଚଳର ଶିଖରଘାଟ ପୋଲ ନିକଟରୁ ଏସ୍‌ଟିଏଫ୍ ୨ଜଣଙ୍କୁ ଗିରଫ କରିବା ସହ ୨ଟି ୭ଏମ୍‌ଏମ୍ ପିସ୍ତଲ ଏବଂ ୬ଟି ଦେଶୀ ବନ୍ଧୁକ ଜବତ କରିଥିଲା।

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
କେନ୍ଦ୍ରୀୟ କାର୍ଯ୍ୟାଳୟ, "ଯୋଗକ୍ଷେମ",
ଜୀବନ ବୀମା ମାର୍ଗ,
ନରିମନ ପଏଣ୍ଟ, ମୁମ୍ବାଇ – 400 021

ସୂଚନା

ବିଜ୍ଞପ୍ତି ଏସ୍.ଓ. 1630 (ଇ) ଦିନାଙ୍କ 15 ଏପ୍ରିଲ 2021 ଅନୁଯାୟୀ କେନ୍ଦ୍ର ସରକାର ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ ପାଇଁ ପ୍ରତି ଶନିବାର ପବ୍ଲିକ୍ ହଲିଡେ ରୂପେ ଘୋଷଣା କରିଛନ୍ତି। ଏତଦ୍ୱାରା ସମସ୍ତ ପଲିସୀ ଧାରକ ଓ ଅନ୍ୟ ଷ୍ଟେକ୍ ଧାରକ ମାନଙ୍କୁ ସୂଚିତ କରାଯାଉଛି ଯେ 10 ମଇ 2021 ଠାରୁ ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ ର ସମସ୍ତ କାର୍ଯ୍ୟାଳୟ ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ କାମ କରିବା ପ୍ରଭାବକୁ ଆସିବ।

10 ମଇ 2021 ଠାରୁ, ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ କାର୍ଯ୍ୟାଳୟ ଗୁଡ଼ିକର କାର୍ଯ୍ୟ ସମୟ ଦିବା 10.00 ରୁ ସନ୍ଧ୍ୟା 05.30 ପର୍ଯ୍ୟନ୍ତ ରହିବ। ବିଶଦ ବିବରଣୀ ପାଇଁ ଦେଖନ୍ତୁ www.licindia.in

Follow us : LIC India Forever

IRDAI Regn. No.: 512
ଅନ୍‌ଲାଇନ୍ ସେବା ସକାଶେ ଦେଖନ୍ତୁ : www.licindia.in

**ଲକ୍‌ଡାଉନ୍**



୧୪ ଦିନିଆ ଲକ୍‌ଡାଉନ୍‌ର ପ୍ରଥମ ଦିନରେ ଭୁବନେଶ୍ୱର ବାଣୀବିହାର ଛକର ଦୃଶ୍ୟ।

# ପ୍ରଦୀପ୍ତଙ୍କ ଚିକିତ୍ସା କରିବେ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ

**ଭୁବନେଶ୍ୱର, ୪।୫(ବ୍ୟୁରୋ):** ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ କରୋନା ସଂକ୍ରମିତ ହୋଇ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ(ଏମସ୍) କୋଭିଡ୍ ହସ୍ପିଟାଲ୍‌ରେ କିଛିଦିନ ହେଲା ଚିକିତ୍ସିତ ହେଉଛନ୍ତି । ତାଙ୍କୁ ଏବେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ତାଙ୍କର ଜଣେ ନିକଟତମ ସହଯୋଗୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଏକ ଉଚ୍ଚସ୍ତରୀୟ ଡାକ୍ତରୀ ଟିମ୍ ଏମସ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ତାଙ୍କୁ କିପରି ଉତ୍ତମ ଚିକିତ୍ସା ସେବା ଯୋଗାଇଦିଆଯିବ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।

# ସିସିଟିଭି ଫୁଟେଜ ମାଗିଲା ଓଏଚ୍‌ଆର୍‌ସି

## ଗୋଳନ୍ଥରା ହାଜତ ମୃତ୍ୟୁ ମାମଲା

ଭୁବନେଶ୍ୱର, ୫।୫(ବ୍ୟୁରୋ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପରିସରରେ ଜଣେ ଯୁବକ ଆତ୍ମହତ୍ୟା କରିବା ଘଟଣାରେ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି) ନିଜ ଆଡୁ ତଦନ୍ତ ଆରମ୍ଭ କରିଛନ୍ତି। ଗୋଳନ୍ଥରା ଥାନା ପୋଲିସଠାରୁ ହାଜତ ମୃତ୍ୟୁ ଘଟଣାର ରିପୋର୍ଟ ତଲବ କରିବା ସହ ଘଟଣା ଦିନ ମୃତକଙ୍କୁ ହସ୍ପିଟାଲକୁ ନେବାର ୪ଘଣ୍ଟା ପୂର୍ବର ସିସିଟିଭି ଫୁଟେଜ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଏକ ସବିଶେଷ ରିପୋର୍ଟ ଆସନ୍ତା ୪ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ବୁଧବାର ଓଏଚ୍‌ଆର୍‌ସି କହିଛନ୍ତି। ଯେହେତୁ ଏହି ଘଟଣା ଏକ ହାଜତ ମୃତ୍ୟୁ ସମ୍ପର୍କିତ, ଏହା ଦ୍ୱାରା ମାନବିକ ଅଧିକାର ଉଲ୍ଲଂଘନ ହୋଇଛି ଏବଂ ଏଥିରେ ପୋଲିସର ଅବହେଳାକୁ ଦାୟୀ କରାଯାଉଛି, ସେଥିପାଇଁ ଆୟୋଗ ନିଜ ଆଡୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ପ୍ରକାଶ ଯେ ଏକ ଇଟାଭାଟିରେ ଶ୍ରମିକମାନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗରେ ରଙ୍ଗିପୁରର ଗଣେଶ ଡାକୁଆ ନାମକ ଜଣେ ଯୁବକଙ୍କୁ ଗୋଳନ୍ଥରା ପୋଲିସ ଗତ ସୋମବାର ଥାନାକୁ ଆଣିଥିଲା। କୋଭିଡ୍-୧୯ କଟକଣା ଯୋଗୁ ତାଙ୍କୁ ଅଭ୍ୟର୍ଥନା(ରିସେପ୍ସନ) ଡେସ୍କରେ ପୋଲିସ ପଚରାଉଚରା କରିଥିଲା। ରାତି ପ୍ରାୟ ୮ଟାରେ ଦାୟିତ୍ୱରେ ଥିବା କନଷ୍ଟେବଳ ବାହାରକୁ ଯାଇଥିବାବେଳେ ଗଣେଶ ଏକ ବେଲ୍ଟ ସାହାଯ୍ୟରେ ଥାନା ପ୍ରକୋଷ୍ଠ ଝରକାରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହା ଦେଖି ସେଣ୍ଟ୍ରି ଦାୟିତ୍ୱରେ ଥିବା କର୍ମଚାରୀ ଗଣେଶଙ୍କୁ ଉଦ୍ଧାର କରି ବ୍ରହ୍ମପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ମଙ୍ଗଳବାର ଏଏସ୍‌ଆଇ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ ଏବଂ କନଷ୍ଟେବଳ ଡି.ପି. ଜେନାଙ୍କୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ କରିଥିଲେ।

# ବସ୍ ଚଳାଚଳ ବନ୍ଦ ପରେ ବଢ଼ିଲା ଚିନ୍ତା

## ୩ ମାସ ଟିକସ ଛାଡ଼ ଉପରେ ଚାଲିଛି ବିଚାର

ଭୁବନେଶ୍ୱର,୫।୫(ବ୍ୟୁରୋ)

କରୋନାର ପ୍ରଥମ ଲହର ପରେ ଯାତ୍ରୀ ଅଭାବ ସାଙ୍ଗକୁ ଦ୍ୱିତୀୟ ଲହରଜନିତ ଲକ୍‌ଡାଉନ ଘରୋଇ ବସ୍ ସେବାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଛି। ସେହିପରି ବୁଧବାରଠାରୁ ସାରା ରାଜ୍ୟରେ ଲକ୍‌ଡାଉନ୍ ଆରମ୍ଭ ହୋଇଥିବାରୁ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ବସ୍ ମାଲିକ ଏବଂ ଏହା ଉପରେ ନିର୍ଭର କରୁଥିବା ପ୍ରାୟ ୪୨ ହଜାର କର୍ମଚାରୀଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ବସ୍ ଚାଲୁ ନ ଥିବାରୁ ୩ ମାସର ଟିକସ ଛାଡ଼ କରିବା, ଋଣ କିସ୍ତି ଘୁଞ୍ଚାଇବା, ବୀମା ୩ ମାସ ଯାଏ ଘୁଞ୍ଚାଇବାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି, କରୋନା ଯୋଗୁ ବସ୍ ମାଲିକମାନେ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାର ଏପ୍ରିଲ, ମେ, ଜୁନ୍ ୩ ମାସ ଯାଏ ଟିକସ ଛାଡ଼ କରିବା ସହ ଋଣ ବାବଦରେ ଦିଆଯାଉଥିବା କିସ୍ତିକୁ ମଧ୍ୟ ୩ ମାସ ଛାଡ଼ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଅପରପକ୍ଷରେ ରାଜ୍ୟ ସରକାର ଗତବର୍ଷ ବସ୍‌ଗୁଡ଼ିକ ଉପରୁ ୩ ମାସର ଟିକସ ଛାଡ଼ କରିଥିଲେ। ଚଳିତ ବର୍ଷ ମଧ୍ୟ ଟିକସ ଛାଡ଼ କରିବା ନେଇ ସରକାର ବିଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଏ ନେଇ ଘୋଷଣା କରାଯିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ପ୍ରକାଶ ଯେ, ରାଜ୍ୟରେ ୧୪ ହଜାର ବସ୍ ଚଳାଚଳ କରୁଛି। ଏହା ବନ୍ଦ ହେବାରୁ ଏହା ନିର୍ଭର କରୁଥିବା କର୍ମଚାରୀ ଜୀବିକା ହରାଇ ଦୟନୀୟ ପରିସ୍ଥିତି ଦେଇ ଗତି କରୁଛନ୍ତି। ୨୦୨୦ ଜୁନ୍ ମାସ ପରେ ଯଦିଓ ଲକ୍‌ଡାଉନ କୋହଳ କରାଯାଇଥିଲା ଏହା ସତ୍ତ୍ୱେ ରାଜ୍ୟରେ ବସ୍ ଚଳାଚଳ ସ୍ୱାଭାବିକ ହୋଇପାରି ନ ଥିଲା। କୋଭିଡ୍-୧୯ ସଂକ୍ରମଣ ଭୟରେ ଯାତ୍ରୀ ପରିବହନ ବହୁ ମାତ୍ରାରେ ବାଧାପ୍ରାପ୍ତ ହୋଇଥିଲା। ଫଳରେ ବସ୍ ଖର୍ଚ୍ଚ ଉଠାଇବା ମାଲିକମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଥିଲା। ଅଣ୍ଟା ସଳଖି ଛିଡ଼ାହେବା ବେଳକୁ ଚଳିତ ବର୍ଷ ପୁଣି କରୋନାର ଦ୍ୱିତୀୟ ଲହର ପରିସ୍ଥିତିକୁ ଆହୁରି ବିଗାଡ଼ି ଦେଇଛି। ମେ' ୫ ତାରିଖରୁ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିବାରୁ କର୍ମଚାରୀମାନଙ୍କୁ ଦରମା ଦେବା, ଗାଡ଼ିର ବୀମା ଓ ଋଣ କିସ୍ତି ଶୁଝିବା ନେଇ ମାଲିକମାନଙ୍କ ପକ୍ଷେ ବଡ଼ ସମସ୍ୟା ସୃଷ୍ଟି ହୋଇଛି।



ଲକ୍‌ଡାଉନ୍ ଯୋଗୁ ଅଟକି ରହିଥିବା ବସ୍।

OFFICE OF THE PANCHAYAT SAMITI, JODA, KEONJHAR, ODISHA - 758038
E-mail: ori-joda@nic.in, Mob.: 9438309975

Letter No. 1417/Dev.
No. i-35
Date: 04.05.2021

DETAIL TENDER CALL NOTICE - 01/BDO-JODA OF 2021-22

1. Start date of selling Tender Paper : 06.05.2021
2. End date of selling Tender Paper : 19.05.2021 at 1.00 P.M.
3. Opening of Tender Paper : 20.05.2021 at 11.00 A.M.

The Block Development Officer, Joda invites sealed percentage rate tenders in Single Cover System on behalf of Government of Odisha from registered and eligible class of Civil Contractor of the State P.W.D. (R&B)/Water Resource/Rural Works/MI/CPWD for the following works eventually to be draw up in the PWD F-2 forms in conformity with the Detailed Tender Call Notice. The Block Development Officer, Joda reserves the right to reject any or all the tenders without assigning any reasons thereof. Other details can be seen in the bidding documents.
Further details terms & conditions & other eligibility criteria for the execution of following civil works of this Block can be obtained from the Panchayat Samiti, Joda during the office hours 06.05.2021 or from district website **www.kendujhar.nic.in**. The sealed bid documents can be sent by Registered Post/Speed Post only with remarks "Tender Paper" on the top of the cover. The bidders interested to can download the tender paper from the website **www.kendujhar.nic.in** has to deposit the cost of tender paper in shape of Demand Draft to be pledged in favour of Block Development Officer, Joda.

| Sl. No. | Name of the GP | Name of the Work (Scheme) | Tender Value in (Rs.) | Cost of Tender Documents (Non-refundable) | EMD in Rs. as@ of applicable | Time of Completion | Class of Contractors |
|---|---|---|---|---|---|---|---|
| 1 | Anseikala | Const. of Two Nos. Additional Class Room Building Anseikala Noda UP School | 13,92,648 | 6000 | 13926 | "4" Months | "C" & "D" |
| 2 | Anseikala | Const. of Two Nos. Additional Class Room Building Kolhahundula UGUP School | 13,92,648 | 6000 | 13926 | "4" Months | "C" & "D" |
| 3 | Badakalimati | Const. of Three Nos. Additional Class Room Building Molangtoli UGUP School | 20,65,914 | 6000 | 20659 | "4" Months | "B" & "C" |
| 4 | Badakalimati | Const. of Three Nos. Additional Class Room Building Badakalimati UGUP School | 20,65,914 | 6000 | 20659 | "4" Months | "B" & "C" |
| 5 | Bhuyanroida | Const. of Two Nos. Additional Class Room Building Kolharoida UGUP School | 13,92,648 | 6000 | 13926 | "4" Months | "C" & "D" |
| 6 | Deojhar | Const. of Two Nos. Additional Class Room Building Sialijoda UGUP School | 13,92,648 | 6000 | 13926 | "4" Months | "C" & "D" |
| 7 | Deojhar | Const. of Two Nos. Additional Class Room Building sialijoda UGUP School | 13,92,648 | 6000 | 13926 | "4" Months | "C" & "D" |
| 8 | Guali | Const. of Two Nos. Additional Class Room Building Guali UP (ME) School | 13,92,648 | 6000 | 13926 | "4" Months | "C" & "D" |
| 9 | Jalahari | Const. of Three Nos. Additional Class Room Building Jalahari UGUP School | 13,92,648 | 6000 | 13926 | "4" Months | "C" & "D" |
| 10 | Karakhendra | Const. of Two Nos. Additional Class Room Building Kolhabarpada UGUP School | 13,92,648 | 6000 | 13926 | "4" Months | "C" & "D" |
| 11 | Palasa | Const. of Two Nos. Additional Class Room Building Belda UP (ME) School | 13,92,648 | 6000 | 13926 | "4" Months | "C" & "D" |
| 12 | Joda Municipality | Const. of Three Nos. Additional Class Room Building Binapani Nodal UP School | 20,65,914 | 6000 | 20659 | "4" Months | "B" & "C" |
| 13 | Joda Municipality | Const. of Two Nos. Additional Class Room Building Kamarjoda UGUP School | 13,92,648 | 6000 | 13926 | "4" Months | "C" & "D" |
| 14 | Joda Municipality | Const. of Two Nos. Additional Class Room Building Kamarjoda UGUP School | 13,92,648 | 6000 | 13926 | "4" Months | "C" & "D" |
| 15 | Joda Municipality | Const. of Two Nos. Additional Class Room Building Kamarjoda UGUP School | 13,92,648 | 6000 | 13926 | "4" Months | "C" & "D" |
| 16 | Joda Municipality | Const. of Two Nos. Additional Class Room Building Kamarjoda UGUP School | 13,92,648 | 6000 | 13926 | "4" Months | "C" & "D" |
| 17 | Barbil Municipality | Const. of Two Nos. Additional Class Room Building Barbil Nodal UP School | 13,92,648 | 6000 | 13926 | "4" Months | "C" & "D" |
| 18 | Barbil Municipality | Const. of Two Nos. Additional Class Room Building New Barbil UGUP School | 13,92,648 | 6000 | 13926 | "4" Months | "C" & "D" |
| 19 | Barbil Municipality | Const. of Two Nos. Additional Class Room Building Dalki UP (ME) School | 13,92,648 | 6000 | 13926 | "4" Months | "C" & "D" |

**Terms and Conditions:**

1. **Cost of Tender Paper:** The tender specification can be obtained from the Office of the Block Development Officer, Joda on payment towards the cost of tender papers as mentioned above (Non-refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Joda in any Nationalized bank having its branch at Keonjhar on any working day **from 06.05.2021** for the above work.
2. **Sale of Tender Papers:** The tender documents will be sold **from 06.05.2021 to 19.05.2021** at Block Office, Joda **between 07.00 A.M. to 1.00 P.M.** on working days only.
3. **Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Registered Post/Speed Post** only, by directly sending it to the B.D.O., Joda in his official postal address. The last date of receipt of tender papers is **20.05.2021 upto 10.00 A.M.** The undersigned will not be responsible for postal delay if any or non receipt of the papers in time. **The tenders must superscribe the name of the work/project on the sealed envelope**.
4. **Date of Opening of Tender Paper:** The tender paper shall be opened on **20.05.2021 at 11.00 P.M.** in the presence of the tenderers or their authorized representatives having written authorization for the purpose and the tender committee.
5. **Earnest Money Deposit:** 1% (One Percent) of the bid value in shape of Post Office Term Deposit/Short Term Deposit/N.S.C./K.V.P./Deposit Receipt of any Nationalized Bank duly pledged in favour of Block Development Officer, Joda. The tender papers without required amount of E.M.D. will not be considered and transfer or adjustment of E.M.D. is also inadmissible.
6. **Documents to be attached:** The following document should be furnished with the tender papers failing which the tender will be liable to rejection.
   (a) E.M.D. pledged in favour of the Block Development Officer, Joda.
   (b) Attested copy of Contractor Registration Certificate.
   (c) Attested copy of PAN Card and Certificate of GSTIN.
   (d) Attested copy of caste certificate issued by competent authorities in case of SC/ST contractors desirous of availing preference.
   (e) The bidders have to produce an original affidavit in support of the authenticity of documents including EMD, etc. attached with the tender papers.
   (f) Affidavit as regards the facts of availing award of work without submission of EMD/ISD during the current financial year in case of Engineer Contractors desirous of availing exemption of EMD otherwise their tender paper will be liable for rejection.
   (g) Joint venture consortium agreements are not allowed to participate in tender.
   (h) Shortfall of any required document(s) and EMD, Tender paper is liable for rejection.
7. **Additonal Performance Security Deposit:** The affidavit in lieu of APS will be submitted by the successful bidder for the cost of les quoted in percentage of the amount put to tender before the signing of the agreement of the contract. (Vide Works Department Letter No. 14459 Date: 20.09.2018, Govt. of Odisha, Works Department). As per the Memorandum No. 4559 Dt.05.04.2021 of Works Deptt. Govt. of Odisha modified to APS will be followed as detailed below.

| Sl. No. | Range of Difference between the estimate cost put to tender and Bid Amount | Additional Performance Security to be deposited by the successful Bidder |
|---|---|---|
| 1 | Below 5% | No Additional Performance Security |
| 2 | From 5% and above and below 10% | 50% of (Difference between estimated cost put to tender and Bid Amount) |
| 3 | From 10% and above | 150% of (Difference between estimated cost put to tender and bid amount) |

8. **Forfeiture:** The EMD amount will be forfeited, if the tenderer backs out from the offer acceptance of tender, by the competent authority.
9. Submission of more than one tender paper by a bidder for a single work will be liable for rejection of all such tender papers.
10. If the rate quoted by the bidder is more less than (14.99% less) of the tendered amount, then such a bid shall be rejected and the tender shall be finalized basing on merits of the rest bids. But if more than one bid is quoted at 14.99% (Decimal upto two numbers will be taken for practical purpose) less than the estimated cost, the tendered accepting authorities will finalize the tender through a transparent lottery system where all bidders/authorized representatives, the concerned Block Development Officer and tender committee will remain present.
11. The Block Development Officer, Joda reserve the right to reject any or all the tenders without assigning any reasons thereof. Other details can be seen in the bidding documents.
12. The successful bidder shall sign an agreement with BDO, Joda in the non-judicial paper of worth Rs.200/- (Rupees two hundred) only for executing the work.

**Sd./- Block Development Officer, Joda**
**OIPR-19026/11/0005/2122**

ଦୁଇ ବିପରୀତ ଦିଗରୁ ଆସନ୍ନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତ ପରର ମିଳିତ ହେବ ଏବଂ ପରର ମଧ୍ୟରେ ଲୟପ୍ରାପ୍ତ ହେବ - ଯାହା ଫଳରେ କି ସମ୍ମିଳିତ ମାନବଜାତିର ଜୀବନରେ ଏକ ସର୍ବସାଧାରଣ ଜଗତ-ସଂସ୍କୃତିର ପ୍ରତିଷ୍ଠା ହେବ। -ଶ୍ରୀଅରବିନ୍ଦ



# କଲେଜ ହତାରେ ପ୍ରାଣୀଙ୍କ ଯତ୍ନ



ମାନେକା ଗାନ୍ଧୀ

ପଟିଆଲାର ଥାପର ଇନ୍‌ଷ୍ଟିଚ୍ୟୁଟ ଆଣ୍ଡ ଟେକ୍‌ନୋଲୋଜି ଏବଂ ପଟିଆଲା କଲେଜର କ୍ୟାମ୍ପସ ବା ହତାରେ ଅନୁଷ୍କା, ଅଭିଷେକ, ସାର୍ଥକ ଏବଂ ଗର୍ବିତା ପ୍ରାଣୀ କଲ୍ୟାଣ ଗ୍ରୁପ 'ପୁପର୍ସ ହେଲପର୍ସ ଟିଟ୍'ଆରମ୍ଭ କରିଛନ୍ତି। ଏହାର ମାର୍ଗଦର୍ଶନ କରିବାକୁ ସେମାନେ କିଛି ମାସ ପୂର୍ବେ ମୋ ପାଖକୁ ଲିଖିତ ଅନୁରୋଧ କରିଥିଲେ। ସବୁ କଲେଜରେ ଆନିମଲ ୱେଲଫେୟାର ଗ୍ରୁପ୍ ଆରମ୍ଭ କରିବା ପାଇଁ ଏହା ମୋତେ ଏକ ନୂଆ ଧାରଣା ଦେଲା। ଏଣୁ ଲିଗାଲ ଇଣ୍ଟର୍ନ ଭାବେ ମୋ ପାଖକୁ ଆସିଥିବା ଆଉ ଜଣେ ଅନୁଷ୍କାଙ୍କୁ ଆମେ ଏଥିପାଇଁ ଦାୟିତ୍ୱ ଦେଲୁ। ଯଦି ଆପଣଙ୍କ ମଧ୍ୟରୁ କେହି ଏଭଳି ଗ୍ରୁପ୍ ଆରମ୍ଭ କରିବାକୁ ଚାହୁଁଛନ୍ତି, ତେବେ anushkapfacampus@gmail.com ରେ ଯୋଗାଯୋଗ କରିପାରିବେ। ଏବେ ଦିଲ୍ଲୀର ଅଧିକାଂଶ କଲେଜରେ ରହିଥିବା ସାମାଜିକ କାର୍ଯ୍ୟ ସହ ଜଡ଼ିତ ଛାତ୍ର ସଂଗଠନ 'ଏନାକ୍‌ଟସ' ତା' ଉଦ୍ୟମରେ ପ୍ରତ୍ୟେକ କଲେଜରେ ଆନିମଲ ୱେଲଫେୟାର ଗ୍ରୁପ୍ ଆରମ୍ଭ କରିଛି। ଏହି ଗ୍ରୁପ୍‌ର ନାମ ରଖାଯାଇଛି 'ଡେସି'। ଏହାକୁ ପରିଚାଳନା କରୁଛନ୍ତି ମୋତିଲାଲ କଲେଜରେ ଥିବା 'ଏନାକ୍‌ଟସ'ର ସଭାପତି ଲକ୍ଷିତା। ତାଙ୍କ ସହ ମଧ୍ୟ enactusmlnc@gmail.com ରେ ସମ୍ପର୍କ କରାଯାଇପାରିବ। ସେମାନେ ପ୍ରାଣୀମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରୁଛନ୍ତି ଓ ଏହା ଉପରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। କହିବାକୁ ଗଲେ ସେମାନେ ପ୍ରାଣୀ ସେବାର ସର୍ବୋତ୍କୃଷ୍ଟ କାର୍ଯ୍ୟ କରୁଛନ୍ତି।

କୋଭିଡ୍ ମହାମାରୀ ସମୟରେ ଦେଶର ସବୁଆଡେ ଶହ ଶହ ଛାତ୍ର ପ୍ରାଣୀମାନଙ୍କୁ ଖୁଆଇବା ସହ ସେମାନଙ୍କ ସେବା କରିଆସୁଛନ୍ତି। ଏହି ସମୟରେ ହତାରେ ଥିବା ପ୍ରାଣୀମାନେ ଖାଇଲେ କି ନାହିଁ ତାହା ଦେଖିବା ପାଇଁ ଅନେକେ ଛାତ୍ରାବାସରେ ରହିବାକୁ ପସନ୍ଦ କରିଛନ୍ତି। ଜିନ୍ଦଲ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ କ୍ୟାମ୍ପସ ବାହାରକୁ ପ୍ରାଣୀମାନଙ୍କୁ ବାହାର କରିଦେବାବେଳେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ର ମୋ ପାଖକୁ ଫୋନ୍ କରିବା ସହ ଲେଖି ଜଣାଇଥିଲେ। ଏହି କାର୍ଯ୍ୟ ବନ୍ଦ ନ କରିବା ଯାଏ ସେମାନେ ବିରୋଧ ଜାରି ରଖିଥିଲେ। ସବୁଠୁ ଖରାପ ଘଟଣା ଘଟିଥିଲା ଆଇଆଇଟି, ମାଡ୍ରାସରେ। ଏହାର ପ୍ରଶାସନିକ ଦାୟିତ୍ୱରେ ରହିଥିବା ଦୁଇ ବାମପନ୍ଥୀ ଚିନ୍ତାଧାରାର ବ୍ୟକ୍ତି ପ୍ରାଣୀମାନଙ୍କ ପ୍ରତି କଠୋର ମନୋଭାବ ପୋଷଣ କଲେ। ସରକାରୀ ନିର୍ଦ୍ଦେଶ ତଥା କ୍ୟାମ୍ପସର କର୍ମଚାରୀ ଏବଂ ଛାତ୍ରମାନଙ୍କ ବିରୋଧକୁ ଅଣଦେଖା କରି କୁକୁରଙ୍କ ପାଇଁ ଏକ ଅଡା କରି ସେଠାରେ ସେମାନଙ୍କୁ ଚେନ୍‌ରେ ବାନ୍ଧି ରଖାଗଲା। ଏପରି କି କୁକୁରମାନଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ଘଟିଲା। କ୍ୟାମ୍ପସରେ ଥିବା ହରିଣମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସେମାନେ ଏହା କରିଥିଲେ। ଶେଷରେ କୋର୍ଟ ନିର୍ଦ୍ଦେଶ ଦେବା ପରେ ସେମାନେ ଏଭଳି କାର୍ଯ୍ୟରୁ ଓହରିଲେ। ବିଶ୍ୱର ପ୍ରଥମ ପ୍ରାଣୀ ଉପଯୋଗୀ ଶିକ୍ଷାନୁଷ୍ଠାନ ହତା ଭାବେ ଜଣାଶୁଣା ମୋଇନାବାଦସ୍ଥିତ କେ.ଜି ରେଡ୍ଡୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜିରୁ ସେମାନେ କିଛି ଶିକ୍ଷା କରିବା ଉଚିତ। ଏହି କ୍ୟାମ୍ପସ ପରିତ୍ୟକ୍ତ ଓ ଯନ୍ତ୍ରଣାର ଶିକାର ହେଉଥିବା ପ୍ରାଣୀମାନଙ୍କ ଆଶ୍ରୟସ୍ଥଳୀ ପାଲଟିଯାଇଛି। କୁକୁର, ବିଲେଇ, ପାରା, ବତକ ଏବଂ ଠେକୁଆ ସବୁ ଏହି କଲେଜ ପରିସରରେ ରହିଛନ୍ତି। 'ଭଲ ଅନୁଭବ କର ଓ ଭଲ କର' ଏହି ଚିନ୍ତାଧାରାକୁ ଆଧାର କରି ସମସ୍ତ ଛାତ୍ରୀଛାତ୍ର କ୍ୟାମ୍ପସରେ ପ୍ରାଣୀ ଆଶ୍ରୟସ୍ଥଳୀକୁ ଅଣାଯାଇଥିବା ପ୍ରାଣୀମାନଙ୍କର ଯତ୍ନ ନେଉଛନ୍ତି ବୋଲି କହନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ କେ. କ୍ରିଷ୍ଣା ରେଡ୍ଡୀ। ଛାତ୍ରମାନେ ପାଳି କରି ପ୍ରାଣୀମାନଙ୍କୁ ଖାଇବାକୁ ଦିଅନ୍ତି ଓ ସେମାନଙ୍କ ଯତ୍ନ ନେଇଥାଆନ୍ତି। ପ୍ରାଣୀମାନେ ସୁସ୍ଥ ହେବା ପରେ ସେମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯିବାର ବ୍ୟବସ୍ଥା କରାଯାଇଛି।

ମୁମ୍ବାଇର କେ.ଜେ.ସୋମୈୟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ, ଅହମ୍ମଦାବାଦର ସେଣ୍ଟ ଜାଭିୟର୍ସ କଲେଜ ଏବଂ ପୁଣେସ୍ଥିତ ସିମ୍ବାୟୋସିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିଡ଼ିଆ ଆଣ୍ଡ କମ୍ୟୁନିକେଶନ ହତାରେ ପ୍ରାଣୀମାନଙ୍କୁ ରଖାଯାଇଛି। ସେମାନଙ୍କୁ କଲେଜ ଛାତ୍ର ଓ କର୍ମଚାରୀମାନେ ଖାଇବାକୁ ଦେଉଛନ୍ତି। ନିର୍ଦ୍ଧାରିତ ସମୟରେ ପ୍ରାଣୀ ଚିକିତ୍ସକମାନଙ୍କ ଦ୍ୱାରା ଟିକାକରଣ କରାଯାଉଛି। ପୋଷା ପ୍ରାଣୀମାନେ ହଷ୍ଟେଲ ବିଲ୍ଡିଂ ଏବଂ କ୍ୟାଣ୍ଟିନ୍‌କୁ ଯାଇପାରୁଛନ୍ତି। ସିମ୍ବାୟୋସିସ୍‌ରେ ପ୍ରାଣୀମାନେ ଶ୍ରେଣୀଗୃହକୁ ଯିବାରେ କୌଣସି ବାଧା ନାହିଁ। ଏହାଦ୍ୱାରା ଅସୁରକ୍ଷିତ ଭାବନା, ବନ୍ଧୁତ୍ୱରେ ସମସ୍ୟା ଏବଂ ମାନସିକ ଚାପଗ୍ରସ୍ତ ଛାତ୍ରମାନେ ପେଟ୍ ଥେରାପିରୁ ଲାଭ ପାଉଛନ୍ତି। ସୋମୈୟାରେ ଛାତ୍ରଗୋଷ୍ଠୀ ଆନିମଲ ୱେଲ୍‌ଫେୟାର ଆସୋସିଏଶନ ଅଫ୍ ସୋମିୟା (ଏଡବ୍ଲ୍ୟୁଏଏସ୍) ଗ୍ରୁପ ଖୋଲି ଏହା ମାଧ୍ୟମରେ ହତାରେ ପ୍ରାଣୀମାନଙ୍କୁ ଖାଇବାକୁ ଦେଉଛନ୍ତି। ପ୍ରାଣୀଚିକିତ୍ସକଙ୍କ ଦ୍ୱାରା ଚିକିତ୍ସାର ବ୍ୟବସ୍ଥା ମଧ୍ୟ କରିଛନ୍ତି। କୌଣସି ଦିନ ଛୁଟି ନାହିଁ। କେହି ଜଣେ ହତାରେ ଉପସ୍ଥିତ ରହିବା ନିଶ୍ଚିତ । ଏପରକି ଛୁଟି ସମୟରେ ଛାତ୍ରମାନେ ଘରକୁ ଯାଇଥିଲେ ବି ପ୍ରାଣୀମାନଙ୍କ ଯତ୍ନ ନେବା ପାଇଁ ସେମାନଙ୍କ ପାଳି ଅନୁଯାୟୀ ଘରୁ ଫେରିଥାଆନ୍ତି।

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ (ଇନ୍ଦୋର) ତା' ୧୯୩ ଏକର କ୍ୟାମ୍ପସରେ କୁକୁରଙ୍କ ଯତ୍ନ ନେଉଛି। ହେଲପିଂ ହ୍ୟାଣ୍ଡସ ଫର୍ ଆନିମଲ୍‌ସ(ଏଚ୍‌ଏଚ୍‌ଏଫ୍‌ଏ) ଏନ୍‌ଜିଓ ସହ ମିଳିତ ଭାବେ ଏହା କରାଯାଉଛି। କ୍ୟାମ୍ପସରେ ଥିବା ପାଖାପାଖି ୫୦ଟି କୁକୁରଙ୍କୁ ପ୍ରତିଦିନ ଛାତ୍ରମାନେ ଖାଇବାକୁ ଦିଅନ୍ତି। କୁକୁରଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ସେମାନଙ୍କ ସୁରକ୍ଷା ନିଶ୍ଚିତ କରୁଛନ୍ତି। କିଛି କୁକୁରଙ୍କୁ ପ୍ରଶିକ୍ଷଣ ଦିଆଯାଇ ସୁରକ୍ଷା ପାଇଁ ମେନ୍ ଗେଟରେ ରଖାଯାଉଛି। ସେଣ୍ଟ ଆଲବର୍ଟ କଲେଜ( କୋଚି) ଏହାର ନ୍ୟାଶନାଲ ସର୍ଭିସ ସ୍କିମ୍‌ର ସ୍ୱେଚ୍ଛାସେବୀମାନଙ୍କୁ ପ୍ରାଣୀ କଲ୍ୟାଣ ଉପରେ ଶିକ୍ଷା ଦେବା ତଥା ୱେବିନାର ଏବଂ ଅଭିଯାନ ଚଳାଇବା ଲାଗି ଏବେ ହ୍ୟୁମାନ ସୋସାଇଟି ଇଣ୍ଟର୍‌ନ୍ୟାଶନାଲ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ହତା ମଧ୍ୟରେ ପ୍ରାଣୀମାନଙ୍କ ଯତ୍ନ ନେବା ପାଇଁ ଏକ ପ୍ରାଣୀ କଲ୍ୟାଣ ସଂଗଠନ ସହ ସେଣ୍ଟ ଆଲବର୍ଟ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ ରାଜ୍ୟରେ ପ୍ରଥମେ ଚୁକ୍ତିବଦ୍ଧ ହୋଇଛି । ମହାମାରୀ ସମୟରେ ପ୍ରାଣୀମାନଙ୍କ ଯତ୍ନ ନେବା ପାଇଁ ଛାତ୍ର ସଂଘର ଅନୁରୋଧ କ୍ରମେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି( ଆଇଆଇଇଏସ୍‌ଟି) ଦ୍ୱାରା ଏକ ପ୍ରାଣୀ କଲ୍ୟାଣ କ୍ଲବ୍ ଗଠନ କରାଯାଇଥିଲା। ପିପୁଲ ଫର୍ ଆନିମଲ ୱେଲଫେୟାର, ଆଇଆଇଇଏସଟି ବ୍ୟାନରରେ ଛାତ୍ରମାନେ ହତା ମଧ୍ୟରେ ବୁଲାପ୍ରାଣୀମାନଙ୍କୁ ଖାଇବାକୁ ଦେବା ଲାଗି ଗତ ବର୍ଷ ଏପ୍ରିଲରୁ ପାଣ୍ଠି ସଂଗ୍ରହ କରୁଛନ୍ତି। କିନ୍ତୁ ଲକ୍‌ଡାଉନ ଯୋଗୁ ଚଳିତ ବର୍ଷ ମାର୍ଚ୍ଚ ତୃତୀୟ ସପ୍ତାହରୁ ଏହି ଅଭିଯାନ ବନ୍ଦ ହୋଇଯାଇଛି। ଆଇଆଇଇଏସ୍‌ଟି ଏହି କ୍ଲବକୁ ଏକ ବୈଧାନିକ ସଂସ୍ଥା କରିଛି ଯାହାଦ୍ୱାରା କଲେଜ କର୍ତ୍ତୃପକ୍ଷ ୨୦୦ କୁକୁର ଏବଂ ୩୦ଟି ବିଲେଇଙ୍କୁ ସାହାଯ୍ୟ କରୁଛନ୍ତି। ଆଇଆଇଇଏସ୍‌ଟିର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂର ଜଣେ ପ୍ରାଧ୍ୟାପକ ଏହି କ୍ଲବର ଦାୟିତ୍ୱରେ ରହିଛନ୍ତି।

ହତାରେ କୁକୁରମାନଙ୍କ ଦେଖାଶୁଣା କରିବା ପାଇଁ ଜଣଙ୍କୁ ନିଯୁକ୍ତି ଦେବାକୁ ନିକଟରେ ଆଇଆଇଟି (ଦିଲ୍ଲୀ ) ଦରଖାସ୍ତ ଆହ୍ୱାନ କରିଛି। ଏହି ପଦବୀ ମାସିକ ୪୫,୦୦୦ ଟଙ୍କା ଦରମାରେ ଜଣେ ପ୍ରାଣୀ ବିଜ୍ଞାନ ଡିଗ୍ରୀଧାରୀଙ୍କ ପାଇଁ ଉଦ୍ଦିଷ୍ଟ। ମହାମାରୀ ସମୟରେ ବର୍ତ୍ତମାନ ଛାତ୍ରମାନେ ହତା ଛାଡ଼ିଚାଲିଯିବା ପରେ ଜଗୁଆଳୀମାନେ ପ୍ରାଣୀମାନଙ୍କୁ ଖୁଆଇବାର ବ୍ୟବସ୍ଥା କରିଛନ୍ତି। ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ(ଦିଲ୍ଲୀ) ହତାରେ ଛାତ୍ରମାନେ ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ କୁକୁର, ନୀଳଗାଈ ଏବଂ ମୟୂରମାନଙ୍କୁ ଖାଇବାକୁ ଦେଉଛନ୍ତି। ବିଶ୍ୱବିଦ୍ୟାଳୟର ଆନିମଲ ସେଲ୍ ଏବଂ ଆନିମଲ ଏଥିକ୍ସ କମିଟି ରହିଛି। କିନ୍ତୁ ମହାମାରୀ ଲକ୍‌ଡାଉନରେ ନିର୍ଦ୍ଦିଷ୍ଟ ଭାବେ କୌଣସି ଖାଦ୍ୟ ବ୍ୟବସ୍ଥା ନ କରି ଛାତ୍ରମାନଙ୍କୁ ହତା ଛାଡ଼ିବାକୁ ପଡ଼ିଲା।

କଲେଜ ହେଉ କିମ୍ବା ବିଶ୍ୱବିଦ୍ୟାଳୟ ହତାରେ ଆନିମଲ ୱେଲ୍‌ଫେୟାର ଗ୍ରୁପ୍ ସଂସ୍ଥାପିତ କରିବା ଗୁରୁତ୍ୱପୂର୍ଣ୍ଣ କହିଁକି? ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରାଣୀମାନଙ୍କ ପ୍ରତି ହିଂସକ କାର୍ଯ୍ୟରେ ଲିପ୍ତ ରହନ୍ତି ସେମାନେ ମଧ୍ୟ ମଣିଷଙ୍କ ପ୍ରତି ଅପରାଧୀ ସ୍ୱଭାବ ପ୍ରଦର୍ଶନ କରିଥାଆନ୍ତି। ପିଲାବେଳେ ପ୍ରାଣୀମାନଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ନିଷ୍ଠୁର ସ୍ୱଭାବ ହିଁ ପରବର୍ତ୍ତୀ ଜୀବନରେ ଅପରାଧ, ହିଂସାତ୍ମକ କାର୍ଯ୍ୟର ପ୍ରାଥମିକ ସୂଚନା ବୋଲି ଲଗାତର ଗବେଷଣା ପ୍ରକାଶ କରିଆସୁଛି। ପାଖାପାଖି ସବୁ ହିଂସକ ଅପରାଧୀମାନଙ୍କର ପ୍ରୋଫାଇଲରେ ପ୍ରାଣୀ ନିଷ୍ଠୁରତାର ଇତିହାସ ରହିଛି। ଏଣୁ ଆମକୁ ଆରମ୍ଭରୁ ଆମ ପ୍ରବୃତ୍ତି ପରିବର୍ତ୍ତନ କରିବାକୁ ପଡ଼ିବ। ଆମ ଚାରିପାଖରେ କୁକୁର ଓ ବିଲେଇ ରହିଲେ ତାହା ଉଚ୍ଚ ରକ୍ତ ଚାପ କମାଇପାରିବ ବୋଲି ଗବେଷଣାରୁ ଜଣାପଡ଼ିଛି। ଏଣୁ ଏହି ଶାନ୍ତକାରୀ ପ୍ରଭାବ ମୁଖ୍ୟତଃ ଛାତ୍ରମାନଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଜଣେ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଅଫିସିଆଲ କ୍ଲବ୍ 'ପୁପର୍ସ ହେଲପର୍ସ'ରେ ଏବେ ୬୦ ଜଣ ସ୍ୱେଚ୍ଛାସେବୀ ରହିଛନ୍ତି। ଏହା ଶିକ୍ଷାନୁଷ୍ଠାନ ହତାରେ ରହିଥିବା ପ୍ରାଣୀମାନଙ୍କ ପାଇଁ ଏକ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ କରିଛି ଓ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଦେଉଛି। ଏହାବାଦ୍ ଏବେ ପାର୍ଭୋ ଭାଇରସର ଚିକିତ୍ସା କିପରି କରାଯାଇପାରିବ ସେ ବିଷୟରେ ସଚେତନ କରିବାରେ ଲାଗିଛନ୍ତି। ବାସ୍ତବରେ ମୁଁ ସେମାନଙ୍କ ପାଇଁ ଗର୍ବିତ।

Email: gandhim@nic.in

# ଆଧ୍ୟାତ୍ମିକ ଜୀବନ ଓ ଶାକାହାର



ଡା. ଉମେଶ ଚନ୍ଦ୍ର ପାତ୍ର

ଖାଦ୍ୟପଦାର୍ଥର ସ୍ୱାଦ ଜାଣିବା ପାଇଁ ଜିହ୍ୱା ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ପାଇଁ ଏହା ମନକୁ ପ୍ରଭାବିତ କରିଥାଏ। ଫଳରେ ଅନିୟନ୍ତ୍ରିତ ମନର ପ୍ରଭାବରେ ଅଧିକ ପରିମାଣରେ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବାରୁ ଶରୀର ରୋଗାକ୍ରାନ୍ତ ହୋଇଥାଏ। ଅଧିକ ଚର୍ବି ଜାତୀୟ ଖାଦ୍ୟ, ତେଲ ଘିଅ ଓ ଶ୍ୱେତସାର ଖାଇବା ଦ୍ୱାରା ଶରୀରର ସ୍ଥୂଳତା ବୃଦ୍ଧି ପାଏ। ଅଧିକ ମସଲା, ରାଗ, ଚା, କଫି ଓ ମଦ୍ୟପାନ ପାକସ୍ଥଳୀ ଓ ଅନ୍ତଃନଳୀରେ ପ୍ରଦାହ ସୃଷ୍ଟି କରେ। ନିୟମିତ ଭାବେ ଖାଦ୍ୟ ଗ୍ରହଣର ବ୍ୟବଧାନ ଉପରେ ଦୃଷ୍ଟିରଖି ଖାଦ୍ୟ ଗ୍ରହଣ କଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହ ଶରୀର କାର୍ଯ୍ୟକ୍ଷମ ରହେ।

ଖାଦ୍ୟର ପରିମାଣ ଓ ଗୁଣାତ୍ମକମାନ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିଥାଏ। ବିଭିନ୍ନ ଖାଦ୍ୟ ଗ୍ରହଣ ଦ୍ୱାରା ଶରୀର ମଧ୍ୟରେ ଉତ୍ପନ୍ନ ହେଉଥିବା ଭିନ୍ନ ଭିନ୍ନ ପ୍ରକାରର ଶକ୍ତି ଦେହ ଓ ମନକୁ ବିଭିନ୍ନ ଭାବରେ ପରିଚାଳିତ କରେ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେପରି ଖାଦ୍ୟ ସେପରି ମନ। ଯେପରି ମନ ସେପରି ଚିନ୍ତା, ସେପରି ବ୍ୟବହାର ଓ କାର୍ଯ୍ୟ ଏବଂ ଯେପରି କାର୍ଯ୍ୟ ସେପରି ସ୍ୱାସ୍ଥ୍ୟ, ଖାଦ୍ୟ ମନୁଷ୍ୟକୁ ଚଳଚଞ୍ଚଳ କାର୍ଯ୍ୟକ୍ଷମ, ମାନ୍ଦା, ଚିନ୍ତାଗ୍ରସ୍ତ, ବିଷାଦଚିତ୍ତ ବା ପ୍ରଫୁଲ୍ଲ ରଖେ। ଖାଦ୍ୟର ପ୍ରକାରଭେଦ ଏକାଗ୍ରତାକୁ ନିୟନ୍ତ୍ରିତ କରେ। ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯମର ହ୍ରାସ ବୃଦ୍ଧିକୁ ମଧ୍ୟ ନିୟନ୍ତ୍ରିତ କରେ। ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ। ଖାଦ୍ୟ ସମ୍ବନ୍ଧରେ ଗାଁଗୁଡ଼ିକରେ ଗୋଟିଏ ଲୋକପ୍ରିୟ ସତର୍କବାଣୀ ହେଲା ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ ଖାଇଲେ ଯମର ଭେଟ। ହିନ୍ଦୁ ଶାସ୍ତ୍ରରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଏହି ତିନିଭାଗରେ ବିଭକ୍ତ କରାଯାଇଛି। ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ। ସାତ୍ତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନ କରି ମନକୁ ନିଶ୍ଚଳ ରଖେ। ରାଜସିକ ଖାଦ୍ୟ ମନରେ ଭାବ ପ୍ରବଣତା ସୃଷ୍ଟି କରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟି କରେ। ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ। ମାଂସ ଭକ୍ଷଣ ଦ୍ୱାରା ମନରେ ହିଂସ୍ର ପ୍ରବୃତ୍ତି ଜାତ ହୁଏ। ମାଂସ ଖାଇବା ପାଇଁ ପଶୁଟିକୁ ହତ୍ୟା କଲାବେଳେ ତା' ମନରେ ଯେଉଁ ପ୍ରତିକ୍ରିୟା ଓ ଭାବାନ୍ତର ସୃଷ୍ଟି ହୁଏ ତାହା ମାଂସଭକ୍ଷଣକାରୀ ମନ ଉପରେ ମଧ୍ୟ ପ୍ରଭାବ ପକାଇପାରେ।

ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ୍ୟ ନିୟନ୍ତ୍ରିତ କରେ। ଶାକାହାର ଖାଦ୍ୟ ସାତ୍ତ୍ୱିକ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବୋତ୍କୃଷ୍ଟ। ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କେବଳ ଆମିଷ ନୁହେଁ ଖାଦ୍ୟ ବ୍ୟବସ୍ଥାରେ ପିଆଜ, ରସୁଣକୁ ବି ତ୍ୟାଗ ପାଇଁ ମାର୍ଗଦର୍ଶନ କରିଛନ୍ତି। ପାଶ୍ଚାତ୍ୟ ଦେଶରେ କଞ୍ଚା ପରିବାପତ୍ର, ଅଧାସିଝା ପରିବା କିମ୍ବା ମସଲା ଦିଆ ନ ଯାଇ ସିଝା ହୋଇଥିବା ପରିବାପତ୍ର ଖାଇଥାଆନ୍ତି। ବେଶି ସିଝିଗଲେ ଖାଦ୍ୟପ୍ରାଣ ନଷ୍ଟ ହୋଇଯାଏ। ଆମ ଦେଶରେ ବ୍ୟଞ୍ଜନର ସ୍ୱାଦୁ ବଢ଼ାଇବା ପାଇଁ ଓ ଆକର୍ଷଣୀୟ ଦେଖାଯିବା ପାଇଁ ଦିଆଯାଉଥିବା ମସଲାଯୁକ୍ତ ତରକାରିକୁ ସେମାନେ ପସନ୍ଦ କରନ୍ତି ନାହିଁ। କାରଣ ଏହି ଖାଦ୍ୟ ସ୍ୱାସ୍ଥ୍ୟପକ୍ଷରେ ହାନିକାରକ। ସାଇବାବା କହନ୍ତି, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ଖାଦ୍ୟପ୍ରାଣରେ ଭରପୂର କଞ୍ଚା ଖାଇ ହେଉଥିବା ଫଳ, ମୂଳ, ପନିପରିବା ଡାଲି ଜାତୀୟ ଖାଦ୍ୟ ମୁଗ, ମଟର, ବୁଟକୁ ଗଜା କରି ଭାଜି କରି ବା ଡାଲି କରି ଖାଇଲେ, ନଡ଼ିଆ ଖାଇଲେ ଓ ନଡ଼ିଆ ପାଣି ପିଇଲେ କିଛି ପରିମାଣରେ ଦହି ଖାଇଲେ ସ୍ୱାସ୍ଥ୍ୟ ଭଲରହେ । ସୀମିତ ପରିମାଣର ଶ୍ୱେତସାର, ପୁଷ୍ଟିସାର ଓ ଅଳ୍ପ ସ୍ନେହସାର ଖାଦ୍ୟ ଖାଇବା ଉଚିତ। ଯଥେଷ୍ଟ ପରିମାଣରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟଭଲ ରହେ। ଗୋଟିଏ ଉପାଦେୟ ଲୋକକଥା ପ୍ରଚଳିତ ଅଛି। ତାହାହେଲା ଦିନରେ ଥରେ ଆହାର ଗ୍ରହଣ କରନ୍ତି ଯୋଗୀ, ଦୁଇଥର ଆହାର ଗ୍ରହଣ କରନ୍ତି ଭୋଗୀ ଓ ତିନିଥର ଆହାର ଗ୍ରହଣ କରନ୍ତି ରୋଗୀ। ଆବଶ୍ୟକତା ଅନୁଯାୟୀ ସୀମିତ ଆହାର ଗ୍ରହଣ କରି ଯୋଗୀମାନେ ଦୀର୍ଘଜୀବୀ ହେଉଥିଲେ। ଅତ୍ୟଧିକ ପରିମାଣରେ ବାରମ୍ବାର ଖାଦ୍ୟ ଖାଇ ଅକାଳ ମୃତ୍ୟୁବରଣ କରିବା ଲୋକଙ୍କର ବହୁତ ଦୃଷ୍ଟାନ୍ତ ଅଛି । ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ମଝିରେ ମଝିରେ ଉପବାସ ରହିବା ପାଇଁ ସାଇବାବା କହିଆନ୍ତି ।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ, କଟକ, ମୋ :୯୪୩୭୦୫୧୯୫୭

## ଏଇ ଭାରତରେ

ପରୀକ୍ଷାରେ ମାତାପିତାଙ୍କ କୋଭିଡ୍ ରିପୋର୍ଟ ପଜିଟିଭ ମିଳିବା ପରେ ସେମାନଙ୍କ ପିଲାମାନେ ଏକପ୍ରକାର ଅସହାୟ ମନେକରନ୍ତି। ମୁଖ୍ୟତଃ ବସ୍ତିରେ ରହୁଥିବା ଗରିବ ଶ୍ରେଣୀର ପିଲାମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ୁଛି। ତେବେ ଏଭଳି ପରିସ୍ଥିତିରେ ମୁମ୍ବାଇର ଏକ ଏନ୍‌ଜିଓ ରୁବେଲ ନାଗି ଆର୍ଟ ଫାଉଣ୍ଡେଶନ (ଆର୍‌ଏନ୍‌ଏଏଫ୍) ସଂକ୍ରମିତଙ୍କ ପିଲାମାନଙ୍କୁ ରଖି ଖାଇବା ଓ ପଢ଼ାଇବାର ବ୍ୟବସ୍ଥା କରିଛି। ମାତାପିତାଙ୍କ ସହମତିରେ ପିଲାମାନଙ୍କୁ କୋଭିଡ୍ ପରୀକ୍ଷା କରାଯାଇ ଏହାର ଏକ ସ୍ୱତନ୍ତ୍ର କେନ୍ଦ୍ରରେ ରଖାଯାଉଛି। ପରେ ପ୍ରତି ୧୦ ଦିନରେ ପୁଣି ଥରେ ସେମାନଙ୍କର କୋଭିଡ୍ ପରୀକ୍ଷା କରାଯାଉଛି। ଦିଲ୍ଲୀ -ଏନ୍‌ସିଆର, ମୁମ୍ବାଇ, ରାଜସ୍ଥାନ ଏବଂ ନଏଡାର ୯ଟି ସେଣ୍ଟରରେ ଏବେ ୨୫୦ ପିଲା ରହିଛନ୍ତି। ପିଲାମାନଙ୍କୁ ପାଠ୍ୟ ଉପକରଣ, ଖାଇବା ଖର୍ଚ୍ଚ ସଂସ୍ଥା ବହନ କରୁଛି। କୋଭିଡ୍ ଆକ୍ରାନ୍ତ ପରିବାରକୁ ମାଗଣାରେ ବେଡ୍ ଏବଂ ରାଶନ ସାମଗ୍ରୀ ବି ଯୋଗାଇ ଦେଉଛି। ଏହି ଏନ୍‌ଜିଓ ତା'ର ସମସ୍ତ ବାଲ୍‌ୱାଡି ଏବଂ ଡେ'କେୟାରଗୁଡ଼ିକୁ କୋଭିଡ୍ ସେଣ୍ଟର କରିଦେଇଛି। ସ୍ୱତନ୍ତ୍ର କେନ୍ଦ୍ରରେ ରହିଥିବା ପିଲାମାନଙ୍କ ମାତାପିତାଙ୍କ ଚିକିତ୍ସା ଖର୍ଚ୍ଚ ମଧ୍ୟ ଏନ୍‌ଜିଓ ବହନ କରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ମେ ୧୯୯୬

- ଚାରି ସପ୍ତାହ ବ୍ୟାପୀ ଗୃହଯୁଦ୍ଧ ଚାଲିବା ପରେ ଲାଇବେରିଆର ଯୁଦ୍ଧରତ ଗୋଷ୍ଠୀଗୁଡ଼ିକ ସାମୟିକ ଯୁଦ୍ଧବିରତି ପାଇଁ ସମ୍ମତ ହୋଇଛନ୍ତି।
- ପୁରୁଣା ଲକ୍ଷ୍ନୌ ଏରିଆର ସୁଲତାନପୁରୀ-ମଦାରି ଭୋଟଗ୍ରହଣ କେନ୍ଦ୍ରର ଜଣେ ପୋଲିଂ ଅଫିସରଙ୍କୁ ମାଡ଼ମାରିବା ଅଭିଯୋଗରେ ସମତା ପାର୍ଟି ପ୍ରାର୍ଥୀ ଚିତ୍ରତାରକା ରାଜ ବବରଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରାଯାଇଛି।

# ଯୁବଗୋଷ୍ଠୀ ଓ ଉପଲବ୍ଧ ନିଯୁକ୍ତି



ଡ. ପ୍ରମୋଦ କୁମାର ପଣ୍ଡା

ଶାସ୍ତ୍ରରେ ଅଛି ବିଦ୍ୟୟା ଅମୃତମ ଅଶ୍ନୁତେ ଅର୍ଥାତ୍ ବିଦ୍ୟା ଦ୍ୱାରା ଅମୃତ ପ୍ରାପ୍ତି ହୋଇଥାଏ। ଆହୁରି ସରଳତାରେ କହିଲେ ବୁଝାପଡ଼ିବ ଯେ ପାଠପଢ଼ା ଦ୍ୱାରା ଜୀବନରେ ସୁଖ ଶାନ୍ତି ମିଳିଥାଏ। ମାତ୍ର ବର୍ତ୍ତମାନ ସମୟରେ ତ କାହିଁ ଛାତ୍ରୀଛାତ୍ର ବିଦ୍ୟା ପ୍ରାପ୍ତି ପରେ ସୁଖ ଶାନ୍ତି ପାଇପାରୁ ନାହାନ୍ତି? ସେମାନେ ପାଠପଢ଼ା ଶେଷରେ ବେକାର ହୋଇ ବୁଲୁଛନ୍ତି ଓ ମାଆବାପାଙ୍କ ଉପରେ ବୋଝ ହେଉଛନ୍ତି। ତା' ହେଲେ କ'ଣ ଶାସ୍ତ୍ର ବର୍ଣ୍ଣିତ ଉପରୋକ୍ତ ଉକ୍ତି ଏବେ ପ୍ରାସଙ୍ଗିକତା ହରାଇ ସାରିଲାଣି କି? ନା ପାଠକ ବନ୍ଧୁ ! ଏହି ଉକ୍ତି ଶତ ପ୍ରତିଶତ ସତ ଓ ତା'ର ପ୍ରାସଙ୍ଗିକତା ସର୍ବଦା ରହିଛି ଏବଂ ରହିଥିବ ମଧ୍ୟ। ଏଣୁ ଆମକୁ ସମୟର ଆହ୍ୱାନ କ୍ରମେ ଅଗ୍ରସର ହେବାକୁ ପଡ଼ିବ। ଆମେ ମନୁଷ୍ୟ ସମାଜ କାହିଁକି ସମୟ ଅନୁସାରେ ପରିବର୍ତ୍ତିତ ହେବା ନାହିଁ। ଅତୀତରେ ଆମ୍ଭେମାନେ ମୁଖ୍ୟତଃ ସରକାରୀ ଚାକିରି ଦ୍ୱାରା ଅର୍ଥ ଉପାର୍ଜନ କରୁଥିଲେ। ମାତ୍ର ବର୍ତ୍ତମାନ ସମୟ ବଦଳିଛି । ଜନସଂଖ୍ୟା ବୃଦ୍ଧି ପାଇଛି। ସେହି ତୁଳନାରେ ଆଉ ଚାକିରି ବାହାରୁ ନାହିଁ। ତେଣୁ ଯୁବଗୋଷ୍ଠୀ ବେକାର ହେଉଛନ୍ତି। ବେକାର ହୋଇ ବୁଲିଲେ ପାଠ ପଢ଼ାରେ ମାଆବାପା ଯେତେ ଧନ ବିନିଯୋଗ କରିଛନ୍ତି, ସେ ସବୁର ମୂଲ୍ୟ ମିଳୁନାହିଁ । ବୃଦ୍ଧ ମାଆ ବାପାଙ୍କ ଉପରେ ନିର୍ଭର ହୋଇ ତାଙ୍କର ଅବଶିଷ୍ଟ ଜୀବନକୁ ଚିନ୍ତାଗ୍ରସ୍ତ କରିବା ଠିକ୍ ନୁହେଁ।

ଓଡ଼ିଶାରେ ପ୍ରତିବର୍ଷ ଓଡ଼ିଆ ଓ ଇଂଲିଶ ମାଧ୍ୟମ ବୋର୍ଡକୁ ମିଶାଇଲେ ୬ ଲକ୍ଷ ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାନ୍ତି। ଆମେ ଅତି ବେଶିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨ ଲକ୍ଷ ପିଲାଙ୍କୁ ଯଦି ରୋଜଗାର ଯୋଗାଇବାରେ ସକ୍ଷମ ହୁଅନ୍ତି, ତା' ହେଲେ ଆଉ ୪ ଲକ୍ଷ ପିଲା ବେକାର ହୋଇ ବୁଲିବେ। ସେମାନେ କ'ଣ କରିବେ? କେମିତି ଏକ ଭଲ ରୋଜଗାର କରି ପରିବାର ପ୍ରତିପୋଷଣ କରିବେ? ଚାକିରି ନ ପାଇଲେ, ବେକାର ନ ହୋଇ ରୋଜଗାର କରିବା ଉପାୟ ମଧ୍ୟ ରହିଛି। ଆସନ୍ତୁ ନିଯୁକ୍ତି ବିଷୟରେ ଆଲୋଚନା କରିବା।

ଆମକୁ ମନେ ରଖିବାକୁ ପଡ଼ିବ ଯେ ବର୍ତ୍ତମାନ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ରହିଛି। ସେମାନେ ବିଭିନ୍ନ ପ୍ରକାର ଗାଡ଼ି ମେକାନିକ, ଇଲେକ୍ଟ୍ରିକାଲ ମେକାନିକ, ବିଜୁଳି ଓ ପାଣି ପାଇପ ମିସ୍ତ୍ରି, ରାଜମିସ୍ତ୍ରି ଓ ରଙ୍ଗମିସ୍ତ୍ରି ଇତ୍ୟାଦି ହୋଇପାରିବେ। କିଛି ଲୋକ ଆମ ରାଜ୍ୟରେ କାମ କରିପାରିବେ ଆଉ କିଛି ଅନ୍ୟ ରାଜ୍ୟ ଓ ବିଦେଶକୁ ମଧ୍ୟ ଯାଇ ରୋଜଗାର କରିପାରିବେ। ସେହିପରି ପନିପରିବା ଚାଷ, ମାଛ ଚାଷ, କୁକ୍କୁଡା ଫାର୍ମ ଓ ଗୋପାଳନ କରି ସେହି ଜିନିଷକୁ ଅନ୍ୟ ରାଜ୍ୟକୁ ରପ୍ତାନି କରିପାରିବେ। ବିଭିନ୍ନ ପ୍ରକାର ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିପାରିବେ। ତା'ଛଡା ଯାହା ଅନ୍ୟ ରାଜ୍ୟରେ ନାହିଁ,ଏଠାରୁ ସେ ସବୁ ନେଇ ସେଠି ବିକ୍ରିବଟା କରିପାରିବେ। ସେହିପରି ଯେଉଁ ଜିନିଷ ଆମ ରାଜ୍ୟରେ ନାହିଁ ସେସବୁ ବାହାର ରାଜ୍ୟରୁ ଆଣି ଆମ ରାଜ୍ୟରେ ବିକିପାରିବେ। ଆମ ରାଜ୍ୟରେ ଉତ୍ପାଦିତ ବସ୍ତ୍ର, ହସ୍ତଶିଳ୍ପ, କାରିଗରି କାମ, କୃଷିଜାତ ପଦାର୍ଥ ଇତ୍ୟାଦି ଅନ୍ୟ ରାଜ୍ୟ ଓ ବିଦେଶରେ ବିକ୍ରି କରିପାରିବେ। ଆମ ରାଜ୍ୟରେ ରପ୍ତାନି କେନ୍ଦ୍ର ନାହିଁ କହିଲେ ଚଳେ। ଅନ୍ୟ ରାଜ୍ୟର ଶିକ୍ଷିତ ଯୁବକ ରପ୍ତାନି କେନ୍ଦ୍ର ସ୍ଥାପନ ଦ୍ୱାରା ବିଦେଶକୁ ଜିନିଷ ରପ୍ତାନି କରି କୋଟି କୋଟି ଟଙ୍କା ରୋଜଗାର କରିପାରୁଛନ୍ତି। ଆମର ଖାଦ୍ୟ ସମଗ୍ର ପୃଥିବୀରେ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ। ତେଣୁ ଓଡ଼ିଆ ଖାଦ୍ୟର ଦୋକାନ ବିଭିନ୍ନ ସ୍ଥାନରେ କରି ଆମେ ରୋଜଗାର କରିପାରିବା। କିଛି ଯୁବକ ଗାଁ ଗହଳିରେ ଡ୍ରାଇଭିଂ ସ୍କୁଲ ଖୋଲି ଅର୍ଥ ଉପାର୍ଜନ ସଙ୍ଗେ ସଙ୍ଗେ ସମାଜ ସେବାରେ ଭାଗୀଦାର ହୋଇପାରିବେ। ସେ ରାସ୍ତା କଡ଼ ଦୋକାନ ହେଉ ବା ଠେଲା ଗାଡ଼ି ହେଉ କିମ୍ବା ବଡ଼ ଦୋକାନ, ଆମକୁ ଛୋଟ କାମ କଲେ କେବେ ଲାଜ ଲାଗିବା କଥା ନୁହେଁ। କାରଣ ସତ୍ ଉପାୟରେ ଯେ କୌଣସି କାର୍ଯ୍ୟ ମହାନ୍ ହୋଇଥାଏ।

ଓଡ଼ିଶାର ଯୁବ ସମାଜ ଛୋଟ କାମ କରିବାକୁ ସାଧାରଣତଃ ପସନ୍ଦ କରି ନ ଥାନ୍ତି। ଗୋଟେ ଛୋଟ ଉଦାହରଣ ଦେବି। ଥରେ ଶରୀରର ବିଭିନ୍ନ ଅଙ୍ଗ ପ୍ରତିଯୋଗିତା କଲେ ସବୁଠୁ ବଡ଼ କିଏ? ଆଖି କହିଲା ମୁଁ ବଡ଼। ହାତ କହିଲା ମୁଁ ବଡ଼। ଜିଭ କହିଲା ମୁଁ ବଡ଼ ଇତ୍ୟାଦି ଇତ୍ୟାଦି? ମାତ୍ର ମଳଦ୍ୱାର ଭାବିଲା ମୋ ଠି ତ ସବୁ ମଳ ତ୍ୟାଗ ହୁଏ। ମୋତେ କିଏ ବଡ଼ କହିବ। ତଥାପି ଦେଖୁଛି। ଏହା କହି ସେ ମଳଦ୍ୱାର ବନ୍ଦ କରିଦେଲା। ୨/୩ ଦିନ ପରେ ଶରୀରର ସବୁ ଅଙ୍ଗ ପ୍ରତ୍ୟଙ୍ଗ ଦୁର୍ବଳ ହେବାକୁ ଲାଗିଲା। ଏହି ସମୟରେ ମଳଦ୍ୱାର ନିଜକୁ ଖୋଲିଦେଲା। ଶରୀର ତା'ର ପୂର୍ବାବସ୍ଥାକୁ ଫେରି ଆସିଲା। ଶରୀରର ସବୁଠୁ ବଡ଼ ଅଙ୍ଗ ମଳଦ୍ୱାର ବୋଲି ସମସ୍ତେ ସ୍ୱୀକାର କଲେ। ସେହିପରି ସମାଜର ପ୍ରତ୍ୟେକ ଛୋଟ କାମ ଯଥା ଜୋତା ସିଲାଇ, କପଡ଼ା ସଫାକରିବା, ଚୁଟି କାଟିବା ଇତ୍ୟାଦିର ମହତ୍ତ୍ୱ ବହୁତ ଅଧିକ। କମ୍ପ୍ୟୁଟର ଲାଇନରେ (ଟାଇପିଙ୍ଗ, ୱେବ ଡିଜାଇନ ଇତ୍ୟାଦି), ମୂର୍ତ୍ତି କାରିଗର, ଚିତ୍ରକର, ବାଦ୍ୟ ଯନ୍ତ୍ର, ସଙ୍ଗୀତ, ନୃତ୍ୟ, ଅଭିନୟ, ରୋଷେୟା, ମିଠା କାରିଗର ଇତ୍ୟାଦି ଇତ୍ୟାଦିରେ ବହୁତ ସୁଯୋଗ ରହିଛି। ଆପଣ ଭାବି ଆଶ୍ଚର୍ଯ୍ୟ ହେବେ ଯେ ଆମ ରାଜ୍ୟର ବଡ଼ ବଡ଼ ସହରଗୁଡ଼ିକରେ ଓଡ଼ିଆ ଟାଇପିଷ୍ଟ ମିଳୁ ନାହାନ୍ତି। ତେବେ କମ୍ପ୍ୟୁଟର ଓଡ଼ିଆ ଟାଇପ ଶିଖି ଯୁବକମାନେ ମାସକୁ ହଜାର ହଜାର ଟଙ୍କା ରୋଜଗାର କରିପାରିବେ। ସୁଦୂର ରାଜସ୍ଥାନ, ଉତ୍ତର ପ୍ରଦେଶ, ସିକ୍କିମ, ପଶ୍ଚିମ ବଙ୍ଗ, ବିହାର, ଆନ୍ଧ୍ର ପ୍ରଦେଶରୁ ଯୁବକମାନେ ଆସି ଆମ ରାଜ୍ୟରେ ଗରମ ଜିଲାପି, ପକୋଡ଼ି, ବାଦାମ, ମାଟି ପଲମ, ରାସ୍ତାକଡ଼ ବ୍ୟବସାୟ, ଗୁପଚୁପ, ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଲୁହାଲଡା ଜିନିଷ ବିକ୍ରିକରି କମ ଖର୍ଚ୍ଚରେ ଦିନକୁ ହଜାର ହଜାର ଟଙ୍କା ଲାଭ କରୁଥିବା ବେଳେ ଆମ ରାଜ୍ୟର ଯୁବକମାନେ ମାସକୁ ୫-୭ ହଜାର ଟଙ୍କାରେ ଅନ୍ୟ ରାଜ୍ୟରେ ଦାଦନ ଖଟୁଛନ୍ତି, ଅପରିଷ୍କାର ପରିବେଶରେ ରହୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଏହି ଅଳ୍ପଦିନ ତଳେ କଲିକତାରୁ ଭୁବନେଶ୍ୱର ଆସୁଥିବା ଏକ ବସ୍‌କୁ କଟକରେ ଅଟକାଇ ଚଢ଼ାଉ କଲାପରେ ସେଥିରୁ ୧.୫ କୁଇଣ୍ଟାଲ ନକଲି ପନିର ଜବତ କରାଯାଇଥିଲା। ଅନ୍ୟାନ୍ୟ ବସ୍‌ରେ ଏହିପରି କେତେ ପନିର ଆସୁଥିବ। ଅର୍ଥାତ୍ ଆମ ରାଜ୍ୟରେ ପନିରର ଚାହିଦା ଏତେ ଅଛି ଆଉ ଆମେ ଯୋଗାଇ ନ ପାରିବାରୁ ବାହାର ରାଜ୍ୟରୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଶାସ୍ତ୍ରରେ ମଧ୍ୟ କୁହାଯାଇଛି କର୍ମ ହିଁ ଭଗବାନ। ତେଣୁ କୌଣସି କର୍ମ ପ୍ରତି ବିମୁଖ ହୁଅ ନାହିଁ। ଏହା ମଧ୍ୟ ବାସ୍ତବତା, ଚାକିରିରେ ବଞ୍ଚି ହୁଏ, ମାତ୍ର ପ୍ରଗତି କରି ହୁଏ ନାହିଁ। ଆମ ଯୁବଗୋଷ୍ଠୀ ବର୍ତ୍ତମାନ ସମୟର ବାସ୍ତବତାକୁ ଗ୍ରହଣ କରି ସମାଜରେ ଅଗ୍ରସର ହେବା ଉଚିତ।

ଆମ ଜାତି କାରିଗରର ଜାତି, ଆମ ଜାତି ବାଣିଜ୍ୟ ବେପାରର ଜାତି! ଆଜିକାଲି ସହଜରେ ଲୋନ୍ ମିଳିପାରୁଛି। ତେଣୁ ଆମର ପାଠ ପଢ଼ୁଆ ଯୁବତୀ ଯୁବକ ନିଜକୁ ବେକାର ମନେ ନ କରି, ଦୃଢ଼ ସଂକଳ୍ପ ନେବା ଉଚିତ ଯେ ସତ୍ ଉପାୟରେ ପରିଶ୍ରମ କରି ଅର୍ଥ ଉପାର୍ଜନ କରିବା। ଆସନ୍ତୁ ସମସ୍ତେ ମିଶି ବେକାର ଶବ୍ଦଟିକୁ ହଟାଇଦେବା।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଭାରତ ସରକାର), ଭୁବନେଶ୍ୱର, ମୋ: ୮୯୧୭୪୨୬୪୦

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 7 | | | | | | 9 | | |
| 4 | | 5 | 8 | | | | 3 | |
| 8 | | 9 | | | 2 | 6 | | |
| | | 3 | 4 | | | | | 2 |
| | | | | | 7 | 1 | | |
| | 9 | 8 | | | | | 5 | 6 |
| | | | | 3 | | | | 7 |
| | 5 | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 4 | 5 | 8 | 9 | 3 | 2 | 7 |
| 2 | 3 | 8 | 4 | 7 | 6 | 9 | 1 | 5 |
| 7 | 9 | 5 | 1 | 2 | 3 | 6 | 4 | 8 |
| 3 | 6 | 1 | 8 | 5 | 4 | 7 | 9 | 2 |
| 8 | 4 | 7 | 9 | 3 | 2 | 1 | 5 | 6 |
| 9 | 5 | 2 | 7 | 6 | 1 | 8 | 3 | 4 |
| 4 | 8 | 6 | 3 | 1 | 5 | 2 | 7 | 9 |
| 1 | 2 | 9 | 6 | 4 | 7 | 5 | 8 | 3 |
| 5 | 7 | 3 | 2 | 9 | 8 | 4 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଛ ଓ ଗହମ ଚାଷ କରାଯାଉ

ମହାଶୟ,

ଆମ ରାଜ୍ୟରେ ବର୍ଷକୁ ବର୍ଷ ଧାନ ଅମଳ ରେକର୍ଡ ଭାଙ୍ଗୁଛି। ମଣ୍ଡିରେ ଧାନ ବିକି ଚାଷୀ ଆଶ୍ୱସ୍ତି ଅନୁଭବ କରୁଛି। କିନ୍ତୁ ସିଂହଭାଗ ଚାଷୀ ଧାନରେ ମାତି ଭୟଙ୍କର ବିପଦକୁ ନିମନ୍ତ୍ରଣ କରୁଛନ୍ତି। ଦିନକୁ ଦିନ ଧାନଦର ହ୍ରାସ ପାଇବାରେ ଲାଗିଛି। ଗତବର୍ଷ କରୋନା ଆରମ୍ଭରୁ ଏପର୍ଯ୍ୟନ୍ତ ଖୋଲାବଜାରରେ ଧାନ କ୍ୱିଣ୍ଟାଲ ବାରଶହ ଟଙ୍କାରୁ ତେରଶହ ଟଙ୍କା ମଧ୍ୟରେ ଅଟକି ରହିଛି। ଦର ବଢ଼ିବ ବଢ଼ିବ ଆଶାରେ ଅନେକ ଚାଷୀଙ୍କ ପାଖରେ ଗତବର୍ଷର ଧାନ ରହିଯାଇଛି। ପଡ଼ୋଶୀ ରାଜ୍ୟର ବେପାରୀଙ୍କୁ ଧାନ ବିକୁଥିବା ଚାଷୀ ଫସି ଯାଇଛନ୍ତି। ରାଜ୍ୟରେ ଉତ୍ପାଦିତ ଧାନ ଗଚ୍ଛିତ ହୋଇ ରହିଗଲେ ଦିନ ଆସିବ ସରକାର ଚାଷୀଙ୍କଠାରୁ ଧାନ କିଣିବା ବନ୍ଦ କରିବାର ଆଶଙ୍କା ରହିଛି। ଧାନ ଦର ହ୍ରାସରୁ ମୁକ୍ତି ପାଇଁ ସରକାର ଚାଷୀଙ୍କଠାରୁ ଧାନ କିଣି ବଙ୍ଗୋପସାଗରରେ ଢାଳିବାର ପରିସ୍ଥିତି ଦେଖାଦେଇପାରେ। ଯଦିଓ କରୋନା ପାଇଁ ହୋଟେଲ, ବଜାର ଓ ମେଳା ମହୋତ୍ସବ ବନ୍ଦ ହୋଇ ଚାଉଳ ଅବଶ୍ୟକତା କମିବା ଦ୍ୱାରା ଧାନ ଦର ହ୍ରାସର ଅନ୍ୟତମ କାରଣ ହୋଇଛି। ଭାତ ପଖାଳ ଖାଇବା ଲୋକେ ନୂଆ ନୂଆ ଓଳିଏ ରୋଟି ଖାଇବା ଆରମ୍ଭ କଲେଣି। ଚାଷୀ ହରଡ଼ଘଣାରେ ପଡ଼ିବା ପୂର୍ବରୁ ଧାନ ସହିତ କିଛି ଜମିରେ ମାଛଚାଷ କରିବା ପାଇଁ ସରକାର ଋଣ ଓ ଟ୍ରେନିଂ ଦବା ଦରକାର। ଆମ ଜଳବାୟୁରେ ଗହମ ଚାଷ କିଭଳି ହୋଇପାରିବ ସେ ଦିଗରେ କୃଷିବିଜ୍ଞାନୀ ଉଦ୍ୟମ କରିବା ଦରକାର।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯେତେ ରୂପ ଅବୟବ ସବୁଠାରୁ ବିଶେ ହୋଇ ବଡ଼
ରୂପାନ୍ତର ଘେନି କେତେ ହୋଇଛି ସେ ଜଡ଼ ଖାଲି ଜଡ଼!
ଯାଇଛି ମିଳାଇ କାହିଁ ଜଳେ ଥଳେ ଆକାଶେ ଆଲୋକେ
କେବେ ସୁଖେ ହସି ଏଥି ଲୁହ ଢାଳି କେବେ ମହାଶୋକେ।
ଚାଲିଥାଏ ସାଥୀମେଳେ ଜୀବନର ତଡ଼ିତ ପ୍ରବାହ,
ଯାଏ ନିଭି କାହିଁ ପୁଣି ମଧ୍ୟାହ୍ନର ତୀବ୍ର ବହ୍ନିଦାହ।
-(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଭାରତରୁ ବିମାନ ବାତିଲ କଲା ୟୁଏଇ

**ନୂଆଦିଲ୍ଲୀ,୫।୫:** ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ) ଭାରତରୁ ସମସ୍ତ ବିମାନକୁ ବାତିଲ କରିଛି। ଆଗାମୀ ନିଷ୍ପତ୍ତି ନ ଆସିବା ଯାଏ ଭାରତରୁ ସେହି ଦେଶକୁ ସମସ୍ତ ବିମାନ ସେବା ବାତିଲ ରହିବ ବୋଲି ଜଣାପଡିଛି। ଏହା ପୂର୍ବରୁ ଏପ୍ରିଲ ୨୪ରୁ ଏହି ଦେଶ ୧୦ ଦିନ ଲାଗି ବିମାନ ଚଳାଚଳ ଉପରେ କଟକଣା ଲଗାଇଥିଲା। ଚଳିତ ମାସ ୪ରେ ଏହି ଅବଧି ଶେଷ ହେଉଥିବା ବେଳେ ପୁଣି ଥରେ ଏହା ବୃଦ୍ଧି ନେଇ ବିମାନ କମ୍ପାନୀଗୁଡିକୁ ସ୍ପଷ୍ଟ କରାଯାଇଛି। ଚଳିତ ଥର କେତେ ଦିନ ବିମାନ ସେବା ଉପରେ କଟକଣା ଲାଗିବ ୟୁଏଇ କିଛି ସ୍ପଷ୍ଟ କରିନାହିଁ। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପରେ ବିମାନ କମ୍ପାନୀଗୁଡିକ ସେହି ଦେଶକୁ ସେବା ଯୋଗାଇବା ଉପରେ କଟକଣା ଲାଗିଛି। ୟୁଏଇ ନାଗରିକ, ରାଷ୍ଟ୍ରଦୂତ, ଅଫିସିଆଲ ପ୍ରତିନିଧି, ଗୋଲଡେନ ରେସିଡେନ୍ସି ଭିଜାଧାରୀ ଏବଂ ବିଜ୍‌ନେସମ୍ୟାନଙ୍କ ଫ୍ଲାଇଟକୁ ନୂଆ ନିୟମ ପରିସରରୁ ବାଦ ଦିଆଯାଇଛି। ଏଥିଲାଗି କୋଭିଡ ପରୀକ୍ଷା ଏବଂ ସଙ୍ଗରୋଧ ନିୟମ ମଧ ମାନିହେବ ବୋଲି କୁହାଯାଇଛି।

### କୋଭିଡ୍ ମୁକାବିଲା ଲାଗି ୭୦ କୋଟି ଦେଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୫।୫:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ କୋଭିଡ୍-୧୯ ଦ୍ୱିତୀୟ ଲହର ମୁକାବିଲା ଲାଗି ୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ମହାମାରୀ ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଥିବା ରାଜ୍ୟଗୁଡ଼ିକରେ ୧୦୦୦ ଶଯ୍ୟାର ମେକ୍ ସିଫ୍ଟ ହସ୍ପିଟାଲ,୨୫୦ ଆଇସିୟୁ ଶଯ୍ୟା ଓ ୧୦୦୦ ଶଯ୍ୟାର ସଙ୍ଗରୋଧ ବ୍ୟବସ୍ଥା ସ୍ଥାପନ କରିବା ଲାଗି ବ୍ୟାଙ୍କ ପକ୍ଷରୁ ୩୦ କୋଟି ଟଙ୍କା ଉତ୍ସର୍ଗ କରାଯାଇଛି।

# ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ହେବ

## ମିଳିଲା କ୍ୟାବିନେଟ ମଞ୍ଜୁରୀ




**ନୂଆଦିଲ୍ଲୀ,୫।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଆଡିବିଆଇ ବ୍ୟାଙ୍କ ଲିମିଟେଡ୍‌ରୁ ରଣନୈତିକ ପୁଞ୍ଜି ପ୍ରତ୍ୟାହାର ସହ ପରିଚାଳନା ନିୟନ୍ତ୍ରଣ ହସ୍ତାନ୍ତରକୁ ନୀତିଗତ ମଞ୍ଜୁରୀ ଦେଇଛନ୍ତି। କାରବାରକୁ ଚୂଡ଼ାନ୍ତ ରୂପ ଦେବା ସମୟରେ ଆର୍‌ବିଆଇ ପରାମର୍ଶକ୍ରମେ ଭାରତ ସରକାର ଓ ଏଲ୍‌ଆଇସି ପକ୍ଷରୁ ବିକ୍ରି କରାଯିବାକୁ ଥିବା ନିଜ ନିଜ ଅଂଶଧନର ସୀମା ନିର୍ଦ୍ଧାରଣ କରାଯିବ।

ଭାରତ ସରକାର ଏବଂ ଏଲ୍‌ଆଇସି ନିକଟରେ ଆଇଡିବିଆଇ ବ୍ୟାଙ୍କର ୯୪%ରୁ ଊର୍ଦ୍ଧ୍ୱ ଇକ୍ୱିଟି ରହିଛି। ଏହା ମଧ୍ୟରେ ଭାରତ ସରକାରଙ୍କ ୪୫.୪୮% ଏବଂ ଏଲ୍‌ଆଇସିର ୪୯.୨୪% ଇକ୍ୱିଟି ସାମିଲ ରହିଛି। ଏଲ୍‌ଆଇସି ବର୍ତ୍ତମାନ ଆଇଡିବିଆଇର ପରିଚାଳନା ନିୟନ୍ତ୍ରଣ କରିବା ସହ ପ୍ରମୋଟର ଭାବେ କାର୍ଯ୍ୟ କରୁଛି। ଏହାସହ ଭାରତ ସରକାର ଏଥିରେ ସହ ପ୍ରମୋଟର ରହିଛନ୍ତି। କେନ୍ଦ୍ର ସରକାରଙ୍କ ପରିକଳ୍ପିତ ରଣନୈତିକ ଅଂଶଧନ ବିକ୍ରି ସହିତ ନିଜ ଅଂଶଧନ ବିକ୍ରି ଜରିଆରେ ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍‌ରୁ ନିଜର ଅଂଶଧନ ହ୍ରାସ କରିବାକୁ ଏଲ୍‌ଆଇସି ନିଷ୍ପତ୍ତି ନେଇଛି; ଯାହାଫଳରେ ଏହା ପରିଚାଳନା ନିୟନ୍ତ୍ରଣ ଛାଡ଼ିପାରିବ ଓ ହସ୍ତାନ୍ତର କରିପାରିବ।

ଏ ସଂକ୍ରାନ୍ତ ପ୍ରସ୍ତାବ ଏଲ୍‌ଆଇସି ବୋର୍ଡ ବୈଠକରେ ପାରିତ ହୋଇଛି। ଏଥି ସହିତ ଏଲ୍‌ଆଇସିକୁ ଏହି ଅବସରରେ ମୂଲ୍ୟ ବଜାର ଆଉଟଲୁକ୍, ବୈଧାନିକ ସର୍ତ୍ତ ଏବଂ ପଲିସି ଧାରକମାନଙ୍କ ହିତ ପ୍ରତି ମଧ ଧାନ ରଖିବାକୁ ହେବ। ଏଲ୍‌ଆଇସି ବୋର୍ଡର ଏହି ନିଷ୍ପତ୍ତି ନିୟାମକୀୟ ଆଦେଶନାମା ଅନୁରୂପ; ଯାହାର ଅନ୍ତର୍ଗତ ବ୍ୟାଙ୍କରୁ ଏହା ନିଜର ଅଂଶଧନକୁ ହ୍ରାସ କରିପାରିବ। ରଣନୈତିକ କ୍ରେତା ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍‌ର କାରବାର କ୍ଷମତାକୁ ସର୍ବୋତ୍ତମ ବିକାଶ ସହିତ ବ୍ୟାଙ୍କର ବିକାଶ ଲାଗି ଆବଶ୍ୟକ ଅର୍ଥ ରାଶି ବିନିଯୋଗ କରିବେ। ଏହା ସହିତ ନୂତନ ପ୍ରଯୁକ୍ତିର ପ୍ରୟୋଗ ଆରମ୍ଭ କରିବେ। ସେହିଭଳି ବ୍ୟାଙ୍କର ପରିଚାଳନା ସହ ଜଡିତ ସର୍ବୋତ୍ତମ ପ୍ରଚଳନକୁ କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଛି। ସେହିଭଳି ଏଲ୍‌ଆଇସି ଏବଂ ସରକାରଙ୍କ କୌଣସି ନିର୍ଭରଶୀଳତା ବିନା ରଣନୈତିକ କ୍ରେତା ଏଥିରେ ଅଧିକରୁ ଅଧିକ କାରବାର ସୃଷ୍ଟି କରିବେ। ଏହି ଚୁକ୍ତି ଅନ୍ତର୍ଗତ ସରକାରଙ୍କ ଇକ୍ୱିଟିର ରଣନୈତିକ ପୁଞ୍ଜି ପ୍ରତ୍ୟାହାରରୁ ପ୍ରାପ୍ତ ସମ୍ବଳ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟରେ ଅର୍ଥ ବିନିଯୋଗ ଲାଗି ଉପଯୋଗ କରାଯିବ। ଏହାର ଲାଭ ଦେଶବାସୀ ପାଇପାରିବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ରହିଛି।

# ହୋଣ୍ଡା ଟୁହ୍ୱିଲର୍ସର ୨.୮୩ ଲକ୍ଷ ୟୁନିଟ ଯାନ ବିକ୍ରି

**ନୂଆଦିଲ୍ଲୀ,୫।୫**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଚଳିତ ବର୍ଷ ଏପ୍ରିଲରେ ୨.୮୩ ଲକ୍ଷ ୟୁନିଟ୍ ଗାଡ଼ି ବିକ୍ରି କରିଛି। କୋଭିଡ୍-୧୯ର ଲକ୍‌ଡାଉନ ସମୟରେ ହୋଣ୍ଡା ଏହାର ସମସ୍ତ ଅଂଶୀଦାରଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦେଉଛି। ସର୍ବଭାରତୀୟ ନେଟ୍‌ୱର୍କରେ ଯେଭଳି ଷ୍ଟକ୍ ପଡ଼ି ନ ରହେ ତାହା ନିଶ୍ଚିତ କରିବା ଲାଗି ଡେଲିଭରିକୁ ପ୍ରତ୍ୟକ୍ଷ ଭାବେ ନିୟନ୍ତ୍ରଣ କରାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଏପ୍ରିଲରେ ଦେଶ ଭିତରେ କମ୍ପାନୀ ୨.୪୦ ଲକ୍ଷ ୟୁନିଟ ଦୁଇଚକିଆ ଯାନ ବିକ୍ରି କରିଛି। ଉଭୟ ବିକ୍ରି ଓ ରପ୍ତାନି ପରିମାଣ ୨.୮୩ ଲକ୍ଷ ୟୁନିଟ୍ ଗାଡ଼ି ରହିଛି। ବୈଦେଶିକ ବ୍ୟବସାୟ ଉପରେ ଗୁରୁତ୍ୱାରୋପ କରାଯାଉଥିବାରୁ କମ୍ପାନୀର ରପ୍ତାନି ବୃଦ୍ଧି ପାଇ ୪୨,୯୪୫ ୟୁନିଟ୍‌ରେ ପହଞ୍ଚିଛି। ପ୍ରଥମ ଥର ଲାଗି ୩୬ ମାସ ଭିତରେ ହୋଣ୍ଡାର ରପ୍ତାନି ୪୦ ହଜାର ୟୁନିଟ୍‌ରୁ ଅଧିକ ହୋଇଛି। ୟୁରୋପ ଓ ଜାପାନରେ ମଧ ହୋଣ୍ଡାର ବିଏସ୍-୬ ଗାଡ଼ି ରପ୍ତାନି କରାଯାଉଛି। କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି




ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଏପ୍ରିଲ ମାସ ଆରମ୍ଭରୁ ଆଞ୍ଚଳିକ ଲକ୍‌ଡାଉନ୍ ଗ୍ରାହକମାନଙ୍କ ମନସ୍ତତ୍ତ୍ୱକୁ ପ୍ରଭାବିତ କରିବା ଆରମ୍ଭ କରିଥିଲା। ବ୍ୟବସାୟ ସହଯୋଗୀଙ୍କ ସହାୟତା ଯୋଗାଣ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ହାତକୁ ନିଆଯାଉଛି।

# 'ଅନ୍‌ସାଇଟ ନିର୍ମାଣ ଶ୍ରମିକଙ୍କୁ ଟିକା ମିଳୁ'

**ଭୁବନେଶ୍ୱର,୫।୫**

ମହାମାରୀ ସମୟରେ ରିୟଲ ଇଷ୍ଟେଟ୍ ଇଣ୍ଡଷ୍ଟ୍ରିରେ ନିୟୋଜିତ ଅନ୍‌ସାଇଟ୍ ଶ୍ରମିକଙ୍କ ଗୋଷ୍ଠୀ ଟିକାକରଣ ଲାଗି ରାଜ୍ୟ ସରକାରଙ୍କ ସହାୟତା ପାଇଁ କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନ ଅନୁରୋଧ କରିଛି। ଏ ସମ୍ପର୍କରେ ମଧ ଶ୍ରମ ଆୟୁକ୍ତ ଡ. ଏନ୍. ତିରୁମାଲା ନାୟକଙ୍କୁ ନିକଟରେ ଚିଠି ଲେଖି ଅନୁରୋଧ କରାଯାଇଛି। ରାଜଧାନୀର ବିଭିନ୍ନ ନିର୍ମାଣ ପ୍ରକଳ୍ପରେ ବର୍ତ୍ତମାନ ସମୟରେ ହଜାର ହଜାର ଶ୍ରମିକ କାର୍ଯ୍ୟରତ ଅଛନ୍ତି। ଏହି ଅବସରରେ କ୍ରେଡାଇ ଭୁବନେଶ୍ୱରର ଅଧ୍ୟକ୍ଷ କାନ୍ତିଲାଲ ପଟେଲ କହିଛନ୍ତି, ନୂଆଦିଲ୍ଲୀ ଓ ମୁମ୍ବାଇ ଭଳି ପ୍ରମୁଖ ସହରର ଶ୍ରମିକଙ୍କ ଭଳି ଭୟଭୀତ ହୋଇ ଘରକୁ ଫେରିଯିବା ଅବସ୍ଥା ପୂର୍ବରୁ ଶୀଘ୍ର ଅନ୍‌ସାଇଟ୍ ଶ୍ରମିକଙ୍କ ଗୋଷ୍ଠୀ ଟିକାକରଣ ପାଇଁ ଆମେ ଚେଷ୍ଟା କରୁଛୁ। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତଙ୍କ ପାଇଁ ମାଗଣା ଟିକାକରଣ ବ୍ୟବସ୍ଥା କରିଛନ୍ତି। ଆମେ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ସରକାର ଗ୍ରହଣ କରିବେ ବୋଲି ଆଶା ରହିଛି।

# ସୁଧାର ପ୍ରକ୍ରିୟାକୁ ଲାଗିପାରେ ଝଟକା

**ନୂଆଦିଲ୍ଲୀ,୫।୫**

କରୋନାର ଦ୍ୱିତୀୟ ଲହର ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ପୁଣି ଥରେ ଚାପଗ୍ରସ୍ତ ହୋଇଛି। କୋଭିଡ୍-୧୯ ଯୋଗୁ ବଜାର ଗତ ବର୍ଷ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚଳିତ ବର୍ଷ ଏଥିରେ କିଛିଟା ପରିବର୍ତ୍ତନ ଆସିଥିଲା। ମାତ୍ର ଦ୍ୱିତୀୟ ଲହର ଯୋଗୁ ଏହି ଧାରା ବର୍ତ୍ତମାନ ପ୍ରଭାବିତ ହୋଇଛି। ଫଳରେ ସୁଧାର ପ୍ରକ୍ରିୟାକୁ ବର୍ତ୍ତମାନ ଝଟକା ଲାଗିପାରେ ବୋଲି ଏସ୍ ଆଣ୍ଡ ପି ଗ୍ଲୋବାଲ ରେଟିଂ ପକ୍ଷରୁ ବୁଧବାର ଆଶଙ୍କା କରାଯାଇଛି। ବିଭିନ୍ନ ସ୍ଥିତିକୁ ବିଚାରକରିବା ପରେ ଏହି ଏଜେନ୍ସି




ଭାରତର ଅଭିବୃଦ୍ଧିକୁ ନେଇ ପୂର୍ବରୁ ଯେଉଁ ଆକଳନ କରିଥିଲା ସେଥିରେ ବର୍ତ୍ତମାନ ପରିବର୍ତ୍ତନ କରିଛି।

ଏସ୍ ଆଣ୍ଡ ପି ମାର୍ଚ୍ଚରେ କରିଥିବା ଆକଳନରେ କହିଥିଲା ଯେ, ଜିଡିପି ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୧୧% ଛୁଇଁପାରେ। ମେ ମାସରେ ସଂକ୍ରମଣ ଯଦି ଶୀର୍ଷ ସ୍ତର ଛୁଏ ତେବେ ଜିଡିପି ୯.୮% ରହିପାରେ। ବଜାର ସ୍ଥିତି ଜୁନ୍ ଯାଏ ଯଦି ପ୍ରଭାବିତ ହୁଏ ତେବେ ତେବେ ଜିଡିପି ଅଭିବୃଦ୍ଧି ୮.୨% ରହିପାରେ ବୋଲି ଏହି ରେଟିଂ ଏଜେନ୍ସି ରିପୋର୍ଟରେ କହିଛି। ବଜାର ସୁଧାର ଧାରାକୁ ଆସୁଥିବା ବେଳେ ଏହା ଉପରେ ଦ୍ୱିତୀୟ ଲହର ମାଡ଼ କରିଛି। ଫଳରେ ବାଣିଜ୍ୟ ଏବଂ କାରବାର ପୁଣି ଥରେ ପ୍ରଭାବିତ ହୋଇଛି। କାରଣ କରୋନା ନିୟନ୍ତ୍ରଣ ଲାଗି ଦେଶର ବିଭିନ୍ନ ରାଜ୍ୟ ଆଞ୍ଚଳିକ ସ୍ତରରେ କଟକଣା ଜାରି କରିଛନ୍ତି।

## ରାଜ୍ୟ ଖବର ...

## ଖାକିରେ କଳଙ୍କ

### ନ୍ୟାୟ ନ ମିଳିବାରୁ ଷ୍ଟାଫ୍‌ନର୍ସଙ୍କ ଆତ୍ମହତ୍ୟା

# ପ୍ରତାରଣା କରି ପୋଲିସ ଅଧିକାରୀ ଗିରଫ

**ଝାରସୁଗୁଡ଼ା ଅଫିସ,୫।୫**

ଖାକିରେ ପୁଣି ଲାଗିଛି କଳଙ୍କର ଦାଗ। ଝାରସୁଗୁଡ଼ା ଜିଲାର ଜଣେ ପୋଲିସ ଅଧିକାରୀ ମହିଳା ଷ୍ଟାଫ୍‌ନର୍ସଙ୍କୁ ପ୍ରତାରଣା କରିବା ଫଳରେ ପ୍ରତାରିତା ମହିଳା ଜଣଙ୍କ ଆତ୍ମହତ୍ୟା କରିଥିଲେ। ଏ ନେଇ ପୋଲିସ ବନହରପାଲି ଥାନାରେ ନଂ.୫୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ୪ଦିନ ପରେ ପୋଲିସ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଯୁଗଳ ସେଠ୍। ପରେ ଏସ୍‌ପି ବିକାଶ ଚନ୍ଦ୍ର ଦାସ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି।

ସମ୍ବଲପୁର ଜିଲା ମହୁଲପାଲି ତୁରେଇ ଗ୍ରାମର ଜନନୀ ମାଝି(୩୫) ପୂର୍ବରୁ ବିବାହ କରିଥିଲେ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ୍‌ନର୍ସ ଭାବେ କାର୍ଯ୍ୟ କରୁଥିଲେ। ଗତ କିଛିଦିନ ହେଲା ଜନନୀ ପରିବାରରୁ ଅଲଗା ହୋଇ ଝାରସୁଗୁଡ଼ା ବେହେରାମାଲରେ ଭଡ଼ାଘର ନେଇ ଏକାକୀ ରହୁଥିଲେ। ଏହାର ସୁଯୋଗ ନେଇ ପୋଲିସ ଅଧିକାରୀ ଯୁଗଳ ଜନନୀଙ୍କ ସହିତ ପ୍ରେମ ସମ୍ପର୍କ ସ୍ଥାପନ କରି ଭଡାଘରେ ସ୍ୱାମୀ, ସ୍ତ୍ରୀ ଭାବେ ରହୁଥିଲେ। ଗତ ଅକ୍ଟୋବରରେ ଉଭୟ ବିବାହ କରିଥିଲେ। ଏଭଳି ସ୍ଥିତିରେ ସେ ଜନନୀଙ୍କୁ ନିଜ ଘରକୁ ନେଇଥିଲେ। ସେଠାରେ ଯୁଗଳଙ୍କ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ସେ ଅସୁସ୍ଥ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲ୍‌କୁ ନେଇଥିଲେ। ସୁସ୍ଥ ହେବା ପରେ ଜନନୀ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ନ୍ୟାୟ ନ ମିଳିଲେ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ଏସ୍‌ପି ତଦନ୍ତ ପାଇଁ ବନହରପାଲି ଥାନାକୁ ପଠାଇଥିଲେ। ନ୍ୟାୟ ନ ମିଳିବାରୁ ସେ ଆତ୍ମହତ୍ୟା କରିଥିଲେ।

# 'ପୂର୍ବସୂଚନା ନ ନେଇ ଟିକା କେନ୍ଦ୍ର ଆସନି'

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ବିନା ମୋବାଇଲ ମେସେଜ୍ କିମ୍ବା ପୂର୍ବସୂଚନାରେ ଟିକାଦାନ କେନ୍ଦ୍ର ନ ଆସିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଛି। ଲକ୍‌ଡାଉନ ପ୍ରଥମ ଦିନରେ ନିୟମର ଅନୁପାଳନ, ଟିକାଦାନ, କୋଭିଡ ଟେଷ୍ଟିଂ, ସ୍ୱାସ୍ଥ୍ୟସେବା ଆଦି କାର୍ଯ୍ୟର ସମୀକ୍ଷା ବେଳେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିୟମ କଡାକଡି ପ୍ରବର୍ତ୍ତନ ନିମନ୍ତେ ପୋଲିସ ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଚିଲିକାରେ ଡଙ୍ଗାରୁ ଖସି ଜଣେ ମୃତ, ୩ ଉଦ୍ଧାର

**ଖଲ୍ଲିକୋଟ,୫।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଓଡ଼ିଆ ଆଲପୁର ଗ୍ରାମରେ ବୁଧବାର ରାମନବମୀ ମୂର୍ତ୍ତି ବିସର୍ଜନ ପାଇଁ ଚିଲିକା ହ୍ରଦକୁ ଯାଇଥିବା ବେଳେ ଡଙ୍ଗାରୁ ଖସି ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକ ହେଲେ ଆଲପୁର ଗ୍ରାମର ବିଭୂତି ତରେଇ (୨୬)। ଉଦ୍ଧାର ହୋଇଥିବା ୩ଜଣ ହେଲେ ଗନ୍ଧିଆ ତରେଇ, ଗନ୍ଧିଆ ପରିଡ଼ା ଓ ହରିଆ ନାହାକ। ଏମାନଙ୍କୁ ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଓଡ଼ିଆ ଆଲପୁର ଗ୍ରାମରେ ରାମନବମୀ ଉପଲକ୍ଷେ ୧୪ ଦିନ ଧରି ପୂଜାର୍ଚ୍ଚନା ହେଉଥିଲା। ବୁଧବାର ପୂଜା ପରେ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୂର୍ତ୍ତି ବିସର୍ଜନ ପାଇଁ ବାହାରିଥିଲେ। ଗାଁକୁ ଲାଗିଥିବା

## ମୂର୍ତ୍ତି ବିସର୍ଜନ ହେଲା କାଳ

ଚିଲିକାରେ ମୂର୍ତ୍ତି ବିସର୍ଜନ ପାଇଁ ଏକ ମୋଟରଚାଳିତ ଡଙ୍ଗାରେ ସେମାନେ ଯାଇଥିଲେ। କ୍ଷମତାଠାରୁ ଅଧିକ ଯାତ୍ରୀ ଥିବାରୁ ଚିଲିକା ମଝିରେ ଡଙ୍ଗାଟି ଭାରସାମ୍ୟ ହରାଇ ଦୋହଲିଯାଇଥିଲା। ଫଳରେ ମୂର୍ତ୍ତି ଧରିଥିବା ବିଭୂତି, ଗନ୍ଧିଆ ତରେଇ, ଗନ୍ଧିଆ ପରିଡ଼ା ଓ ହରିଆ ପାଣିରେ ଖସି ପଡ଼ିଥିଲେ। ବିଭୂତି ପାଣିରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ୩ଜଣ ଡଙ୍ଗା ସହାୟତାରେ କୂଳକୁ ଆସିଥିଲେ। ଖଲ୍ଲିକୋଟ ଦମକଳ ବାହିନୀ ପହଞ୍ଚି ବିଭୂତିଙ୍କୁ ପାଣିରୁ ବାହାର କରି ଖଲ୍ଲିକୋଟ ଡାକ୍ତରଖାନା ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

# ଚାଲିଚାଲି ଗ୍ରାମକୁ ଆସୁଥିବା ବାଟରେ ଝିଅର ମୃତ୍ୟୁ

**ଏମ୍‌ଭି,୭୯,୫।୫(ଡି.ଏନ.ଏ.)**

ଲକ୍‌ଡାଉନର ପ୍ରଥମ ଦିନ ଅଘଟଣ। ଦାଦନ ଖଟି ଆନ୍ଧ୍ରକୁ ଯାଇଥିବା ଏକ ପରିବାର ଲକ୍‌ଡାଉନ ଯୋଗୁ ଗାଡିମୋଟର ଚଳାଚଳ କରୁ ନ ଥିବାରୁ ଚାଲିଚାଲି ନିଜ ଗ୍ରାମକୁ ଫେରୁଥିବା ବେଳେ ବାଟରେ ଝିଅର ମୃତ୍ୟୁ ହୋଇଛି। ପ୍ରଶାସନ ସହାୟତାରେ ପିପିଇ କିଟ୍ ପିନ୍ଧି ଝିଅର ବାପାଙ୍କୁ ନିକଟସ୍ଥ ଜଙ୍ଗଲରେ ମୃତଦେହ ସତ୍କାର କରିବାକୁ ପଡିଛି। ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମୋଟୁ ସୀମାନ୍ତଠାରେ।

ପ୍ରକାଶ ଯେ, କଳାହାଣ୍ଡି ଜିଲା ସିନାପାଲି ଗ୍ରାମର ଦୁର୍ବା ବାନସୁର ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରିବାକୁ ଆନ୍ଧ୍ର ଯାଇଥିଲେ। ଯାହା ରୋଜଗାର ହେଉଥିଲା ତାଙ୍କ ପରିବାର ଚଳୁଥିଲା। କରୋନା ଯୋଗୁ କାମ ମିଳି ନ ଥିଲା। ଓଡ଼ିଶାରେ ଲକ୍‌ଡାଉନ ଆରମ୍ଭ ହୋଇଥିବା ଜାଣି ସେ ସ୍ତ୍ରୀପିଲାଙ୍କୁ ଧରି ଚାଲିଚାଲି

## ଲକ୍‌ଡାଉନ ଦୁର୍ଦ୍ଦଶା ଆରମ୍ଭ

ଗ୍ରାମକୁ ଫେରୁଥିଲେ। ମାତ୍ର ପୂର୍ବରୁ ହୃଦ୍‌ରୋଗରେ ଆକ୍ରାନ୍ତ ଥିବା ଝିଅ ନେହା ବାଟରେ ଥକ୍କି ପଡ଼ିଥିଲା। ମାଲକାନଗିରି ଜିଲା ମୋଟୁ ସୀମାନ୍ତ ଚିନ୍ତୁରଠାରେ ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ମୋଟୁ ତହସିଲଦାର ଶଶାଙ୍କ ମିଶ୍ର, ପୋଲିସ ଓ ଡାକ୍ତର ସରୋଜ ଚନ୍ଦ୍ର ବେହେରା ଅସହାୟ ପରିବାର ନିକଟରେ ପହଞ୍ଚି ସହାୟତା କରିଥିଲେ। ସେଠାରେ ନେହାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ପରେ ନେହାଙ୍କ ବାପା ନିଜେ ପିପିଇ କିଟ୍ ପିନ୍ଧି ଝିଅର ମୃତଦେହ ସତ୍କାର କରିଥିଲେ। ପରେ ପ୍ରଶାସନ ପକ୍ଷରୁ ସେଠାରେ ଦୁର୍ବା ଓ ତାଙ୍କ ସ୍ତ୍ରୀଙ୍କ କରୋନା ପରୀକ୍ଷା କରାଯାଇଥିଲା। ରିପୋର୍ଟ ନେଗେଟିଭ୍ ଆସିବାରୁ ଉଭୟଙ୍କୁ ପ୍ରଶାସନ ଗାଡ଼ି କରି ସିନାପାଲି ଗ୍ରାମକୁ ପଠାଇଥିଲା।

# ବଜ୍ରପାତରେ ୨ ନାବାଳିକା ମୃତ

**କୋଷାଗୁମୁଡ଼ା, ୫।୫ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଟେମରା ଗ୍ରାମର ଦୁଇ ନାବାଳିକାଙ୍କର ବୁଧବାର ବଜ୍ରପାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ଉର୍ମିଳା ଭତ୍ରା ଓ ହୀରାଦେଈ ଭତ୍ରା। ଉର୍ମିଳା, ହୀରାଦେଈ, ଲତା କେଉଟ ଓ ମେନକା ଭତ୍ରା ସାଙ୍ଗ ହୋଇ ଶାଗ ତୋଳିବାକୁ ଗାଁ ପାଖ ମଙ୍ଗିଆଗୁଡ଼ାରେ ଥିବା ଜମିକୁ ଯାଇଥିଲେ। ସେହି ସମୟରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏଥିରେ ଉର୍ମିଳା, ହୀରାଦେଈ ଓ ଲତା ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ପରିବାର ଓ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଉର୍ମିଳା, ହୀରାଦେଈ ଓ ଲତାଙ୍କୁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଉର୍ମିଳା ଓ ହୀରାଦେଈଙ୍କୁ ମୃତ ଘୋଷଣା କରିଥିଲେ। ଲତାଙ୍କ ଚିକିତ୍ସା ଚାଲିଛି।

# ଅନ୍‌ଲାଇନ ମଦ ବିକ୍ରି ପାଇଁ ପ୍ରସ୍ତାବ ଦେଲା ଅବକାରୀ ବିଭାଗ

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ଲକ୍‌ଡାଉନ ଯୋଗୁ ମଦ ଦୋକାନ ବନ୍ଦ ଅଛି। ଏଥିଯୋଗୁ କଳାବଜାର ବଢ଼ିବା ସହିତ ବିଷାକ୍ତ ମଦ କାରବାର ମଧ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମଦ ଅନ୍‌ଲାଇନରେ ବିକ୍ରି କରିବାକୁ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ ଜେନାଙ୍କୁ ପ୍ରସ୍ତାବ ଦିଆଯାଇଛି। ତେବେ ସରକାର ଏ ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ସୂଚନାଯୋଗ୍ୟ, ବିଭାଗ ପକ୍ଷରୁ ଅନ୍‌ଲାଇନରେ ମଦ ବିକ୍ରିକୁ ଅନୁମତି ଦେବାକୁ ଅବକାରୀ ବିଭାଗ ସଚିବ ଏସ୍.କେ. ଲୋହାନୀ ଏସ୍‌ଆରସିଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ରାଜ୍ୟ ପାନୀୟ ନିଗମ ଗୋଦାମରୁ ହୋଲ୍‌ସେଲ ବ୍ୟବସାୟ ପାଇଁ ସକାଳ ୬ଟାରୁ ମଧ୍ୟାହ୍ନ ୨ଟା ଯାଏ ଅନୁମତି ଦେବାକୁ ସେ ଅନୁରୋଧ କରିଛନ୍ତି।


**OFFICE OF THE SUB-COLLECTOR, PADAMPUR**
**[F.S. & C.W. Section]**
Advt. No. ____________/ Date__________

**TENDER CALL NOTICE FOR HIRING VEHICLE**

No.H-04:- Sealed tenders are invited from Registered Travel Agencies/ Tour Operators/ Private Individuals for hiring of Commercial Light Vehicle on a monthly basis for official use during Paddy Procurement (KMS 2020-21) in the Office of the Sub-Collector, Padampur (FS& CW Section). Details regarding eligibility criteria, term & condition and formats of submission of tender are mentioned in the tender documents which may be obtained from the Office of the Sub-Collector, Padampur (FS&CW Section) on payment of Rs.100/- from date 04.05.2021 to 13.05.2021 during office hour. Interested Agencies/ Tour Operators/ Private individuals may submit their tender in a sealed envelope superscribing on the top or the sealed envelope as "Tender for Hiring of Vehicle on monthly basis in the Office of the Sub-Collector, Padampur (FS&CW) Section.

The tender should reach undersigned by 13.05.2021 (till 01.00 P.M.) and shall be opened on 17.05.2021 at 10.00 A.M. in presence of the bidder or their authorized representatives. All term and condition will be in pursuance to the Office Memorandum No. 30464/Dt.06.09.2019 of the Finance Dept., Govt. of Odisha.

**Sub-Collector, Padampur**
OIPR-24198/11/0001/2122



**OFFICE OF THE GENERAL MANAGER, WATCO DIVISION-II, BHUBANESWAR**
WATCO
Near Rajiv Bhawan, Unit-V, Bhubaneswar-751001, Odisha, India, Telefax:- +91-674-2390322
No. C-223:- E-mail – gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB) Dtd.04.05.2021**

| Sl. No. | Description | | |
|---|---|---|---|
| 1 | Name of the work | : | Empanelment of contractor/ agency for cleaning of manhole chamber, sewer line, septic tank, soakpit, inspection chamber etc at different areas of WATCO Division-I & II in Bhubaneswar, Cuttack & Puri. |
| 2 | Nature of Work | : | Empanelment of contractor |
| 3 | Class of Contractor | : | Registered Contractors/ Agency/ Firms |
| 4 | Cost of Tender Documents | : | Rs.5000/- (Ruppes Five Thousand) only + 18% GST - Non Refundable (online) |
| 5 | Period of Validity | : | 3 Years |
| 6 | Date & Time of availability of bid documents in portal | : | From 11.00 AM of Dt.10.05.2021 to 5.00 PM of 24.05.2021 |
| 7 | Last date/time of receipt of bids in the portal | : | 5.00 PM of 24.05.2021 |
| 8 | Last date & time of seeking clarification | : | 5.00 PM of 17.05.2021 |
| 9 | Date & Time of opening of bids | : | At 12.30 PM of 27.05.2021 |
| 10 | Date & Time of submission of original documents such as declaration, affidavits etc at the office | : | Upto 5.00 PM of 26.05.2021 |
| 11 | Name and Address of the Officer Inviting Bid | : | General Manager, WATCO Division-II, BBSR, Unit-V, Back Side Rajiv Bhawan |

Further details can be seen from the e-Procurement portal "https://www.tendersorissa.gov.in"
GENERAL MANAGER, WATCO DIVISION-II, BHUBANESWAR
OIPR-13089/11/0001/2122



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, M. I. DIVISION, KHORDHA**
Pin-752056, e-Mail ID: eemidkhurda@yahoo.co.in.
**"e" Procurement Notice**
**2nd. Corrigendum to Bid Identification No - EEMIDKHD 01/2021-22.**

No.A-100:- In partial modification to Bid Identification No-EEMIDKHD 01/2021-22, the critical activity dates have been further revised due to imposition of lockdown in the state by Govt. of Odisha from 5.5.2021 to 19.5.21as mentioned below.

| Sl. No. | Critical activity | Date as per 1st Corrigendum Notice | Revised date as per 2nd Corrigendum Notice |
|---|---|---|---|
| 1 | Last date and time of receipt of bid in portal | 10.05.2021 upto 5.00 P.M. | 24.05.2021 upto 5.00 P.M. |
| 2 | Date and time of opening of bid | 11.05.2021 at 11.30 A.M. onwards. | 25.05.2021 at 11.30 A.M. onwards |

All other terms and conditions remain unchanged.
OIPR-32042/11/0004/2122 **Executive Engineer, Minor Irrigation Division, Khordha**



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**CETNRAL IRRIGATION CIRCLE, BHUBANESWAR**
**'e' Procurement Notice No.SECIC 03 OF 2021-22** No.A-107:-

1. Name of the work : 1. Protection to scoured on Mahanadi Right near Bedapur, Chakapada and Pathapur from RD 17500 m to 17900 m and RD 30500 m to 31200 m.
   2. Improvement to Mahanadi Right Embankment from Baideswar to Rajib.
2. Amount put to Tender : Rs.317.70 lakhs & Rs.272.32 lakhs respectively.
3. Bid Document Cost : Rs.10, 000.00 for each work (Online)
4. E.M.D : Bid Security Declaration to be furnished as per Annexure-III of Section-6 of Technical Bid Document.
5. Class of Contractor : "B" Class, "A" Class & Special Class
6. Period of Completion : 12 calendar months (365 Days)
7. Other details are as follows.

| Procurement Officer | Bid Identification No. | Availability of tender online for bidding | | Date of opening of technical bid (Cover-I) |
|---|---|---|---|---|
| | | From | To | |
| Superintending Engineer, Central Irrigation Circle, Bhubaneswar-12 | SECIC KID 01 to SECIC KID 02 of 2021-22 | 10.05.2021 10.00 hrs. | 24.05.2021 17.00 hrs. | 25.05.2021 11. 00 hrs. |

E-mail ID : Secic_dowr@yahoo.com. Further detail conditions can be seen from the Govt. website www.tendersorissa.gov.in
OIPR-32160/11/0004/2122 **Sd./-Superintending Engineer, Central Irrigation Circle, Bhubaneswar**



**GOVERNMENT OF ODISHA** No. C-221
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID- sephcbam@gmail.com / sephbam@nic.in
**NATIONAL COMPETITIVE BIDDING THROUGH e-Procurement**
**Invitation for bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Improvement of water supply to uncovered and scarcity pockets of Bhanjanagar N.A.C. under State Plan 2020-21 | Identification No. ACEPHCBAM 01/2021-22 Dt. 29.04.2021 | 250.53 | 11 (Eleven) Calendar Months | 11.00 Hrs. of 11.05.2021 | 17.30 Hrs. of 27.05.2021 | Addl. Chief Engineer, P.H. Circle, Berhampur |
| 2 | Improvement of water supply to uncovered and scarcity pockets of Sorada N.A.C. under State Plan 2020-21 | Identification No. ACEPHCBAM 02/2021-22 Dt. 29.04.2021 | 141.13 | 10 (Ten) Calendar Months | 11.00 Hrs. of 11.05.2021 | 17.30 Hrs. of 27.05.2021 | Addl. Chief Engineer, P.H. Circle, Berhampur |
| 3 | Improvement of source with construction of storage reservoir and laying of pipe line in uncovered areas including ancilary works in Hinjilicut Municipality under state plan 2020-21 | Identification No. ACEPHCBAM 03/2021-22 Dt. 29.04.2021 | 148.90 | 06 (Six) Calendar Months | 11.00 Hrs. of 11.05.2021 | 17.30 Hrs. of 27.05.2021 | Addl. Chief Engineer, P.H. Circle, Berhampur |

The technical bid shall be opened on dt.28.05.2021 at 11.30 A.M. Further details can be seen from the e-Procurement portal http://tendersodisha.gov.in
OIPR-13004/11/0001/2122 Sd./- ADDITIONAL CHIEF ENGINEER (PH)

# ନବ ଚେତନାର ରୂପକାର

ପ୍ରଦକ୍ଷିଣ

୨୭ ଏପ୍ରିଲ ୨୦୨୧ରେ ପଞ୍ଚଭୂତରେ ଲୀନ ହେଲା ପ୍ରବାଦପ୍ରତିମ କଥାକାର ମନୋଜ ଦାସଙ୍କ ମରଶରୀର। ସାଧନା-ଭୂମି ପୁଦୁଚେରୀରେ ତାଙ୍କର ପରଲୋକ ଘଟିଲା। ମନୋଜ-ସ୍ମୃତିର ଆବେଗ ଏବେ କଟି ନାହିଁ ମନରୁ। ତେଣୁ ତାଙ୍କ ବିବିଧ ବ୍ୟକ୍ତିତ୍ୱକୁ କଳନା କରିବାର ଏ ବେଳ ନୁହେଁ। ଆଖିନେଲେ କେବଳ ଦିଶିଯାଏ ଦ୍ରୁତ ଚଳମାନ ତାଙ୍କ ଜୀବନର ନାନା ଚିତ୍ର। ଶୁଭିଯାଏ ତାଙ୍କ ଦର୍ଶନ-ଚର୍ଚ୍ଚାର ଉଦାତ୍ତ ସ୍ୱର। ଅନେକ ଅସାଧାରଣତାର ଅଧିକାରୀ ହୋଇ ବି ସେ ଥିଲେ ଜଣେ ସାଧାରଣ ମଣିଷ। ବାଲେଶ୍ୱରର ସମୁଦ୍ରତଟ ଗାଁ ଶଙ୍ଖାରିରେ ଧୂଳି ଖେଳିଥିଲେ, ଅକ୍ଷର ଶିଖିଥିଲେ। ବଡ଼ ହୋଇ ଜୀବିକା ଆପଣେଇଥିଲେ। ଜୀବନକୁ ନେଇ ଅସରା ସ୍ୱପ୍ନ ଦେଖିଥିଲେ। ପୁଣି ଭଗ୍ନସ୍ୱପ୍ନରେ ହଠାତ୍ ଦାରୁଭୂତ ହୋଇ ପୁଦୁଚେରୀ ଚାଲିଯାଇଥିଲେ ସପତ୍ନୀକ। ସେଠି, ସେଇ ଅଗସ୍ତ୍ୟ-ଭୂଇଁରେ ତାଙ୍କର ନବଜନ୍ମ ଘଟିଥିଲା। ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଦର୍ଶନରେ ତାଙ୍କ ଚର୍ମଚକ୍ଷୁ ଦିବ୍ୟଚକ୍ଷୁରେ ରୂପାନ୍ତରିତ ହୋଇଥିଲା।

୧୯୬୬ରେ ପ୍ରକାଶ ପାଇଥିଲା ତାଙ୍କର ଗଳ୍ପଗ୍ରନ୍ଥ 'ଶେଷ ବସନ୍ତର ଚିଠି' ଓ ୧୯୭୧ରେ ତାଙ୍କ 'କଥା ଓ କାହାଣୀ'। ସେ କବିତା ଲେଖିଥିଲେ ଓ ତହିଁରେ ମଥା ସଳଖି ନ ପାରିବାରୁ ବୋଧହୁଏ ଗଳ୍ପ ଓ ଉପନ୍ୟାସକୁ ସୃଜନର ସ୍ୱଭୂମି ଭାବେ ବରଣ କରିନେଇଥିଲେ। ଓଡ଼ିଆ ଓ ଇଂଲିଶ୍‌ରେ ଅନେକ କାଳଜୟୀ ଗ୍ରନ୍ଥର ସ୍ରଷ୍ଟା ଥିଲେ ଓ ବହୁ ବିରଳ ସମ୍ମାନରେ ସମ୍ମାନିତ ହୋଇଥିଲେ। ତେବେ କଥା ହେଉଛି, ସେ ସମକାଳୀନ ପୃଥିବୀର ବହୁ ଶକ୍ତିଶାଳୀ ଲେଖକଙ୍କ ମଧ୍ୟରେ କାହିଁକି ଅନନ୍ୟ ଥିଲେ ? କାହିଁକି ସେ ମଞ୍ଚାସୀନ ହେଲେ ସଭାଗୃହ ଲୋକାରଣ୍ୟ ହୋଇଯାଉଥିଲା ? ତା'ର ବହୁ ଉତ୍ତର ମଧ୍ୟରୁ ସମ୍ଭାବ୍ୟ ଏକ ଉତ୍ତର ହେଉଛି– ମନୋଜ ଥିଲେ ମାନବ ଚେତନାର ଅଦୃଷ୍ଟପୂର୍ବ ରୂପକାର। ତାଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକ ଥିଲା 'ଉନ୍ମୋଚିତ ଚେତନା' (Reveled Consciousness)ର ଜୀବନ୍ତ ଦଲିଲ୍। 'ଦୃଷ୍ଟ ବାସ୍ତବତା' ଭିତରର 'ଅଦୃଷ୍ଟ ଏକ ବାସ୍ତବତା'କୁ ସେ ତାଙ୍କ ଲେଖାରେ ଟେକି ଧରୁଥିଲେ। ଘଟମାନ ଘଟଣା ଭିତରେ ଯେଉଁ ଅବୋଧ ହେତୁଟିଏ ସଂଗୋପିତ, ତା'ସହ ପାଠକକୁ ଭେଟ କରାଉଥିଲେ।

ଯିଏ ଥରେ ପଢ଼େ ମନୋଜଙ୍କ 'ଲକ୍ଷ୍ମୀର ଅଭିସାର' ବା 'ଶେଷ ବସନ୍ତର ଚିଠି'– ସେ ଲାଖିଯାଏ ଓ ଲାଖି ରହିବାକୁ ବାଧ୍ୟହୁଏ ମନୋଜଙ୍କ ରଚନାରେ। 'ଲକ୍ଷ୍ମୀର ଅଭିସାର'ରେ ଅକାରଣରେ ମୃତ୍ୟୁ ହୁଏ ଲକ୍ଷ୍ମୀର। 'କମ୍ୟୁନିଟି' ବୁଝେନାହିଁ 'ଶୈଶବ'ର ସାରଲ୍ୟ। 'ଶେଷ ବସନ୍ତର ଚିଠି'ରେ ଛୋଟ ଝିଅଟିଏ ମାଆର ଚିଠିକୁ ଚାହିଁ ବସେ, ହାୟ! ସେ ଜାଣେନାହିଁ ଯେ, ମାଆ ତା'ର ଆଉ ସଂସାରରେ ନାହିଁ। କେବେକେବେ ହେତୁହୀନ ବଜ୍ରପାତ ଯେ ଜୀବନ- କେଇଜଣ ବୁଝନ୍ତି ଏ ସତ୍ୟ! "Sita's Marriage" ଗପରେ ସୀତା ସ୍ୱପ୍ନ ଦେଖେ ତା'ର ବିବାହ ହେଉଛି ଧନୁର୍ଦ୍ଧର ରଘୁବର ଶ୍ରୀରାମଙ୍କ ସହ। ବାସ୍ତବରେ ତା'ର ବିବାହ ଆୟୋଜନ ହୁଏ ଅନ୍ୟ ଜଣେ ଯୁବକଙ୍କ ସହ। ବିଡ଼ମ୍ବନା ଯେ ବିବାହ ଦିନ ହିଁ ସୀତାର ମୃତ୍ୟୁ ହୁଏ। ବିଧାତାର ଏ କି ବିଧାନ! ଶ୍ରୀରାମଙ୍କୁ ସ୍ୱପ୍ନରେ ଦେଖିବା ପରେ ଏ ପୃଥିବୀରୁ ହୁଏତ ତା'ର ପ୍ରୟୋଜନର ଶେଷ ହୋଇ ସାରିଥାଏ। ତେଣୁ ମୃତ୍ୟୁ ଅବଧାରିତ ହୋଇପଡ଼େ। ଏକ ଉତ୍ତରିତ ଭାଗ୍ୟ ଆଉ କେଉଁଠି ହୁଏତ ତାକୁ ଅପେକ୍ଷା କରିଥାଏ। ଜୀବନର ଏହି ଗହନିମା ଭେଦିବା ସହଜ ନୁହେଁ, ଯାହା ସାକାର କରି ଦେଖାନ୍ତି ମନୋଜ ତାଙ୍କ କାହାଣୀ, ଅକାହାଣୀ– ନାନା ରଚନାରେ।

ଭାରତୀୟ ସଂସ୍କୃତିର ସାମୂହିକ ସଂସ୍କାର ଭିତରୁ ମନୋଜଙ୍କ ପ୍ରତିଭାର ଉଦୟ। ଆଲୋକ, ଶକ୍ତି ଓ ସୌନ୍ଦର୍ଯ୍ୟର ସମନ୍ୱୟ ଘଟିଛି ତାଙ୍କ ରଚନାରେ, ତାଙ୍କ ଉଦ୍‌ବୋଧନରେ। ତେଣୁ ସେ ସର୍ବକାଳିକ। 'ଦିଗନ୍ତ' ଓ 'The Heritage' ଭଳି ବୁନିୟାଦ୍ ପତ୍ରିକାର ଦୃଷ୍ଟାନ୍ତ ସୃଷ୍ଟିକାରୀ ସମ୍ପାଦକ ସେ। 'ସୌନ୍ଦର୍ଯ୍ୟ' ଯାଦୁବତ୍ ତାଙ୍କ ଭାଷାରୁ ଉଠିଆସେ ସମୁଦ୍ରରୁ ଲକ୍ଷ୍ମୀ ଉଠି ଆସିଲା ପରି। ପ୍ରଫେସର କେ.ଆର୍. ଶ୍ରୀନିବାସ ଆୟେଙ୍ଗର୍ କହନ୍ତି: "the beautiful is to be magically evoked, not simply described." ମନୋଜଙ୍କ ଲେଖାରେ ଯେଉଁ ଚାରି ମହାଦ୍ରୁମର ଛାଇ ପଡ଼ିଛି, ସେ ୪ଟି ହେଲେ ବିଷ୍ଣୁ ଶର୍ମା, ସୋମଦେବ, ଫକୀରମୋହନ ଓ ଶ୍ରୀଅରବିନ୍ଦ। ମନୋଜ ନିଜେ କହିଛନ୍ତି- ମଣିଷକୁ ଦେଖିବାର ଯେଉଁ ନୂଆ ଆଖିଟି ମୁଁ ପାଇଛି, ତାହା ମୋତେ ଶ୍ରୀଅରବିନ୍ଦ ହିଁ ଦେଇଛନ୍ତି। ତେଣୁ ତାଙ୍କୁ ନିତ୍ୟ ଦିଶିଛି ଦୃଶ୍ୟ ଭିତରର ଦୃଶ୍ୟ, ଅନୁଭବ ଭିତରର ଅନୁଭବ। ଜଗତ ଓ ଜୀବନର ଯେଉଁ ଯୁଗପତ୍ ଆନନ୍ଦଦାୟୀ ଓ ଭୟପ୍ରଦାୟୀ ରୂପ, ନିଜର ଉପଲବ୍ଧିରେ ତାହା ଆୟତ୍ତ କରିଛନ୍ତି ମନୋଜ। ଶ୍ରୀମଦ୍ ଭଗବଦ୍ ଗୀତାର "ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା ଭୟେନ ଚ ପ୍ରବ୍ୟଥିତଂ ମନୋ"ର ଉପଲବ୍ଧି ଏ। "The Divine Life"ରେ ଶ୍ରୀଅରବିନ୍ଦ କହନ୍ତି: "What has to emerge is x x a new consciousness in which humanity itself shall find its own self-exceeding and self-fulfilment by the revelation of the divinity that is striving for birth within it." ମନୋଜ ହେଉଛନ୍ତି ପୃଥିବୀ-ଚେତନାରେ ରୂପପରିଗ୍ରହ ପାଇଁ ଉଚ୍ଛନ୍ନ ଏହି ମହାଚେତନାର ଅଗ୍ରିମ ରୂପକାର। ଏଣୁ ତାଙ୍କର ପ୍ରତ୍ୟେକଟି ଲେଖା 'ଚେତନାର ଈପ୍‌ସିତ ପ୍ରସାରଣ' ଓ 'ଦିବ୍ୟ-ଉଦ୍‌ଭାସନ'ରେ ମୂର୍ତ୍ତିମନ୍ତ। 'ଧରିତ୍ରୀ'ରେ ଏକଦା 'କେତେ ଦିଗନ୍ତ' ଲେଖି ଧରିତ୍ରୀର ଦିଗନ୍ତ ବୃଦ୍ଧିରେ ସକାରାତ୍ମକ ଭୂମିକା ନିଭାଇଥିବା ଏହି ମହାନ୍ ସ୍ରଷ୍ଟାଙ୍କୁ ସହସ୍ର ପ୍ରଣାମ!



ମନୋଜ ଦାସ
[୨୭ ଫେବୃୟାରୀ ୧୯୩୪ – ୨୭ ଏପ୍ରିଲ ୨୦୨୧]

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫

## ଦୁଇଟି ବିଦଗ୍ଧ ଚିଠି : ଗଗନେନ୍ଦ୍ର ଓ ମନୋଜ

ମାନନୀୟ ମନୋଜବାବୁ, ଜୁଲାଇ ୧୩, ୨୦୦୫

ମୋର ବିନୀତ ନମସ୍କାର ଜାଣିବେ।

ଏବେ ପ୍ରକାଶ ପାଇଥିବା ଆପଣଙ୍କ 'ସ୍ମୃତିର ପ୍ରଦୀପ' ପଢ଼ିଲି। ସେଥିରେ ଥିବା 'ଘାତକ ଘେରରେ ପର୍ବତ-ରାଣୀ: ତାଙ୍କ ବେଦନାର ସ୍ୱଳ୍ପଜ୍ଞାତ ଦଲିଲ'ର ପ୍ରାରମ୍ଭରେ ସ୍ମୃତିରୁ ଆପଣ ପ୍ରାୟ ଷାଠିଏ ବର୍ଷ ତଳେ ପଢ଼ିଥିବା ଏକ କାହାଣୀର ଅବତାରଣା କରି ସେ କାହାଣୀର ପ୍ରକାଶନ ସମ୍ପର୍କିତ ବିବରଣୀ କେହି ଜାଣିଥିଲେ ତା' ଆପଣଙ୍କୁ ଜଣାଇବା ପାଇଁ ଅନୁରୋଧ କରିଛନ୍ତି। ସେ କାରଣରୁ ହିଁ ଏ ଚିଠି ଲେଖୁଛି।

ମୁଁ ମଧ୍ୟ ପ୍ରାୟ ଷାଠିଏ ବର୍ଷ ତଳେ ଏକ ଅନୁରୂପ କାହାଣୀ ପଢ଼ିଥିଲି, ତେବେ କୌଣସି ପାଠ୍ୟପୁସ୍ତକରେ ନୁହେଁ; କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଗଳ୍ପ ପୁସ୍ତିକାରେ। ପୁସ୍ତିକାଟିର ନାମ 'ଶିଉଳି'। ପୁରୁଣା ବହିର ଜଙ୍ଗଲ ଓ ସ୍ତୂପ ମଧ୍ୟରୁ ଖୋଜି ପୁସ୍ତିକାଟି ବାହାର କଲି। ତେବେ ତା' ମସ୍ତକ ଓ ପଦବିହୀନ ହୋଇଥିବାରୁ ଅର୍ଥାତ୍ ତା'ର ଆଗ ଓ ପଛ ମଲାଟ ତଥା ପଛର ଶେଷ ପୃଷ୍ଠାଟି ନଥିବାରୁ ତା'ର ଲେଖକ ବା ପ୍ରକାଶକଙ୍କ ନାମ ବା ପ୍ରକାଶନର ସମୟ ଜାଣିବା ସମ୍ଭବ ହେଉନାହିଁ। (ମୋର ଯେତିକି ମନେଅଛି, ତା'ର ଲେଖକ ହୁଏତ ଚକ୍ରଧର ମହାପାତ୍ର ବା ଉଦୟନାଥ ଷଡ଼ଙ୍ଗୀ। ତେବେ ମୋର ଭୁଲ ହୋଇପାରିଥାଏ, କାରଣ ମୋର ସ୍ମୃତିଶକ୍ତି ଉପରେ ମୋର ଆସ୍ଥା ନାହିଁ।) ଆପଣଙ୍କ ଅବଗତି ପାଇଁ ପୁସ୍ତିକାରେ ସ୍ଥାନିତ 'ଭଡ଼ା ମଟର' ଶୀର୍ଷକ ଗଳ୍ପର ଜିରକ୍ସ କପି ଏଥିସହ ସଂଯୁକ୍ତ କଲି। ମୋର ମନେହୁଏ ଆପଣ ଷାଠିଏ ବର୍ଷ ତଳେ ଏଇ ଗଳ୍ପଟି ପଢ଼ିଥିଲେ। ପୁସ୍ତିକାଟି ସମ୍ପର୍କରେ ଅଧିକ ତଥ୍ୟ ଜାଣିଲେ ଜଣାଇଦେବି। ପ୍ରାପ୍ତି ସ୍ୱୀକାର କରିବାକୁ ଅନୁରୋଧ।

ପ୍ରସଙ୍ଗକ୍ରମେ 'ସ୍ମୃତିର ପ୍ରଦୀପ'ର ବିଭିନ୍ନ ସ୍ଥାନରେ (ଯଥା: ପୃ.୪୮, ୬୫, ୮୯ରେ) 'ଦଶକ' ଶବ୍ଦର ବ୍ୟବହାର ଆପଣ ଯେଉଁ ଅର୍ଥରେ କରିଛନ୍ତି ତା' ଠିକ୍ ନୁହେଁ ବୋଲି ମୋର ଧାରଣା। ଦୟାକରି ଦେଖିବେ। ସେହିପରି ପୃ.୫୦ରେ ବାନ୍ଦୁଂ ଛାତ୍ରସମ୍ମିଳନୀର ସମୟ ୧୯୫୫ ବୋଲି ଲେଖିଛନ୍ତି; କିନ୍ତୁ ପୃ.୧୫୧ରେ ତା' ୧୯୫୬ ବୋଲି ଲେଖିଛନ୍ତି। ମୋର ଧାରଣା ୧୯୫୬ ହିଁ ଠିକ୍। କାରଣ ଏବେ ପ୍ରକାଶିତ ଆପଣଙ୍କର 'ଅଦୂର ବିଦେଶ' ପୁସ୍ତକରେ ତା' ୧୯୫୬ ବୋଲି ଉଲ୍ଲିଖିତ (ପୃ.୨ ଓ ୨୮)। ତା' ବ୍ୟତୀତ ସୀମା ଆନ୍ଦୋଳନ ପରେ ହିଁ ଆପଣ ଇଣ୍ଡୋନେସିଆ ଯାଇଥିବେ, ତା' ପୂର୍ବରୁ ନୁହେଁ। ଏହା ଏକ ଅସାବଧାନତାଜନିତ ପ୍ରମାଦ।

'ଅଦୂର ବିଦେଶ'ରେ ଆପଣ ଲେଖିଛନ୍ତି ସେପ୍ଟେମ୍ବର ୩୦ ତାରିଖ 'ଭୋର ଚାରିଟା ବେଳେ' ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ନାସୁସେନଙ୍କ ବଙ୍ଗଳା ଉପରେ ବିଦ୍ରୋହୀମାନଙ୍କର ପ୍ରଥମ ଅତର୍କିତ ଆକ୍ରମଣ ହେଲା ଓ ସେ ପଳାଇଯାଇ ଆଶ୍ରୟ ନେଲେ ତୁରସ୍କ ରାଷ୍ଟ୍ରଦୂତଙ୍କ ବାସଭବନରେ(ପୃ.୩୪)। ପୁଣି ଅନ୍ୟତ୍ର ଆପଣ ଲେଖିଛନ୍ତି ଯେ ପ୍ରତିରକ୍ଷା ମନ୍ତ୍ରୀ ନାସୁସେନ ବିଦ୍ରୋହୀମାନଙ୍କ କବଳରୁ କେବଳ ବର୍ତ୍ତିଗଲେ ନୁହେଁ, 'ସେ ନିଶାର୍ଦ୍ଧରେ ତାଙ୍କ ... ...' ଇତ୍ୟାଦି(ପୃ.୩୭)। ଆପଣ ଠିକ୍ ଲେଖିଛନ୍ତି ସତ, କିନ୍ତୁ ସେପ୍ଟେମ୍ବର ୩୦ ତାରିଖ ଭୋର୍ ୪ଟା ବେଳ ଅର୍ଥାତ୍ ତାହା ପ୍ରକୃତରେ ଅକ୍ଟୋବର ୧ ତାରିଖର ଘଟଣା। ଏହା ସାଧାରଣ ପାଠକକୁ ଅଡୁଆରେ ପକାଇପାରେ। ମୁଁ ବି ପ୍ରଥମେ ବୁଝିପାରି ନଥିଲି। ତେଣୁ ଖୋଜି ବହୁ ପୂର୍ବେ ପଢ଼ିଥିବା John Hughesଙ୍କ ସେଇ Indonesian Upheaval ବହିଟି ବାହାର କଲି। ତା'ର ପୃଷ୍ଠା ଓଲଟାଇବା ପରେ ମୋର ଭ୍ରମ ଦୂର ହୋଇଗଲା। ତେବେ ସେଥିରେ ଦେଖୁଛି ଯେ ନିଶାର୍ଦ୍ଧରେ ନୁହେଁ, ଅକ୍ଟୋବର ୧ ତାରିଖ ସନ୍ଧ୍ୟାର ପ୍ରଥମ ମୁହୂର୍ତ୍ତରେ ନାସୁସେନଙ୍କୁ ଜେନେରାଲ ସୁହାର୍ତ୍ତୋଙ୍କ KOSTRAD ମୁଖ୍ୟ ଦପ୍ତରକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅଣାଗଲା, ଯଦିଓ ସେ ଦିନ ସକାଳ ୮ଟା ବେଳକୁ ତାଙ୍କୁ ଉଦ୍ଧାର କରାଯାଇଥିବା ସମ୍ବାଦ ସୁହାର୍ତ୍ତୋ ପାଇସାରିଥିଲେ। (ଦ୍ରଷ୍ଟବ୍ୟ: Indonesian Upheaval, Chapter Enter Suharto, 1967 Paperback edition pp. 56, 59)। ସୁହାର୍ତ୍ତୋ ଅକ୍ଟୋବର ୧ ତାରିଖ ସକାଳେ ପହଞ୍ଚିଥିଲେ ତାଙ୍କ ମୁଖ୍ୟ ଦପ୍ତରରେ। ସେଦିନ ନିଶାର୍ଦ୍ଧର ବହୁ ପୂର୍ବରୁ ସେ ତାଙ୍କ କର୍ତ୍ତୃତ୍ୱକୁ ଆଣି ସାରିଥିଲେ ରାଷ୍ଟ୍ରପତିନିବାସ ଓ ଟେଲିଫୋନ ତଥା ରେଡିଓ ଷ୍ଟେଶନ। ବାକି କେବଳ ବିମାନଘାଟି ହାଲିମ୍‌କୁ ନିଜ କର୍ତ୍ତୃତ୍ୱକୁ ଆଣିବା ପାଇଁ ସୁହାର୍ତ୍ତୋ ହିଁ(ନାସୁସନ ନୁହଁନ୍ତି) ସେଇ ରାତିରେ(ନିଶାର୍ଦ୍ଧରେ) ପଦକ୍ଷେପ ନେଇଥିଲେ। ତେଣୁ 'ଅଦୂର ବିଦେଶ'ରେ ଥିବା ବିବରଣରେ ସାମାନ୍ୟ ଭ୍ରମ ରହିଯାଇଛି। ପୁଣି ଆପଣ ଲେଖିଛନ୍ତି ଯେ, ହାଲିମ୍ ବିମାନଘାଟିକୁ ବିଦ୍ରୋହୀମାନେ ଆଣିଥିଲେ ତିନିଜଣ ମୃତ ସେନାପତିଙ୍କ ଶବ, ନାସୁସନଙ୍କ ସହକାରୀ ଓ ଆଉ ଦୁଇଜଣ ବନ୍ଦୀ ସେନାପତିଙ୍କୁ(ପୃ.୩୬)। ପ୍ରକୃତରେ କିନ୍ତୁ ନାସୁସନଙ୍କ ସହକାରୀ ବ୍ୟତୀତ ଆଉ ତିନିଜଣ ବନ୍ଦୀ ସେନାପତିଙ୍କୁ ସେଠାକୁ ଅଣାଯାଇଥିଲା। ସେମାନେ ହେଲେ: Parman, Suprapto ଓ Sutojo (Indonesian Upheaval, p.42)। ପୁଣି ସେତେବେଳକୁ ଇଣ୍ଡୋସେନିଆରେ ଟେଲିଭିଜନର ବହୁଳ ପ୍ରସାର ମଧ୍ୟ ସନ୍ଦେହଜନକ। ଆପଣ ପୁଣି ମଧ୍ୟ ଲେଖିଛନ୍ତି ୧୯୪୭ ମସିହା ଅଗଷ୍ଟ ୧୭ଦିନ ସୁକର୍ଣ୍ଣୋ ଦେଶର ସ୍ୱାଧୀନତା ଘୋଷଣା କରିଦେଲେ। ଠିକ୍ ଦୁଇଦିନ ଆଗରୁ ଭାରତବର୍ଷର ସ୍ୱାଧୀନତା ଲାଭ ଯେ ତାଙ୍କୁ ସେ ଦିଗରେ ବିଶେଷ ଉଦ୍‌ବୁଦ୍ଧ କରିଥିବ, ସେଥିରେ ସନ୍ଦେହ ନାହିଁ(ପୃ.୪୦)। ଏହା ବି ଠିକ୍ ନୁହେଁ। କାରଣ ମିତ୍ରଶକ୍ତି ନିକଟରେ ଆତ୍ମସମର୍ପଣ କରିବା ପୂର୍ବରୁ ଜାପାନ ଇଣ୍ଡୋନେସିଆକୁ କ୍ଷମତା ହସ୍ତାନ୍ତର କରିବ ବୋଲି କହିସାରିଥିଲା। କିନ୍ତୁ ପରମାଣୁ ବୋମାମାଡ଼ ପରେ ଜାପାନ ହଠାତ୍ ଆତ୍ମସମର୍ପଣ କଲା ଓ ସେଇ ପରିବର୍ତ୍ତିତ ପରିସ୍ଥିତିରେ ୧୯୪୫(କିନ୍ତୁ ୧୯୪୭ନୁହେଁ) ଅଗଷ୍ଟ ୧୭ରେ ଅର୍ଥାତ୍ ଭାରତ ସ୍ୱାଧୀନତା ପାଇବାର ପ୍ରାୟ ଦୁଇବର୍ଷ ପୂର୍ବରୁ, ସୁକର୍ଣ୍ଣୋ ସ୍ୱାଧୀନତା ଘୋଷଣା କରିଥିଲେ। ତେଣୁ ପକ୍ଷାନ୍ତରରେ ତାହା ଭାରତର ନେତୃବର୍ଗଙ୍କୁ ସୂଚନା ଦେଇଥିବ ଯେ ଉପନିବେଶବାଦର ମୃତ୍ୟୁ ଆସନ୍ନ ଓ ଭାରତର ସ୍ୱାଧୀନତା ସଂଗ୍ରାମକୁ ତୀବ୍ରତର କରିବା ପାଇଁ ସେମାନଙ୍କୁ ବିଶେଷ ଉଦ୍‌ବୁଦ୍ଧ କରିଥିବ।

ସେଦିନ ଇଣ୍ଡୋନେସିଆରେ ଯାହା ଘଟିଗଲା ତାହାକୁ ଆପଣ ବିଂଶ ଶତାବ୍ଦୀର ଦ୍ୱିତୀୟ ବୃହତ୍ତମ ନରସଂହାର ଆଖ୍ୟା ଦେଇଛନ୍ତି (କିନ୍ତୁ ବୃହତ୍ତମ ନରସଂହାର କେବେ କେଉଁଠି ହୋଇଥିଲା ତା'ର ସୂଚନା ଦେଇନାହାନ୍ତି)। ମୋ' ଜାଣିବାରେ ୩ୟ ଓ ୪ର୍ଥ ଦଶକରେ ଷ୍ଟାଲିନ୍‌ଙ୍କ ନରସଂହାର(୧କୋଟିରୁ ଊର୍ଦ୍ଧ୍ୱ ହେବ) ବୃହତ୍ତମ (ଯାହା ଗ୍ରହଣ କରିବା ପାଇଁ ଆପଣ ବୋଧହୁଏ କୁଣ୍ଠିତ)। ତା' ପରେ ହିଟଲରଙ୍କ ଇହୁଦୀ ସଂହାର(୬୦ଲକ୍ଷରୁ ଊର୍ଦ୍ଧ୍ୱ) ବୋଧହୁଏ ଦ୍ୱିତୀୟ ସ୍ଥାନ ପାଇବ। ତା' ବ୍ୟତୀତ କାମ୍ବୁଚିଆରେ ପୋଲପୋଟ୍‌ଙ୍କ ନରସଂହାର ମଧ୍ୟ ପ୍ରଣିଧାନଯୋଗ୍ୟ। ଭାରତ ବିଭାଜନ ତଥା ବଙ୍ଗଳାଦେଶ ସୃଷ୍ଟି ସମୟର ନରସଂହାରକୁ ଅବଶ୍ୟ ଲୋକେ ଭୁଲିଗଲେଣି। କହିରଖେ, ଅନ୍ୟ ଏକ କାରଣରୁ ଚିଠିଟି ଲେଖୁଥିବାରୁ ହିଁ ପ୍ରସଙ୍ଗକ୍ରମେ ଆପଣଙ୍କ ଲେଖା ସମ୍ପର୍କରେ କେତେକ ମନ୍ତବ୍ୟ ଦେଲି। କିନ୍ତୁ ଆପଣଙ୍କ ଲେଖା ପଢ଼ି ମୁଁ ଆନନ୍ଦ ହିଁ ପାଇଛି। ଆପଣଙ୍କ ଲେଖନୀ ଏହିପରି ଲେଖା ପରିବେଷଣ କରିଚାଲୁ ଓ ମୋ' ପରି ବହୁ ଲୋକଙ୍କୁ ଆନନ୍ଦ ଦେଉଥାଉ। ଆଶା, ଖରାପ ଭାବିବେ ନାହିଁ ଓ ମୋର ବକ୍ତବ୍ୟ ଭୁଲ୍ ଥିଲେ କ୍ଷମା ଦେବେ।

ଶ୍ରଦ୍ଧା ଓ ସମ୍ମାନ ସହ,
ବିନୟାବନତ
**ଗଗନେନ୍ଦ୍ର ନାଥ ଦାଶ**


MANOJ DAS C/o SRI AUROBINDO INTERNATIONAL CENTRE OF EDUCATION PONDICHERRY - 605 002 INDIA



# କନ୍ୟା

**ମନୋଜ ଦାସ**

'କନ୍ୟା' ଜାନୁୟାରୀ ୧୯୭୧ରେ ପ୍ରକାଶିତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ "ମନୋଜ ଦାସଙ୍କ କଥା ଓ କାହାଣୀ" ଗଳ୍ପଗ୍ରନ୍ଥର ଅନ୍ୟତମ ଗଳ୍ପ। ଗ୍ରନ୍ଥରେ ସ୍ଥାନିତ ୫୭ଟି ଗଳ୍ପ ମଧ୍ୟରେ ଆକାର ଦୃଷ୍ଟିରୁ ଏହା ସବୁଠୁଁ ଛୋଟ, କିନ୍ତୁ ଲେଖକଙ୍କ ଆଉଆଉ ଗଳ୍ପ ପରି ଆବେଦନରେ ତୀବ୍ର ଓ ପ୍ରଭାବଶାଳୀ। ଟିପିରି ଓ ପ୍ରଭାକରର ଅଶ୍ରୁତପୂର୍ବ ପ୍ରେମକାହାଣୀ ଗପଟି। ମଣିଷର ସାନସାନ ଆଶା ଓ ସ୍ୱପ୍ନ କ୍ଷଣକେ ଧୂଳିସାତ୍ ହୋଇଯିବାର ଯେଉଁ ବିଷାଦ ଗଳ୍ପଟିରେ ରୂପାୟିତ, ପାଠକଙ୍କୁ ତାହା ବିଷଣ୍ଣ କରି ରଖେ ବହୁକାଳ ପର୍ଯ୍ୟନ୍ତ...

ଅତି ମ୍ରିୟମାଣ ଚେନାଏ ପାଣିରେ କଇଁଫୁଲଟିଏ ଦୋହଲି ହେଲା ଭଳି ଟିପିରି ହସିଲା। ରୋଗ ଶେଯରେ ମୁଣ୍ଡ ପାଖରେ ଆସି ତା' ବର ବସିଛି।

ହସିହସି ମୁହଁ ବୁଲାଇଲା ଟିପିରି ଲାଜରେ, ଖୁସିରେ ଏବଂ ଇମିତି ହସିବାର ଅଧଘଣ୍ଟାକ ଭିତରେ ବାପା, ବୋଉ ଆଉ ଟିକି ଭାଇଟିକୁ କନ୍ଦାଇ ସେ ମରିଗଲା। ପ୍ରଭାକର ବି ରୁମାଲରେ ଆଖି ପୋଛିଲା। ପ୍ରଭାକର ଟିପିରିର ବର। ଆଉ କେତେ ଘଣ୍ଟାରେ ସେମାନଙ୍କର ବିବାହ ହୋଇଥା'ନ୍ତା।

ବିବାହ ଆଜିକୁ ଦୁଇବର୍ଷ ଆଗରୁ ଅବଶ୍ୟ ହୋଇପାରିଥା'ନ୍ତା। ଯଉଁଦିନ ବିବାହର ତାରିଖ ଥିଲା, ତା'ର ଠିକ୍ ତିନିଦିନ ଆଗରୁ ଟିପିରି ହଠାତ୍ କାନ୍ଦିବାକୁ ଆରମ୍ଭ କଲା। ବୋଉ ପ୍ରଥମେ ମନେକଲେ, ସବୁ ଝିଅଙ୍କ ଧରଣ ଏଇଆ। ଯେତେ ପ୍ରଭାକରକୁ ବିଭା ହେବା ପାଇଁ ମନ ଥିଲେ ବି ଟିପିରି ଏଇ ନିୟମର ବ୍ୟତିକ୍ରମ ନୁହେଁ।

କିନ୍ତୁ ଇଏ ତ କାନ୍ଦ ନୁହେଁ, ଯିମିତି ଦିହ ଭିତରେ କିଏ ବିଷର ଅନଳ ଚହଟେଇ ଦେଇଚି; ଆଉ ତାକୁ କଳସ କଳସ ଆଖିପାଣିରେ ଧୋଇ ଆଣିବାକୁ ଚାହିଁଲେ ଯିମିତି ଶେଷ ହଉନାହିଁ। ବର ଆସିବାକୁ ଆଉ ଦିନଟାଏ ଅଛି, ଟିପିରି ଅସାଡ଼ ହୋଇ ପଡ଼ିଗଲା। କବିରାଜ ଆସି ଦେଖିଲେ, ଜ୍ଞାନ ନାହିଁ। ପାତଳୀ ହେଲେ ବି ପନ୍ଦର ବର୍ଷର ଗୋରାତକ୍‌ତକ୍ ସୁଠାମ ଦିହ। ଯିମିତି ନିଆଁ ଝାସରେ ସିଝିଯାଇଛି, ସିଠା ପଡ଼ିଯାଇଛି।

ଆଠ ଘଣ୍ଟା ପରେ ବି ଝିଅର ଜ୍ଞାନ ଫେରିଲା ନାହିଁ। କ୍ଷତିପୂରଣ ଦେଇ ବାପା ସେଥର ବିବାହ ବନ୍ଦ କରିଦେଲେ।

ଚାରିଥର କଲିକତାରୁ ତା' ଗାଁକୁ ଆସିଛି ଏବଂ ତା' ଗାଁରୁ ଟିପିରି ଗାଁ ପର୍ଯ୍ୟନ୍ତ ପ୍ରାୟ ଚାରି ମାଇଲ ବାଟରୁ ତିନି ମାଇଲ ସାଇକେଲ ବହୁ କଷ୍ଟ ସହକାରେ ବାଲି ଉପରେ ଠେଲି ଏବଂ ମାଇଲିଏ ମାତ୍ର ଚଢ଼ି ଟିପିରି ଘର ପଛପଟ ଆମ୍ବତୋଟା ସେ ପଟରେ ବାରମ୍ବାର ଚକ୍‌କର୍ ମାରିଛି। ଟିପିରି ଏପଟେ ରହି ଦେଖିଛି ଏବଂ ଇସାରାରେ କଥାବାର୍ତ୍ତା ହୋଇଛି ବୋଲି ତା'ର ସଖୀ ମହଲରେ ଜନରବ।

ଆଉ ଗୋଟିଏ ତାରିଖରେ ବିବାହ ଠିକ୍ ହୋଇଥିଲା। ବିବାହର ଚାରିଦିନ ଆଗରୁ ଦିନେ ଦୁଇପ୍ରହର ବେଳେ ଟିପିରି "ବୋଉ ଲୋ! ଶାଗୁଣା" ବୋଲି ବଡ଼ ପାଟିରେ ଦୁଇ ତିନିଥର ହୁରି ପକାଇଲା। ଶାଗୁଣା କୁଆଡ଼େ ଘର ଉପରେ ବସିଥିଲା ଏବଂ ଉଡ଼ି ପଳାଇଲା। ବୋଉ ଆସି ଶାଗୁଣା ଦେଖିପାରିଲେ ନାହିଁ; କିନ୍ତୁ ଭଲ ଭାବରେ ଟିପିରିକୁ ଦେଖି କ'ଣ ଭାବିଲେ। ଜ୍ୟୋତିଷ ଚଉଦ ଦିନ ଭିତରେ ବିବାହ ହେବା ଉଚିତ ନୁହେଁ ବୋଲି ମତ ଦେଲେ; କିନ୍ତୁ ବୋଉ ସେ ବର୍ଷ ଆଉ ବିବାହ କରାଇ ଦେଲେ ନାହିଁ। ସ୍ୱାମୀଙ୍କୁ କହିଲେ, "ଟିପିରିର ଯାହା ଇଚ୍ଛା ବୋଲି ଆମେ ଭାବିଥିଲୁଁ ସେଟା ଠିକ୍ ନୁହେଁ। ଆଉ ଗୋଟାଏ ଭଲ ପାତ୍ର ଦେଖ।"

ଭଲ ପାତ୍ର ଯୋଗାଡ଼ ହେଲା। ପ୍ରଭାକର ଅଜ୍ଞାତନାମା ଚାକିରିଟିଏ କରେ। ଇଏ କିନ୍ତୁ ସବ୍‌ଜଜ୍ ସାହେବଙ୍କ ପାଖରେ ଟାଇପିଷ୍ଟ। ବାହାଘର ପ୍ରସ୍ତାବ ଏଇ ନୂଆ ସ୍ଥାନରେ ପଡ଼ିବା ଦିନରୁ ଟିପିରି କିମିତିକା ହତବମ୍ବ ଦେଖାଗଲା ଏବଂ ଦିନେ ତା'ର ଜଣେ ବାନ୍ଧବୀ ଆସି ବୋଉଙ୍କୁ କହିଲା ଯେ ଟିପିରି ଗଳାରେ ଦଉଡ଼ି ଦେଇ କିମିତି ଆତ୍ମହତ୍ୟା କରାଯାଏ, ସେଇକଥା ଅନୁସନ୍ଧାନ କରୁଥିଲା।

ନୂଆ ଜାଗାରେ ପ୍ରସ୍ତାବ ଭାଙ୍ଗି ଦିଆଗଲା। ଇତିମଧ୍ୟରେ ପ୍ରଭାକରର କକା ତାଙ୍କୁ ଅପମାନ ଦିଆଯାଇଛି ଏବଂ ଝିଅଟି ଅଲକ୍ଷଣୀ ଇତ୍ୟାଦି ଅଭିଯୋଗରେ ଅନ୍ୟତ୍ର ସମ୍ବନ୍ଧ ସ୍ଥିର କରୁଥିଲେ। ପ୍ରଭାକର ପ୍ରଥମ ପ୍ରଥମ ଆପତ୍ତି କରୁ ନ ଥିଲା। ହଠାତ୍ ଦିନେ କିନ୍ତୁ କକା ଯଉଁ ଇଂରାଜୀ ଟେଲିଗ୍ରାମ୍ ପାଇଲେ, ସେକେଣ୍ଡ ମାଷ୍ଟରଙ୍କ ପାଖରେ ତା'ର ଅନୁବାଦ ହେଲା– "କୁମାରୀ ସ୍ୱର୍ଣ୍ଣବାଳା ଓରଫ ଟିପିରି ମୋର ଜନ୍ମ-ଜନ୍ମାନ୍ତରର ଧର୍ମପତ୍ନୀ ଅଟେ। ତଦନୁରୂପ କାର୍ଯ୍ୟାନୁଷ୍ଠାନ ପ୍ରାର୍ଥନୀୟ। ଭବଦୀୟ ଆଜ୍ଞାବହ ପୁତୁରା।"



ଟିପିରି ବର୍ଷକ ଆଗରୁ ଥରେ ଯାଇଥିଲା କଲିକତା ବାପା ବୋଉଙ୍କ ସାଙ୍ଗରେ। ପ୍ରଭାକର ସାଙ୍ଗରେ ସେଇଠି ମନେମନେ ଭାବ। ପ୍ରଭାକର ଥାଟୁଆ ହୋଇ ଏମାନଙ୍କୁ ନେଇ ଚିଡ଼ିଆଖାନା ଦେଖାଇଲା; ମହା ଭିଡ଼ ଭିତରେ ପଶି ଟିକେଟ କାଟି ସିନେମା ଦେଖାଇଲା। ପ୍ରଭାକର ହାତରେ ଘଣ୍ଟା, ପକେଟରେ କଲମ, ଆଉ ସେ ପ୍ରତି ପାଞ୍ଚ ମିନିଟ୍‌ରେ ଥରେ ବାସନା ରୁମାଲରେ ମୁହଁ ପୋଛେ।

ଯଉଁଦିନ ପ୍ରଭାକର ଆସି ଟିପିରି ଇତ୍ୟାଦିଙ୍କୁ ଷ୍ଟେଶନରେ ଗାଡ଼ି ଚଢ଼ାଇ ବିଦାୟ ନେଲା, ସେଦିନ ଟିପିରି କାନ୍ଦିକାନ୍ଦି ମୁହଁ ଲାଲ କରି ପକାଇଲା ଏବଂ ପ୍ରଭାକର ତାହା ଦେଖି ଅଧ ମିନିଟ୍ ଛଡ଼ାରେ ଆଖିରେ ରୁମାଲ ଦେବାକୁ ଲାଗିଲା।

ଏହାପରେ ବିବାହ ପ୍ରସ୍ତାବରେ ଉଭୟ ତରଫର କର୍ତ୍ତୃପକ୍ଷ ରାଜି ହୋଇଥିଲେ।

ପ୍ରଥମରେ ବିବାହ ଭାଙ୍ଗିଯିବାର ପ୍ରାୟ ଛଅ ମାସ ଭିତରେ ଆଉ ତିଥି ନ ଥିଲା। ଏଇ ସମୟଟାରେ କୁଆଡ଼େ ପ୍ରଭାକର ପାଖରେ ତା'ର ଅନୁବାଦ ହେଲା–

ଏଆଡ଼େ ଟିପିରି କୁଆଡ଼େ ନିଜେ ପ୍ରଭାକର ପାଖକୁ ଚିଠି ଲେଖିଛି ଏବଂ ପ୍ରଭାକରର ଟେଲିଗ୍ରାମ ତାହାରି ଅବଧାରିତ ଫଳ ବୋଲି ଟିପିରିର ସଖୀମହଲ ବୋଉଙ୍କୁ ଗୋପନରେ ସମ୍ବାଦ ଦେଲେ।

ଟିପିରି ଠିକ୍ ଥିଲା। ବାହାଘର ପୂର୍ବଦିନ ସକାଳେ ପୋଖରୀ ତୁଠରେ ଫୁଲ ତୋଳୁତୋଳୁ ପୋଖରୀ ଭିତରକୁ ଖସିପଡ଼ିଲା। ଛାତିରେ ଭୟଙ୍କର ଆଘାତ। ସଙ୍ଗେସଙ୍ଗେ ଉତ୍ତାପ ଏବଂ ଜ୍ଞାନହୀନତା। ବାପା ଆଉ ବରପକ୍ଷକୁ ସମ୍ବାଦ ଦେବାକୁ ବି ସାହସ କଲେ ନାହିଁ। ସେମାନେ ଆସନ୍ତୁ ଏବଂ ଅବସ୍ଥା ଦେଖନ୍ତୁ। ଘମାଘୋଟ ବାଦ୍ୟ ବାଣ ପରିବେଷ୍ଟିତ ହୋଇ ପ୍ରଭାକର ସନ୍ଧ୍ୟାବେଳେ ପହଞ୍ଚିଲା। ପ୍ରଭାକର ଆସିବା ପର୍ଯ୍ୟନ୍ତ ଯିମିତି ଟିପିରି ଅପେକ୍ଷା କରିଥିଲା।

## କବିତା

### ଲଙ୍ଗଳା ଲୋକ

**ବିନ୍ଦୁସାଗର ଓଝା**

ଏଇ ଛକରେ ତାକୁ ମୁଁ ସବୁଦିନ ଦେଖେ
ସିଏ ତ୍ରିପଣ୍ଡ କଳା
ଦେହଟା ପୂରା ଫୁଙ୍ଗୁଳା ତା'ର
ହାଡ଼ ଗଣିହେଇଯାଏ
ଚୁଟିରେ ତେଲ ଆଉ ପାନିଆଁ ବାଜିନାଇଁ କୋଉକାଳୁ

ସିଏ ଧୂଳିଧୂସରିଆ ହେଇ ରାସ୍ତାକଡ଼ରେ ବସିଥାଏ
ନହେଲେ କୋଉ ଦୋକାନ ପିଣ୍ଡାରେ ଶୋଇଥାଏ
ଆଉ କେବେକେବେ ଦେଖିଚି
ଏଇ ଛକର ପଶ୍ଚିମ ପଟରେ ଥିବା ଅଳିଆଗଦାରେ
ବିକଳରେ ଆହାର ଖୋଜୁଥିବାର

ସିଏ ବୋଧେ ଠିକ୍ ବୁଝିଥିଲା
ଦାନା ଆଉ କନା ଭିତରୁ କୋଉଟା ଆଗ
ସେଇଥିପାଇଁ ତା' ଦେହରେ ତ
ବକଟେ କନା ନ ଥାଏ କେତେବେଳେ ବି
ସବୁବେଳେ ତା' ଦେହଟା ଫୁଙ୍ଗୁଳା ଥିବା ମୁଁ ଦେଖିଚି।

ଦିନେ ଦେଖିଲି ତାକୁ
ଶୁଭୁଥିଲା– ରାମ ନାମ ସତ୍ୟ ହୈ, ହରିନାମ ସତ୍ୟ ହୈ
ସେତେବେଳେ ସିଏ ଶୋଇଥିଲା କୋକେଇରେ
ଆଉ ତା' ଦେହଟା ଢାଙ୍କି ହେଇଥିଲା ଧଳା କନାରେ।

ମୋ: ୭୫୩୮୦୯୭୮୭୮

### ଅକୁହା କଥା

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ତୁମକୁ ପାଇଲା ପରେ
ଖୁସିରେ ପାଗଳ ଥିଲି ମୁଁ
ହାତଗୋଡ଼ ଲାଗୁ ନ ଥିଲା ତଳେ।
ଉଡ଼ିବାଟା ବାକି ଥିଲା ଯାହା
ପକ୍ଷୀଙ୍କର ମେଳେ ॥

ତୁମେ ତ
ତାରାଫୁଲ ଭର୍ତ୍ତି ଆକାଶ।
ତୁମ ଛାତିରେ ଛାତିଏ
ମୁକ୍ତାଝରା ହସ ଜହ୍ନର।
ପବନରେ
ଫୁଲର ବାସ୍ନା
ବିଞ୍ଚିପଡୁଛି ଚାରିଆଡ଼ ॥

ମୁଁ ଜହ୍ନିଫୁଲଟିଏ,
ଜୁଆରିଆ ମନ ମୋର
ତୁମେ ଅଣ୍ଟିରେ ଧରି
ଆଞ୍ଜୁଳା ଭରି
ଖେଇଲିଆ ସହ
ମତେ ବିଞ୍ଚିଦେଲ ଚଉଁରାମୂଳେ।
ମୋ' ଲାଗି ସକାଳ
ଆସିଲା ଆଉ କେତେବେଳେ ?

ମୋ: ୬୩୭୦୧୬୬୨୦୪

## କାଳକାଳକୁ

**"ପଶୁଠୁଁ ମଣିଷଙ୍କୁ ପୃଥକ୍ ଭାବେ ଚିହ୍ନିତ କରେ 'ବୁଝାମଣାର କଳା'। ଏହି କଳା, ଏହି ଆପୋସି ମନୋଭାବ ମଣିଷକୁ ଆଗକୁ ନିଏ ଓ ପଶୁଙ୍କର ଊର୍ଦ୍ଧ୍ୱକୁ ତା'ର ଉତ୍ତରଣ ଘଟାଏ।"**

**– ହାରି ମାର୍ଟିନ୍‌ସନ୍**



**ହାରି ମାର୍ଟିନ୍‌ସନ୍‌ଙ୍କ** ଜନ୍ମ ୬ ମେ ୧୯୦୪ରେ, ସ୍ୱେଡେନ୍‌ର ଜାମ୍‌ସହଗ୍‌ରେ ଓ ମୃତ୍ୟୁ ୧୧ ଫେବୃୟାରୀ ୧୯୭୮ରେ ସୋଲ୍‌ନାରେ। ଅନ୍ୟ ୪ ଜଣ ବନ୍ଧୁଙ୍କ ସହ ମିଶି ସେ ପ୍ରକାଶ କରିଥିଲେ କବିତା ପୁସ୍ତକ "Fem Unga" (Five Youths) ଯାହା ସ୍ୱେଡିଶ୍ କବିତାରେ ଆଧୁନିକତାର ସୂତ୍ରପାତ କରିଥିଲା। ହାରିଙ୍କ କବିତାର ବୈଶିଷ୍ଟ୍ୟ ଥିଲା ତାଙ୍କର ଉଦ୍ଭାବନକ୍ଷମ ଭାଷା ଓ ମେଟାଫର୍‌ର ଦକ୍ଷ ପ୍ରୟୋଗ। ୟଭିଣ୍ଡ୍ ଜନ୍‌ସନ୍ ଓ ସେ ଯୁଗ୍ମଭାବେ ପାଇଥିଲେ ନୋବେଲ ପୁରସ୍କାର ୧୯୭୪ରେ। ବିଂଶ ଶତକର ସ୍ୱେଡିଶ୍ କବିତାର ଧାରା ପ୍ରବର୍ତ୍ତକ କବି, ଔପନ୍ୟାସିକ ଓ ପ୍ରାବନ୍ଧିକ ମାର୍ଟିନ୍‌ସନ୍ ସ୍ୱସୃଷ୍ଟିର ଅନନ୍ୟତା ପାଇଁ ପାଇଥିବା ଅନ୍ୟ ବହୁ ପୁରସ୍କାର ମଧ୍ୟରେ ଉଲ୍ଲେଖନୀୟ ଥିଲା 'ବେଲ୍‌ମ୍ୟାନ୍' ଓ 'ଡବ୍‌ଲୋଗ୍' ପ୍ରାଇଜ।

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ

**କଟକ ଅଫିସ,୫।୫:** ବଜ୍ରପାତରେ ବୁଧବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କଟକ ଜିଲା ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳର ଟିଟୁଆ ସାମଲ ଓ ଜେମା ସିକ୍ରା ସେମାନେ ସନ୍ଧ୍ୟାରେ ନିକଟସ୍ଥ ତୋଟାକୁ ଆମ୍ବ ତୋଳିବାକୁ ଯାଇଥିଲେ। ସେଠାରେ ବଜ୍ରପାତ ହେବାରୁ ସେମାନେ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### କୁଶଭଦ୍ରା ନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ

**ବାଲିଅନ୍ତା,୫।୫(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ଭୁବନପୁର ଗ୍ରାମ କେନାଲ ସାଇଫନ ନିକଟସ୍ଥ କୁଶଭଦ୍ରା ନଦୀରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ବୃଦ୍ଧଙ୍କ ବୟସ ପାଖାପାଖି ୬୦ରୁ ୬୫ବର୍ଷ ହୋଇଥିବାବେଳେ ସେ ସ୍ଥାନୀୟ ଏକ ଇଟାଭାଟିରେ କିଛିଦିନ ହେବ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। କିନ୍ତୁ ତାଙ୍କ ପରିଚୟ ଜଣାପଡ଼ି ନାହିଁ। ବୁଧବାର ସକାଳେ ମୃତଦେହଟି ନଦୀରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ମୃତଦେହକୁ କାଢ଼ି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୯।୨୧) ରୁଜୁ କରିଛି।

### କେନାଲକୁ ଓଲଟିଲା ଟ୍ରାକ୍ଟର, ଜଣେ ମୃତ

**ବାଲିଅନ୍ତା,୫।୫(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ହଂସପାଳ ବନମାଳୀପୁର ରାସ୍ତାରୁ ବାଲିକାନ୍ଥିଆ ଗ୍ରାମ ନିକଟ ଏକ ଶାଖା କେନାଲ ଭିତରକୁ ବୁଧବାର ଭୋରରୁ ଏକ ଇଟା ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ହେଲ୍‌ପର କାହ୍ନୁ ଦାସଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଇଟା ତଳେ ଚାପି ହୋଇ ରହିଥିବା ଅନ୍ୟଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ମୃତ କାହ୍ନୁଙ୍କ ଘର ଗଞ୍ଜାମ ଜିଲା ବିରିଗୁଡ଼ା ଅଞ୍ଚଳରେ। ବୁଧବାର କାହ୍ନୁଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖବର ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବାବେଳେ ଏ ନେଇ ଏକ ମାମଲା(ନଂ.୧୩୧/୨୧) ରୁଜୁ କରିଛି।

### ଆଜି ଖୋଲିବ ଭୁବନେଶ୍ୱର କୋର୍ଟ

**କରୋନା ଯୋଦ୍ଧା ଘୋଷଣା ଦାବି**

ଭୁବନେଶ୍ୱର, ୫।୫ (ବ୍ୟୁରୋ): ୭ ଦିନଧରି ସିଲ୍ ହୋଇଥିବା ଭୁବନେଶ୍ୱର କୋର୍ଟ ଗୁରୁବାର ଖୋଲିବ। ଏହି ସମୟରେ କେବଳ ଗୁରୁତ୍ୱପୂର୍ଣ୍ଣ ଫୌଜଦାରୀ ମାମଲାର ଜାମିନ ଓ ଦେୱାନୀ ମାମଲାର ରହିତାଦେଶ ଆଦିର ଶୁଣାଣି ହେବ। ଜିଲା ଦୌରାଜଜଙ୍କ ଅନୁମତିକ୍ରମେ ଭର୍ଚୁଆଲ ମୋଡ୍‌ରେ କୋର୍ଟ କାର୍ଯ୍ୟ ଚାଲିବ। ସମସ୍ତ ଆଇନଜୀବୀ ନିଜର ପରିଚୟପତ୍ର ଦେଖାଇ କୋର୍ଟ ଆସିପାରିବେ। ଏ ନେ ଡିସିପିଙ୍କ ତରଫରୁ ସୂଚନା ଦିଆଯାଇଥିବା ଭୁବନେଶ୍ୱର ଓକିଲ ସଂଘର ସମ୍ପାଦକ ରାଜକିଶୋର ଦାସ କହିଛନ୍ତି। ସେହିପରି ଡାକ୍ତର ଓ ସାମ୍ବାଦିକଙ୍କ ଭଳି ଆଇନଜୀବୀମାନଙ୍କୁ ଆଗଧାଡିର କରୋନା ଯୋଦ୍ଧା ମାନ୍ୟତା ଦେବାକୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି।


ସବୁଦିନ ଗହଳି ରହୁଥିବା ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଛକ ଲକ୍‌ଡାଉନ ପାଇଁ ପୂରା ଫାଙ୍କା।


ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ବାଉଁଶ ବ୍ୟାରିକେଡ୍ ଦ୍ୱାରା ରୂପାଲି ଛକକୁ ବନ୍ଦ କରାଯାଇଛି।

# ଅମାନିଆ ଗଣିଲେ ଜରିମାନା, ହଟହଟା ହେଲେ ପ୍ରବାସୀ

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣର ଚେନ୍ ଭାଙ୍ଗିବାକୁ ରାଜ୍ୟ ସରକାର ୧୪ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ବୁଧବାର ପ୍ରଥମ ଦିନରେ ରାଜଧାନୀ ଭୁବନେଶ୍ୱରରେ କଟକଣା ସ୍ୱାଭାବିକ ଥିଲା। କମିଶନରେଟ ପୋଲିସ ପକ୍ଷରୁ ସହରର ପ୍ରମୁଖ ଛକଗୁଡ଼ିକରେ ଚେକିଙ୍ଗ ଓ ବ୍ଲକିଂ କଡ଼ାକଡ଼ି କରାଯାଇଥିଲା। ବିଶେଷକରି ଏଜି, ରାଜମହଲ, ପିଏମ୍‌ଜି, ମାଷ୍ଟରକ୍ୟାଣ୍ଟିନ୍, ରସୁଲଗଡ, ବାଣୀବିହାର, ଜୟଦେବ ବିହାର, ବମମୁଣ୍ଡା, ସିଆର୍‌ପି, ପଟିଆ, ଡମଣା ଆଦି ବିଭିନ୍ନ ସ୍ଥାନରେ ପୋଲିସ କର୍ମଚାରୀମାନେ ସଜାଗ ରହିଥିଲେ। ଜରୁରୀ ସେବାରେ ନିୟୋଜିତ ଲୋକଙ୍କୁ ଯାଞ୍ଚ କରି ଛାଡିଥିବାବେଳେ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରିଥିଲେ। ପ୍ରଥମ ଦିନରେ ୨୭୬ ଜଣ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ମିଳିଛି।


ଏଜି ଛକରେ ପୋଲିସ ଯାଞ୍ଚ କରୁଛି।


ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ହଟହଟା ହେଉଥିବା ସୁରଟ ଫେରନ୍ତା ଓ ଅନ୍ୟ ପ୍ରବାସୀ।

ଗାଡିମୋଟର ଚଳାଚଳ ବନ୍ଦ ଥିବାରୁ ଟ୍ରେନ୍‌ରେ ଫେରିଥିବା ପ୍ରବାସୀ ଓଡ଼ିଆମାନେ ନାନା ହଟହଟାର ସମ୍ମୁଖୀନ ହୋଇଥିଲେ। ଗଞ୍ଜାମ ଜିଲା ବୁଗୁଡା ବ୍ଲକର ୪ଜଣ ପ୍ରବାସୀ ଓଡିଆ ସୁକାନ୍ତ ମହାପାତ୍ର, ଶରତ ସ୍ୱାଇଁ, ସାଗର ବର୍ଡିଆ ଓ ସବ୍ୟସାଚୀ ରାଉତ ସୁରଟରୁ ରେଳ ଯୋଗେ ଆସି ବୁଧବାର ଦିନ ଗୋଟାଏବେଳେ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚି ଅଟୋ ଡ୍ରାଇଭର ଶୋଷଣର ଶିକାର ହୋଇଥିଲେ। ବରମୁଣ୍ଡାରେ ବସ୍ ମିଳିବ କହି ଅଧିକ ଟଙ୍କାରେ ସେଠାରେ ଛାଡିଥିଲେ। ବସ୍ ଯାଉ ନ ଥିବାରୁ ଆଉ କେତେଜଣ ଅଟୋ ଡ୍ରାଇଭର ସେମାନଙ୍କୁ ବ୍ରହ୍ମପୁର ନେଇଯିବେ କହି ଟଙ୍କା ଲୁଟିବାକୁ ବସିଥିଲେ। କେତେଜଣ ଖବରଦାତାଙ୍କ ସୂଚନାକ୍ରମେ ପିସିଆର୍ ପୋଲିସ ପହଞ୍ଚି ଥିଲେ। ପିଇବା ପାଣି ଓ ଖାଦ୍ୟ ମାଗିଥିଲେ ମଧ କିଛି ମିଳି ନ ଥିଲା। ଶେଷରେ ସେମାନେ ଏକ ବୋଲେରୋ ଭଡା କରି ଘରକୁ ଯାଇଥିଲେ। ସେହିଭଳି ମାଷ୍ଟରକ୍ୟାଣ୍ଟିନ ଓ ବରମୁଣ୍ଡା ସମେତ ବିଭିନ୍ନ ସ୍ଥାନରେରେ ବହୁ ପ୍ରବାସୀ ଗଛ ତଳେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା।

### ଘରକୁ ଯାଇ ୧୨ ଅଭିଯୋଗ ଗ୍ରହଣ କଲା ପୋଲିସ

ଲକଡାଉନ୍ ସମୟରେ ଲୋକଙ୍କ ଘରକୁ ଯାଇ ପୋଲିସ ଅଭିଯୋଗ ଗ୍ରହଣ କରିବ ବୋଲି ଡିସିପି କହିଥିଲେ। ବୁଧବାର ପ୍ରଥମ ଦିନରେ ଅଭିଯାଗକାରୀଙ୍କ ଘରକୁ ଯାଇ ୧୨ ଅଭିଯୋଗ ଗ୍ରହଣ କରିଛି। ନୟାପଲ୍ଲୀ ଥାନା ଅଞ୍ଚଳର ତ୍ରିନାଥ ମହାରଣା ଅଭିଯୋଗ ଜଣାଇବା ପାଇଁ ୧୦୦କୁ ଫୋନ କରିଥିଲେ। ଏହାପରେ ଥାନାଧିକାରୀ ତାଙ୍କ ଘରକୁ ଯାଇ ଅଭିଯୋଗ ଗ୍ରହଣ କରିଥିଲେ। ସେହିପରି ଲକ୍ଷ୍ମୀସାଗର ଥାନା ଝାରପଡାର ଶିବନାରାୟଣ ସାହୁଙ୍କ ଘରକୁ ଯାଇ ପୋଲିସ ତାଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିବା ସୂଚନା ମିଳିଛି।



## କୋଭିଡ୍ ପାଇଁ ନନ୍ଦନକାନନରେ ନୂଆ ନିୟମ

**ବାରଙ୍ଗ,୫।୫(ଡି.ଏନ୍.ଏ.)**

ହାଇଦ୍ରାବାଦରେ ଚିଡିଆଖାନାରେ କେତେକ ସିଂହ କରୋନାରେ ଆକ୍ରାନ୍ତ ହେବା ପରେ ନନ୍ଦନକାନନରେ ପଶୁପକ୍ଷୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନୂଆ ନିୟମ କରାଯାଇଛି। ଏ ସମ୍ପର୍କରେ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ନନ୍ଦନକାନନରେ କର୍ମଚାରୀଙ୍କୁ ଆନିମଲକିପର ଗ୍ଲୋଭ୍ସ ଓ ଫେସ୍‌ସିଲ୍ଡ ମାସ୍କ ଓ ଫୁଲ୍‌ଜୋତା ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଏନ୍‌କ୍ଲୋଜରରେ ଆଣ୍ଟିଭାଇରାଲ ସ୍ପ୍ରେ ହେବା ସହ କୌଣସି ପଶୁପକ୍ଷୀଙ୍କ ବ୍ୟବହାରିକ ଲକ୍ଷଣରେ ପରିବର୍ତ୍ତନ ଦେଖାଗଲେ ସଙ୍ଗେସଙ୍ଗେ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ କୁହାଯାଇଛି। ତେବେ ସିଜେଡ୍‌ଏର ପରାମର୍ଶକ୍ରମେ ଓ କୋଭିଡ୍‌ର ଗାଇଡ୍‌ଲାଇନ ଆଧାରରେ ଜନ୍ତୁ ଖାଦ୍ୟ ରଖିବା, ବିତରଣ କରିବା, ଚିକିତ୍ସା ଯୋଗାଇବା ଓ ସେମାନଙ୍କ ଯତ୍ନ ନିଆଯାଉଛି ବୋଲି ସେ କହିଛନ୍ତି।

## ଟିଟୋଙ୍କୁ ଝାରପଡ଼ା ଜେଲ୍‌ରୁ ବ୍ରହ୍ମପୁର ସ୍ଥାନାନ୍ତର

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ଝାରପଡା ସ୍ୱତନ୍ତ୍ର ଜେଲରେ ବନ୍ଦୀ ଜୀବନ କଟାଉଥିବା ଦୁର୍ଦ୍ଧାନ୍ତ ଅପରାଧୀ ସେକ୍ ଉସ୍‌ମାନ ଅଲ୍ଲୀ ଓରଫ ଟିଟୋଙ୍କୁ ବୁଧବାର କଡା ସୁରକ୍ଷା ବଳୟ ମଧ୍ୟରେ ବ୍ରହ୍ମପୁର ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। କିଛିଦିନ ତଳେ ଟିଟୋଙ୍କ ସେଲ ପଛପଟୁ ଏକ ମୋବାଇଲ ଫୋନ୍ ମିଳିଥିଲା। ଫଳରେ ଜେଲ କର୍ତ୍ତୃପକ୍ଷ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷର ପୂର୍ବାନୁମାନ କରିଥିଲେ। ଏଥିସହ କେତେଜଣ ଦୁର୍ଦ୍ଧାନ୍ତ ଅପରାଧୀ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ଆରମ୍ଭ କରି ଜେଲରୁ ଅପରାଧ ନିୟନ୍ତ୍ରଣ କରିବାକୁ ଯୋଜନା କରୁଥିବା ଜେଲ କର୍ତ୍ତୃପକ୍ଷ ଜାଣିପାରିଥିଲେ। ଏନେଇ ଜେଲ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟଙ୍କୁ ଅବଗତ କରାଯାଇଥିଲା। ଏହି ଆଧାରରେ ଟିଟୋଙ୍କୁ ବ୍ରହ୍ମପୁର ସର୍କଲ ଜେଲକୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ପୂର୍ବରୁ ଝାରପଡା ଜେଲରୁ ଅପରାଧୀ ବିକ୍ରମ ମଲ୍ଲିକଙ୍କୁ ମଧ୍ୟ ସମ୍ବଲପୁର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୧୮ ଜୁନ ୩୦ରେ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ନିକଟରେ ଟିଟୋଙ୍କୁ ଏନ୍‌କାଉଣ୍ଟର କରି ଗିରଫ କରିଥିଲା ଏସ୍‌ଟିଏଫ।

## ଶୁକ୍ରବାରଠାରୁ ଖୋଲିବ ମଞ୍ଜରୀଦେବୀ କୋଭିଡ୍ ସେଣ୍ଟର

**ବାଲକାଟୀ,୫।୫(ଡି.ଏନ୍.ଏ.):** ବାଲକାଟୀ ନିକଟ ପଞ୍ଚାୟତ ରୋଡ୍‌ଠାରେ ଥିବା ମଞ୍ଜରୀ ଦେବୀ ହୋମିଓପାଥିକ କଲେଜରେ ୪ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଆସନ୍ତା ଶୁକ୍ରବାରଠାରୁ କାର୍ଯ୍ୟକ୍ଷମ ହେବ। ଏ ନେଇ ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା ବୁଧବାର ସୂଚନା ଦେଇଛନ୍ତି। ଏହି ଅବସରରେ ପୂର୍ବାହ୍ନ ୧୧ଟାରେ ଖୋର୍ଦ୍ଧା ଜିଲାପାଳ ସନତ କୁମାର ମହାନ୍ତି ଏହି କୋଭିଡ୍ ସେଣ୍ଟରକୁ ପରିଦର୍ଶନ କରି ଆଲୋଚନା କରିଥିଲେ। ମଞ୍ଜରୀ ଦେବୀ କଲେଜର ପରିଚାଳନା ନିର୍ଦ୍ଦେଶକ ପ୍ରଦୋଷ ପଟ୍ଟନାୟକ, ଏଡିଏମ୍ ଅନୁଜ ଦାସ ପଟ୍ଟନାୟକ, ଏଡିଏମ୍ ମନୋଜ କୁମାର ପାଢ଼ୀ, ନୀଳାଚଳ କୋଭିଡ୍ କେୟାର ହସ୍ପିଟାଲର ସିଇଓ ପ୍ରଦୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ମୁକାବିଲା ପାଇଁ ରାଜ୍ୟପାଳ ଦେଲେ ୨୦ଲକ୍ଷ

**ଭୁବନେଶ୍ୱର,୫।୫(ବ୍ୟୁରୋ)**



ରାଜ୍ୟରେ ଏବେ କରୋନାର ଭୟଙ୍କର ସ୍ଥିତି ଲାଗି ରହିଥିବାବେଳେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ବହୁ ଅର୍ଥରାଶିର ଆବଶ୍ୟକତା ପଡୁଥିବାରୁ ବିଭିନ୍ନ ସଂସ୍ଥାଠାରୁ ଆରମ୍ଭ କରି ଅଧିକାରୀ, ନେତା, ବ୍ୟବସାୟୀ ଓ ବ୍ୟକ୍ତିବିଶେଷ ସରକାରଙ୍କୁ ସହଯୋଗର ହାତ ବଢ଼ାଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ୍‌କୁ ୨୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏ ନେଇ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ୍‌କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ରାଜ୍ୟପାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ଭୁବନେଶ୍ୱରରେ ୮୫% ସ୍ଥାନୀୟ ଆକ୍ରାନ୍ତ

**୨୪ ଘଣ୍ଟାରେ ୧,୦୭୪ ପଜିଟିଭ୍**

- ୫୦ ହଜାର ପାଖାପାଖି ସଂକ୍ରମଣ
- ସହରରେ ଏବେ ୯,୪୧୯ ସକ୍ରିୟ ରୋଗୀ

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ରାଜ୍ୟରେ ଦୈନିକ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ରହୁଛନ୍ତି। ଏଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତ କେବଳ ରାଜଧାନୀରୁ ଚିହ୍ନଟ ହେଉଛନ୍ତି। ଗତ ୨୪ ଘଣ୍ଟାରେ ଖୋର୍ଦ୍ଧାରେ ୧,୩୩୧ଜଣ ଚିହ୍ନଟ ହୋଇଥିବାବେଳେ ଭୁବନେଶ୍ୱରରୁ ୧,୦୭୪ଜଣ ରହିଛନ୍ତି। ତେବେ ଏମାନଙ୍କ ମଧ୍ୟରେ ପ୍ରାୟ ୮୫ ପ୍ରତିଶତ ସ୍ଥାନୀୟ ଆକ୍ରାନ୍ତ ରହିଥିବା ଓ ଏମାନଙ୍କ ପାଇଁ ସହରରେ ସଂକ୍ରମଣ ବଢୁଥିବା ଜଣାପଡିଛି। ନୂଆ ଚିହ୍ନଟଙ୍କ ଭିତରୁ ୧୨୮ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ରହିଥିବାବେଳେ ୯୪୬ଜଣ ହେଉଛନ୍ତି ସ୍ଥାନୀୟ ଆକ୍ରାନ୍ତ। ଏହାକୁ ମିଶାଇ ଭୁବନେଶ୍ୱରରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୪୯,୩୩୦ରେ ପହଞ୍ଚିଥିବା ବେଳେ ୯,୪୧୯ ସକ୍ରିୟ ରୋଗୀ ରହିଛନ୍ତି। ସହରର ପ୍ରାୟ ଅଞ୍ଚଳ ହଟ୍‌ସ୍ପଟ୍ ପାଲଟିଛି। ଅଧିକାଂଶ ଅଞ୍ଚଳରେ ୩୦ରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ପଟିଆରୁ ଆଉ ୫୪ ଚିହ୍ନଟ ହୋଇଥିବାବେଳେ ନୟାପଲ୍ଲୀରୁ ୫୨, ପୁରୁଣା ଭୁବନେଶ୍ୱରରୁ ୫୦, ଚନ୍ଦ୍ରଶେଖରପୁରରୁ ୩୯, ଲକ୍ଷ୍ମୀସାଗରରୁ ୩୪, ଡୁମ୍‌ଡୁମାରୁ ୩୩, ବରମୁଣ୍ଡାରୁ ୩୨, ଶହୀଦନଗରରୁ ୩୧, ଶୈଳଶ୍ରୀ ବିହାରରୁ ୨୭, ସୁନ୍ଦରପଦାରୁ ୨୧, ରସୁଲଗଡ଼ରୁ ୨୧, ପାତ୍ରପଡ଼ାରୁ ୨୦, ନୀଳାଦ୍ରିବିହାରରୁ ୧୭, ୟୁନିଟ୍-୩ରୁ ୧୬, ଭୀମଟାଙ୍ଗୀରୁ ୧୧, ସିଆର୍‌ପିରୁ ୧୬, ଆଚାର୍ଯ୍ୟ ବିହାରରୁ ୧୮, କଳିଙ୍ଗ ବିହାରରୁ ୧୧, ୟୁନିଟ୍-୪, ଟଙ୍କପାଣି ରୋଡ୍ ଓ ୟୁନିଟ୍-୯ରୁ ୧୦ ଲେଖାଏ, ଭିଏସ୍‌ଏସ୍‌ନଗରରୁ ୯ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି।

## ୯ ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ବାଲିଅନ୍ତା,୫।୫(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ବ୍ଲକର ୯ଟି ଗାଁକୁ ୩ ଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ସବୁ ଗାଁର ପ୍ରବେଶ ପଥକୁ ବ୍ୟାରିକେଡ ବାନ୍ଧି ରାସ୍ତା ବନ୍ଦ କରାଯାଇଛି। ଏହି ଅଞ୍ଚଳଗୁଡ଼ିକରୁ ଅଧିକ ଆକ୍ରାନ୍ତ ସଂଖ୍ୟା ବାହାରୁ ଥିବାରୁ ରୋକ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଟିକାକରଣ ଓ କୋଭିଡ୍ ଟେଷ୍ଟ କରାଇବା ପାଇଁ ସାଧାରଣରେ ଦାବି ହେଉଛି।

## ବାଲିଅନ୍ତା ସାପ୍ତାହିକ ହାଟ ସ୍ଥାନାନ୍ତର

**ବାଲିଅନ୍ତା,୫।୫(ଡି.ଏନ୍.ଏ.):** ଲକ୍‌ଡାଉନକୁ ଦୃଷ୍ଟିରେ ରଖି ବାଲିଅନ୍ତା ସାପ୍ତାହିକ ହାଟକୁ ବୁଧବାର ବାଲିଅନ୍ତା ବଜାର ସଂଲଗ୍ନ ରାସ୍ତାପାର୍ଶ୍ୱକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି। ବାଲିଅନ୍ତା ମେଳନ ପଡ଼ିଆରେ ବସୁଥିବା ହାଟରେ ଭିଡ଼ ଦୃଷ୍ଟିରୁ ଏହାକୁ ସ୍ଥାନାନ୍ତରିତ କରାଯାଇଛି। ବୁଧବାର ଲକଡାଉନର ପ୍ରଥମ ପାଳିରେ ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ସଚେତନ କରାଯାଇ ବାଲିଅନ୍ତା ତହସିଲଦାର ସରୋଜ ପଣ୍ଡା ଓ ଥାନାଧିକାରୀ ପ୍ରଦୀପ କୁମାର ରାଉତ, ଏସ୍‌ଆଇ ସୁଧୀର ଦାସ ପ୍ରମୁଖ ସକାଳ ୯ଟାରେ ନୂତନ ହାଟ ସ୍ଥାନକୁ ଆସି ତଦାରଖ କରିଥିଲେ। ବ୍ୟବସାୟୀମାନେ ମାସ୍କ ବ୍ୟବହାର କରିବା ସହ ମାସ୍କ ପିନ୍ଧି ନ ଥିବା ଗ୍ରାହକଙ୍କୁ ସାମଗ୍ରୀ ନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନଙ୍କୁ ମଧ୍ୟ ସାଇକେଲ ଓ ଚାଲି କରି ଆସିବାକୁ ପରାମର୍ଶ ଦେଇଥିଲେ।


ରସୁଲଗଡ଼ ଛକ ରାସ୍ତା ପାର୍ଶ୍ୱ ପରିବା ଦୋକାନରେ ଲୋକେ ଚାଲି ଚାଲି ଆସି କିଣାକିଣି କରୁଛନ୍ତି।

## ଫୋନ୍ କଲ୍‌ରେ ବାହାଘର, ଶୁଦ୍ଧିକ୍ରିୟା ଅନୁମତି

**ଭୁବନେଶ୍ୱର, ୫।୫ (ବ୍ୟୁରୋ):** ଲକ୍‌ଡାଉନ୍‌ରେ ବିବାହ ଓ ଶୁଦ୍ଧିକ୍ରିୟା ପାଇଁ ଘରେ ବସି ଅନୁମତି ପାଇବେ ରାଜଧାନୀବାସୀ। ଏଥିପାଇଁ ନଂ. ୧୦୦ ବା ୮୧୪୪୨୦୭୧୦୦ରେ ଫୋନ୍ କରି ଏହି ସୁବିଧା ପାଇପାରିବେ। ପ୍ରଥମେ ଏହି ନମ୍ବରରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବେ ଲୋକେ। ପରେ ଭୁବନେଶ୍ୱର ଡିସିପିଙ୍କ ଲାଇସେନ୍ସ ସେଲ୍‌ରୁ ଏକ ଫର୍ମାଟ ପଠାଯିବ। ତାହାକୁ ପୂରଣ କରି ହ୍ୱାଟ୍‌ସଆପ୍‌ରେ ପଠାଇଲେ ଲାଇସେନ୍ସ ମିଳିପାରିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୨ ମାସ ମାଗଣା ଖାଦ୍ୟଶସ୍ୟ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

କରୋନା ସଙ୍କଟ ବେଳେ ଦେଶର ପ୍ରାୟ ୮୦ କୋଟି ଲୋକଙ୍କୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ୨ ମାସ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କୁ ମେ’ ଏବଂ ଜୁନ୍ ଦୁଇମାସ ଅତିରିକ୍ତ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇଦେବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

### ସଂକ୍ଷେପରେ

## ଅକ୍ସିଜେନ ଯୋଗାଣରେ ବିଭ୍ରାଟ: ୫ ରୋଗୀ ମୃତ

**ଡେରାଡୁନ୍, ୫ା୫:** ଅକ୍ସିଜେନ ଯୋଗାଣରେ ବିଭ୍ରାଟ ଯୋଗୁ ଉତ୍ତରାଖଣ୍ଡର ରୁର୍‌କୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ୫ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ରାତି ସାଢ଼େ ଗୋଟାଏରୁ ୨ଟା ପର୍ଯ୍ୟନ୍ତ ଚିକିତ୍ସାଧୀନଙ୍କୁ ଅକ୍ସିଜେନ ଯୋଗାଣ ବନ୍ଦ ହୋଇଯିବାରୁ ଏହି ଘଟଣା ଘଟିଥିବା ଜଣାଯାଇଛି। ମୃତକଙ୍କ ମଧ୍ୟରୁ ଜଣେ ଭେଣ୍ଟିଲେଟର ସପୋର୍ଟରେ ଥିବାବେଳେ ଅନ୍ୟ ୪ ଜଣ ଅକ୍ସିଜେନ୍ ବେଡ୍‌ରେ ରହିଥିଲେ।

## କଶ୍ମୀର ସ୍ଥିତିରେ ପରିବର୍ତ୍ତନ ହେବା ଅନୁଚିତ: ୟୁଏନ୍‌ଜିଏ

**ଜାତିସଂଘ, ୫ା୫(ଆଇଏଏନ୍‌ଏସ୍):** ଜମ୍ମୁ-କଶ୍ମୀର ସ୍ଥିତିରେ ପରିବର୍ତ୍ତନ ହେବା ଉଚିତ ନୁହେଁ ବୋଲି ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ) ଅଧ୍ୟକ୍ଷ ଭୋଲକାନ୍ ବୋଜ୍‌କିର କହିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୭୨ରେ ହୋଇଥିବା ଶିମ୍ଲା ରାଜିନାମାକୁ ସେ ସ୍ୱୀକାର କରିଛନ୍ତି। ଜମ୍ମୁ-କଶ୍ମୀର ସ୍ଥିତିକୁ ପ୍ରଭାବିତ କଲାଭଳି କୌଣସି ପଦକ୍ଷେପ ନେବାରୁ ସମସ୍ତ ପକ୍ଷ ଦୂରେଇ ରହିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଭାରତ ଓ ପାକିସ୍ତାନ ଆଲୋଚନା ମାଧ୍ୟମରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବାକୁ ସେ ପ୍ରୋତ୍ସାହିତ କରିଛନ୍ତି।

## ଧର୍ମୀୟ ଶୋଭାଯାତ୍ରାରେ ଯୋଗଦେଇ ୨୩ ଗିରଫ

**ଅହମଦାବାଦ, ୫ା୫:** କୋଭିଡ୍‌କୁ ନିର୍ମୂଳ କରିବା ଲାଗି ଗୁଜରାଟର ଅହମଦାବାଦ ଜିଲା ଅନ୍ତର୍ଗତ ନଭପୁରା ଗ୍ରାମରେ ଆୟୋଜିତ ଏକ ଧର୍ମୀୟ ଶୋଭାଯାତ୍ରାରେ ହଜାର ହଜାର ଲୋକ ଯୋଗଦେଇଥିଲେ। କୋଭିଡ୍-୧୯ ନିୟମ ଉଲ୍ଲଂଘନ ପାଇଁ ଗାଁ ମୁଖିଆଙ୍କ ସମେତ ୨୩ ଜଣଙ୍କୁ ପୋଲିସ ଗିରଫ କରିଛି। ଧର୍ମୀୟ ସମାବେଶର ଭିଡିଓ ଭାଇରାଲ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଭିଡିଓରେ ଶହ ଶହ ମହିଳା କଳସୀ ମୁଣ୍ଡେଇ ବୈଲ୍ୟାଦେବ ମନ୍ଦିର ଯାଉଥିବା ଦେଖାଯାଇଛି।

## ବ୍ରିଟେନ ଯୁବତୀଙ୍କୁ ପାକିସ୍ତାନରେ ହତ୍ୟା



**ଲାହୋର, ୫ା୫:** ବିବାହ ପାଇଁ ରାଜି ନ ହେବାରୁ ପାକିସ୍ତାନ ସ୍ଥିତ ଲାହୋରର ଗ୍ୟାଙ୍ଗ୍‌ଷ୍ଟର ଲଣ୍ଡନର ଜଣେ ଯୁବତୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ମାହିରା ଜୁଲ୍‌ଫିକର ନାମ୍ନୀ ୨୬ ବର୍ଷୀୟା ଯୁବତୀଙ୍କ ମୃତଦେହ ସୋମବାର ଏକ ପୋଖରୀରୁ ଜବତ କରାଯାଇଛି। ମାହିରା ଲାହୋରରେ ଜଣେ ସମ୍ପର୍କୀୟଙ୍କ ବାହାଘରକୁ ଯାଇଥିଲେ। କରୋନା ପାଇଁ ବ୍ରିଟେନ ପାକିସ୍ତାନକୁ ରେଡ୍ ଜୋନ୍‌ରେ ରଖିବାରୁ ସେ ଫେରିପାରି ନ ଥିଲେ। ସେଠାରେ ସ୍ଥାନୀୟ ଗ୍ୟାଙ୍ଗଷ୍ଟାର ଓ ଅନ୍ୟଜଣେ ତାଙ୍କୁ ବାହା ହେବାକୁ ଜିଦ୍ ଧରିଥିଲେ। ମାହିରା ରାଜି ନ ହେବାରୁ ତାଙ୍କୁ ସେମାନେ ଗୁଳିକରି ହତ୍ୟା କରିଥିବା ରିପୋର୍ଟ ପ୍ରକାଶ ପାଇଛି।

# ଏକାଥରେ ୯ ଶିଶୁ ପ୍ରସବ



ଗୋଟିଏ କିମ୍ବା ଦୁଇଟି ନୁହେଁ, ଏକାଥରେ ୯ଟି ଶିଶୁଙ୍କୁ ଜନ୍ମ ଦେଇ ଏକ ବିରଳ ରେକର୍ଡ କରିଛନ୍ତି ପଶ୍ଚିମ ଆଫ୍ରିକା ମାଲିର ଜଣେ ମହିଳା। ସମସ୍ତ ନବଜାତକ ସୁସ୍ଥ ଥିବା ସେଠାକାର ହସ୍ପିଟାଲ ପକ୍ଷରୁ କୁହାଯାଇଛି। ୨୫ ବର୍ଷୀୟା ହାଲିମା ସିସେ ଗର୍ଭବତୀ ଥିବାବେଳେ ତାଙ୍କ ଗର୍ଭରେ ୭ ଶିଶୁ ଥିବା ଅଲ୍ଟ୍ରା ସାଉଣ୍ଡ ରିପୋର୍ଟରୁ ଜଣାପଡ଼ିଥିଲା। ଏହି ରିପୋର୍ଟ ସେତେବେଳେ ଡାକ୍ତରଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ୯ ଶିଶୁ ପ୍ରସବ ହେବା ପରେ ଏହା କିପରି ସମ୍ଭବ ହେଲା ତାହା ଆହୁରି ଚକିତ କରିଛି। ନବଜାତକଙ୍କ ମଧ୍ୟରେ ୫ କନ୍ୟା ଓ ୪ ପୁତ୍ର ସନ୍ତାନ ରହିଛନ୍ତି।

# ବାପାଙ୍କ ଜୁଇକୁ ଡେଇଁଲେ ଝିଅ

କୋଭିଡ୍-୧୯ରେ ଆକ୍ରାନ୍ତ ବାପାଙ୍କ ମୃତ୍ୟୁ ଘଟିବା ପରେ ଦୁଃଖରେ ଭାଙ୍ଗିପଡ଼ି ଝିଅ ଜୁଇକୁ ଡେଇଁ ପଡ଼ିବା ଭଳି ହୃଦୟ ବିଦାରକ ଦୃଶ୍ୟ ରାଜସ୍ଥାନରେ ମଙ୍ଗଳବାର ଦେଖିବାକୁ ମିଳିଛି। ଦାମୋଦରଦାସ ଶାରଦା(୭୩) କରୋନାରେ ସଂକ୍ରମିତ ହେବା ପରେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ସତ୍କାର କାର୍ଯ୍ୟ ଚାଲିଥିବାବେଳେ ୩ ଝିଅଙ୍କ ମଧ୍ୟରୁ ସାନ ଚନ୍ଦ୍ରା ଶରଦା(୩୪) ହଠାତ୍ ବାପାଙ୍କ ଜଳନ୍ତା ଜୁଇକୁ ଡେଇଁପଡ଼ିଥିଲେ। ତୁରନ୍ତ ଚନ୍ଦ୍ରାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡ଼ିଯାଇଛି।



# ମରାଠା କୋଟା ଆଇନ ଖାରଜ

### ୫୦% ସଂରକ୍ଷଣ ସୀମାର ସମୀକ୍ଷା ହୋଇପାରିବ ନାହିଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୫ା୫**



ମରାଠାମାନଙ୍କ ପାଇଁ ସରକାରୀ ଚାକିରି ଏବଂ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ନିମନ୍ତେ ମହାରାଷ୍ଟ୍ର ସରକାର ଆଣିଥିବା ଆଇନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ସଂରକ୍ଷଣକୁ ୫୦ ପ୍ରତିଶତରୁ ଅଧିକ କରାଯାଇପାରିବ ନାହିଁ ବୋଲି ୧୯୯୨ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହି ରାୟର ସମୀକ୍ଷା କରିବା ଆବଶ୍ୟକ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ମରାଠା ସଂରକ୍ଷଣ ଆଇନ ଅସାମ୍ବିଧାନିକ ବୋଲି ଜଷ୍ଟିସ ଅଶୋକ ଭୂଷଣ, ଏଲ୍. ନାଗେଶ୍ୱର ରାଓ, ଏସ୍. ଅବଦୁଲ ନାଜିର, ହେମନ୍ତ ଗୁପ୍ତା ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସହମତ ହୋଇଥିଲେ। ସଂରକ୍ଷଣ ସୁବିଧା ପାଇଁ ମରାଠା ସମ୍ପ୍ରଦାୟକୁ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ ଘୋଷଣା କରାଯାଇପାରିବ ନାହିଁ। ୫୦ ପ୍ରତିଶତ କୋଟା ସୀମାକୁ ଅତିକ୍ରମ କରି ସେମାନଙ୍କ ପାଇଁ ସଂରକ୍ଷଣ ସୁବିଧା ସୃଷ୍ଟି କରିବାର କୌଣସି ଅସାଧାରଣ ସ୍ଥିତି ସୃଷ୍ଟି ହୋଇ ନ ଥିବା ସାମ୍ବିଧାନିକ ପୀଠ କହିଥିଲେ। ସୂଚନାଯୋଗ୍ୟ ମହାରାଷ୍ଟ୍ର ସରକାରଙ୍କ ଆଇନକୁ ବମ୍ବେ ହାଇକୋର୍ଟ ଗତବର୍ଷ ଜୁନ୍ ୨୭ରେ କାଏମ ରଖିବା ସହ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ୧୨% ଏବଂ ନିଯୁକ୍ତି କ୍ଷେତ୍ରରେ ୧୩%କୁ ହ୍ରାସ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ୧୯୯୨ରେ ଇନ୍ଦ୍ର ସାୱନି ମାମଲାରେ ସୁପ୍ରିମକୋର୍ଟ ସଂରକ୍ଷଣ ସୀମା ୫୦%ରେ ସୀମିତ ରଖିବା ଲାଗି କଡ଼ା ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ରାୟ ଦେବା ବେଳେ ସୁପ୍ରିମକୋର୍ଟଙ୍କ ଉକ୍ତ ରାୟକୁ ଠିକ୍ ଭାବେ ପଢ଼ି ନ ଥିବା ଆବେଦନକାରୀ ଦର୍ଶାଇଥିଲେ। ସଂରକ୍ଷଣ ସୀମା ବାହାରେ ମରାଠା ସମ୍ପ୍ରଦାୟକୁ ସଂରକ୍ଷଣ ସୁବିଧା ଦେବା ସମାନତା ଅଧିକାରର ଉଲ୍ଲଂଘନ ବୋଲି ଅଦାଲତ କହିଛନ୍ତି।

## ଅଦାଲତ ଅବମାନନା ମକଦ୍ଦମା ଉପରେ ରୋକ

### ଦିଲ୍ଲୀକୁ ଅକ୍ସିଜେନ୍ ଯୋଗାଣ ମାମଲାରେ କେନ୍ଦ୍ରକୁ ଆଶ୍ୱସ୍ତି

**ନୂଆଦିଲ୍ଲୀ, ୫ା୫**

କେନ୍ଦ୍ର ସରକାରଙ୍କ ବିରୋଧରେ ଦିଲ୍ଲୀ ହାଇକୋର୍ଟଙ୍କ ଅଦାଲତ ଅବମାନନା ମାମଲାର ବିଚାର ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଫଳରେ ଦିଲ୍ଲୀକୁ ଅକ୍ସିଜେନ ଯୋଗାଣ ମାମଲାରେ କେନ୍ଦ୍ର ସରକାରଙ୍କୁ ଆଶ୍ୱସ୍ତି ମିଳିଛି। ଜାତୀୟ ରାଜଧାନୀରେ କରୋନା ସଂକ୍ରମିତଙ୍କୁ ୭୦୦ ମେଟ୍ରିକ ଟନ୍ ମେଡିକାଲ ଅକ୍ସିଜେନ ଯୋଗାଇଦେବା ଲାଗି ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବାରୁ ହାଇକୋର୍ଟ କେନ୍ଦ୍ର ବିରୋଧରେ ଅଦାଲତ ଅବମାନନା ବିଚାର ପାଇଁ ନିଜ ଆଡୁ ଗ୍ରହଣ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ଅକ୍ସିଜେନ ସଙ୍କଟର ସମାଧାନ ଲାଗି ଯଥାସମ୍ଭବ ଉଦ୍ୟମ ଚଳାଇଛନ୍ତି। ତେଣୁ ଅଦାଲତ ଅବମାନନା ମାମଲାରେ ଅଫିସରମାନଙ୍କୁ ଜେଲ୍‌ରେ ପୂରାଇବାର କୌଣସି ମାନେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ତେବେ ଦିଲ୍ଲୀକୁ ୭୦୦ ମେଟ୍ରିକ ଟନ୍ ଅକ୍ସିଜେନ ଯୋଗାଣ ନେଇ ବିସ୍ତୃତ ଯୋଜନା ଗୁରୁବାର ସକାଳ ସାଢ଼େ ୧୦ଟା ସୁଦ୍ଧା ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ କହିଛନ୍ତି। ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀକୁ ଅକ୍ସିଜେନ ଯୋଗାଣ ସୁନିଶ୍ଚିତ କରିବା ଲାଗି ମୁମ୍ବାଇ ମଡେଲକୁ ଅନୁଧ୍ୟାନ କରିବା ଲାଗି ପରାମର୍ଶ ଦେଇଥିଲେ। ଖଣ୍ଡପୀଠ କହିଥିଲେ, କେନ୍ଦ୍ର ଓ ରାଜ୍ୟ ଅଫିସରମାନଙ୍କୁ ଜେଲ୍‌ରେ ପୂରାଇଦେଲେ କିମ୍ବା ସେମାନଙ୍କୁ ଅଦାଲତ ଅବମାନନାରେ ଫସାଇଲେ ଦିଲ୍ଲୀକୁ ଅକ୍ସିଜେନ ମିଳିଯିବ ନାହିଁ।



ପୁଣେ-ବେଙ୍ଗାଲୁରୁ ଜାତୀୟ ରାଜପଥର ସତାରାଠାରେ ଏକ ମେଡିକାଲ ଅକ୍ସିଜେନ ଟ୍ୟାଙ୍କର ଲିକ୍ ହୋଇଯାଇଛି।

## ଜି୭ ବୈଠକ:୨ ଭାରତୀୟ ପ୍ରତିନିଧି ସଂକ୍ରମିତ

**ଲଣ୍ଡନ, ୫ା୫**

ଲଣ୍ଡନରେ ଅନୁଷ୍ଠିତ ହେବାକୁ ଥିବା ଜି୭ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକରେ ଯୋଗ ଦେବାକୁ ଯାଇଥିବା ଭାରତର ୨ ଜଣ ପ୍ରତିନିଧି କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଭର୍ଚୁଆଲି ବିଭିନ୍ନ ଆଲୋଚନାରେ ଯୋଗଦେବେ ବୋଲି ଟୁଇଟ୍ କରି କହିଛନ୍ତି। ଜୟଶଙ୍କରଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଜି୭ ବୈଠକରେ ଯୋଗଦେବା ଲାଗି ଲଣ୍ଡନ ଯାଇଥିଲେ। ଦୁଇ ପ୍ରତିନିଧି ପଜିଟିଭ୍ ଚିହ୍ନଟ ହେବା ପରେ ବହିର୍ବ୍ୟାପାର ମନ୍ତ୍ରୀ ନିଜକୁ ଆଇସୋଲେଶନରେ ରଖିଛନ୍ତି। ବ୍ରିଟିଶ ନିୟମ ଅନୁଯାୟୀ ସଂକ୍ରମିତ ପ୍ରତିନିଧିଙ୍କୁ ୧୦ ଦିନ ଆଇସୋଲେଶନରେ ରହିବାକୁ ପଡ଼ିବ।

## ଅକ୍ସିଜେନ୍ ପ୍ଲାଣ୍ଟରେ ବିସ୍ଫୋରଣ: ୩ ମୃତ



**ଲକ୍ଷ୍ନୌ, ୫ା୫**

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌର ଚିନହାଟ ଅଞ୍ଚଳରେ ଥିବା ଏକ ଅକ୍ସିଜେନ୍ ରିଫିଲିଂ ପ୍ଲାଣ୍ଟରେ ବୁଧବାର ଅପରାହ୍ନରେ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। କର୍ମଚାରୀମାନେ ଗୋଟିଏ ସିଲିଣ୍ଡର ରିଫିଲିଂ କରୁଥିବାବେଳେ ଏହା ବିସ୍ଫୋରଣ ହୋଇଥିଲା। ଫଳରେ ସମ୍ପୂର୍ଣ୍ଣ ରିଫିଲିଂ ଷ୍ଟେଶନରେ ନିଆଁ ଲାଗିଯାଇଥିଲା। ସେଠାରେ ସିଲିଣ୍ଡର ରିଫିଲିଂ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯିବା ସହ ଦଳାଚକଟା ହୋଇଥିଲା। ଘଟଣାସ୍ଥଳରେ ଜିଲାପାଳ ଓ ପୋଲିସ କମିଶନର ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବିସ୍ଫୋରଣର କାରଣ ଜଣାପଡ଼ିନାହିଁ।

# ନୂଆ ସରକାର ଗଢ଼ିବାରେ ନେତାନ୍ୟାହୁ ବିଫଳ

**ଜେରୁଜେଲମ୍, ୫ା୫(ପି.ଟି.)**



ଦୀର୍ଘଦିନ ଧରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଥିବା ବେଞ୍ଜାମିନ ନେତାନ୍ୟାହୁ ଧାର୍ଯ୍ୟ ସମୟସୀମା ମଧ୍ୟରାତ୍ର ସୁଦ୍ଧା ନୂଆ ସରକାର ଗଢ଼ିବାରେ ବିଫଳ ହୋଇଛନ୍ତି। ଫଳରେ ତାଙ୍କ ବିରୋଧୀମାନଙ୍କୁ ସରକାର ଗଢ଼ିବା ନେଇ ଏକ ସୁଯୋଗ ମିଳିଯାଇଛି। ୨୦୦୯ରୁ କ୍ଷମତାରେ ଥିବା ୭୧ ବର୍ଷୀୟ ନେତାନ୍ୟାହୁ ଏକାଧିକ ଦୁର୍ନୀତି ମାମଲାରେ ବିଚାରର ସମ୍ମୁଖୀନ ହୋଇଛନ୍ତି। ଗତ ଦୁଇବର୍ଷରେ ସେଠାରେ ୪ ଥର ନିର୍ବାଚନ ହେଲାଣି କିନ୍ତୁ ଫଳାଫଳ ନିର୍ଣ୍ଣାୟକ ହୋଇପାରୁ ନାହିଁ। ଚତୁର୍ଥ ନିର୍ବାଚନରେ କୌଣସି ଦଳ ପକ୍ଷରେ ସ୍ପଷ୍ଟ ମତ ନ ମିଳିବାରୁ ଏକାଠି ସରକାର ଗଢ଼ିବା ପାଇଁ ରାଷ୍ଟ୍ରପତି ରୁଭେନ୍ ରିଭ୍‌ଲିନ୍ ଏପ୍ରିଲ ୬ରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଦାୟିତ୍ୱ ଦେଇଥିଲେ। ଏହି ସମୟସୀମା ମଙ୍ଗଳବାର ମଧ୍ୟରାତ୍ରରେ ଶେଷ ହୋଇଯାଇଛି। ଦୀର୍ଘଦିନ ହେଲା ଦେଶରେ ରାଜନୈତିକ ଅଚଳାବସ୍ଥା ଜାରି ରହିଥିବାବେଳେ ମେଣ୍ଟ ସରକାର ଲାଗି ଆଲୋଚନା ଆଗେଇ ପାରିନାହିଁ। ନେତାନ୍ୟାହୁଙ୍କ ଲିକୁଡ୍ ପାର୍ଟି ୧୨୦ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ଏକକ ସଂଖ୍ୟାଗରିଷ୍ଠ ହୋଇଥିଲେ ହେଁ, ସରକାର ଗଠନ ଲାଗି ଆବଶ୍ୟକ ୬୧ ସଦସ୍ୟଙ୍କ ସମର୍ଥନ ଯୋଗାଡ଼ କରିପାରି ନାହିଁ। ଗତ ମାର୍ଚ୍ଚରେ ହୋଇଥିବା ସାଧାରଣ ନିର୍ବାଚନରେ ଲିକୁଡ୍ ପାର୍ଟିକୁ ୩୦ ଆସନ ମିଳିଥିଲା। ନେତାନ୍ୟାହୁ ବିଫଳ ହେବା ପରେ ସରକାର ଗଠନ ନେଇ ରାଷ୍ଟ୍ରପତି ଅନ୍ୟ ଦଳର ନେତାମାନଙ୍କ ସହ ଯୋଗାଯୋଗ ଚଳାଇଛନ୍ତି।

## ନେପାଳ ସରକାର ସଂଖ୍ୟାଲଘୁ

**କାଠମାଣ୍ଡୁ, ୫ା୫(ଆଇଏଏନ୍‌ଏସ୍)**

କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ମାଓଇଷ୍ଟ ସେଣ୍ଟର) ସମର୍ଥନ ପ୍ରତ୍ୟାହାର କରିନେବା ପରେ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ନେପାଳ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଛି। ଆସନ୍ତା ୧୦ ତାରିଖରେ ଆସ୍ଥା ଭୋଟର ସମ୍ମୁଖୀନ ହେବା ପାଇଁ ଓଲିଙ୍କ ଘୋଷଣା ପରେ ମାଓବାଦୀ ପାର୍ଟି ସମର୍ଥନ ପ୍ରତ୍ୟାହାର ନିଷ୍ପତ୍ତି ନେଇଥିଲା। ବିରୋଧୀ ଦଳଗୁଡ଼ିକ ଓଲି ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ମ୍ୟାଜିକ୍ ସଂଖ୍ୟା ଯୋଗାଡ଼ରେ ରହିଛି। ବିରୋଧୀ ଦଳ ନେପାଳୀ କଂଗ୍ରେସ, ମାଓଇଷ୍ଟ ସେଣ୍ଟର ଏବଂ ଜନତା ସମାଜବାଦୀ ପାର୍ଟିର ଗୋଟିଏ ଗୋଷ୍ଠୀ ମେଣ୍ଟ ସରକାର ଗଢ଼ିବା ଲାଗି ଆଲୋଚନା ଚଳାଇଛନ୍ତି। ଅନ୍ୟପକ୍ଷରେ ଓଲି କ୍ଷମତାରେ ରହିବା ଲାଗି ଜନତା ସମାଜବାଦୀ ପାର୍ଟିର ଅନ୍ୟ ଗୋଷ୍ଠୀ ସହ ବୁଝାମଣା ଚଳାଇଥିବା ଜଣାପଡ଼ିଛି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

# ଖୁବ୍‌ଶୀଘ୍ର ଦ୍ୱିଗୁଣିତ ହେବ ମୃତ୍ୟୁସଂଖ୍ୟା

**ନୂଆଦିଲ୍ଲୀ, ୫ା୫**

ଭାରତରେ ଦୈନିକ କରୋନା ମୃତ୍ୟୁସଂଖ୍ୟା ରେକର୍ଡ ଭାଙ୍ଗି ଚାଲିଛି। ଯଦି ଏହି କ୍ରମାଗତ ଜାରି ରୁହେ ତେବେ ଆଗାମୀ କିଛି ସପ୍ତାହ ମଧ୍ୟରେ ଦେଶରେ ମୃତ୍ୟୁ ସଂଖ୍ୟା ଦ୍ୱିଗୁଣ ହୋଇପାରେ ବୋଲି ବାଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସର ଏକ ବିଶେଷଜ୍ଞ ଟିମ୍ ଚେତାବନୀ ଦେଇଛନ୍ତି। ଜୁନ ୧୧ ସୁଦ୍ଧା ଭାରତରେ ୪,୦୪,୦୦୦ ନିକଟତର ହୋଇପାରେ ବୋଲି ଆଶଙ୍କା କରାଯାଇଛି। ଭାରତକୁ ସବୁଠୁ ବଡ ସ୍ୱାସ୍ଥ୍ୟ ସଙ୍କଟରେ ପକାଇଥିବା କୋଭିଡ୍‌ର ଦ୍ୱିତୀୟ ଲହର ଆସନ୍ତା ସପ୍ତାହରେ ସ୍ଥିତି ଆହୁରି ଖରାପ କରିପାରେ। ଏପରିକି ଜୁଲାଇ ମାସ ଶେଷ ସୁଦ୍ଧା ଦେଶରେ ମୋଟ ମୃତ୍ୟୁସଂଖ୍ୟା ୧୦ ଲକ୍ଷ ପାର୍ କରିବାରେ ବୋଲି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ ଇଭାଲ୍ୟୁଏଶନ ପ୍ରତିଷ୍ଠାନ ପକ୍ଷରୁ ଆକଳନ କରାଯାଇଛି।

## ନୂଆ ସଂକ୍ରମିତଙ୍କ ମଧ୍ୟରୁ ଅଧା ଭାରତରେ



ଗତ ସପ୍ତାହରେ ବିଶ୍ୱରେ ରିପୋର୍ଟ ହୋଇଥିବା ନୂଆ କୋଭିଡ-୧୯ ମାମଲା ମଧ୍ୟରୁ ଅଧା କେବଳ ଭାରତରେ ବୋଲି ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) କହିଛି। ସାପ୍ତାହିକ ମହାମାରୀ ସମ୍ବନ୍ଧୀୟ ରିପୋର୍ଟରେ ଡବ୍ଲ୍ୟୁଏଚ୍‌ଓ କହିଛି, ବିଶ୍ୱର ନୂଆ ମୋଟ ମାମଲା ମଧ୍ୟରୁ ୪୬ ପ୍ରତିଶତ ଏବଂ ଗତ ସପ୍ତାହରେ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିବା ଲୋକଙ୍କ ମଧ୍ୟରୁ ୨୫ ପ୍ରତିଶତ କେବଳ ଭାରତର ନାଗରିକ। କ୍ରମାଗତ ୧୪ ଦିନ ପାଇଁ ଦୈନିକ ସଂକ୍ରମଣ ୩ ଲକ୍ଷ ଉପରେ ରହୁଥିବାବେଳେ ବୁଧବାର ମୃତ୍ୟୁସଂଖ୍ୟା (୩,୭୮୦) ସର୍ବକାଳୀନ ରେକର୍ଡ କରିଛି।

## ବେଙ୍ଗାଲୁରୁ: ୨ ନମୁନାରୁ ଗୋଟିଏ ପଜିଟିଭ୍

**ବେଙ୍ଗାଲୁରୁ, ୫ା୫:** କର୍ନାଟକର ବେଙ୍ଗାଲୁରୁରେ କୋଭିଡ୍-୧୯ ସ୍ଥିତି ଚିନ୍ତାଜନକ ହୋଇଛି। କରୋନା ଟେଷ୍ଟ କରାଉଥିବା ପ୍ରତି ୨ ଜଣରେ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସୁଛି। ସୋମବାର ଏହି ସହରରେ ପଜିଟିଭ ଚିହ୍ନଟ ହାର ସର୍ବକାଳୀନ ରେକର୍ଡ କରି ୫୫ ପ୍ରତିଶତରେ ପହଞ୍ଚିଥିଲା। ତେବେ ମଙ୍ଗଳବାର ଏଥିରେ ସାମାନ୍ୟ ସୁଧାର ଆସି ୩୩ ପ୍ରତିଶତ ହୋଇଥିଲା। ଏଠାରେ ସକ୍ରିୟ ମାମଲା ୩ ଲକ୍ଷ ଟପିଛି। ମଙ୍ଗଳବାର ବେଙ୍ଗାଲୁରୁରୁ ୨୦,୮୭୦ ସଂକ୍ରମିତ ଚିହ୍ନଟ ହୋଇଥିଲା। କର୍ନାଟକରେ ମୋଟ ୨୯୨ ମୃତକଙ୍କ ମଧ୍ୟରୁ ୧୩୨ ଜଣ କେବଳ ବେଙ୍ଗାଲୁରୁର ରହିଥିଲେ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଶତ୍ରୁଘ୍ନ ସାମଲ
(ଅବସରପ୍ରାପ୍ତ ପ୍ରଧାନଶିକ୍ଷକ)
ଆବିର୍ଭାବ: ୨୪.୦୪.୧୯୪୦ / ତିରୋଧାନ: ୨୬.୦୪.୨୦୨୧
ବଳରାମପ୍ରସାଦ, ଗଡ଼ସାହି, ଅନୁଗୁଳ
ଆପଣ ଆମ୍ଭମାନଙ୍କୁ ଅବେଳରେ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ବାହୁଡ଼ି ଗଲେ। ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଦୃଢ଼ମନୋବଳ, ସରଳ ଜୀବନଯାପନ ଓ ସତ୍ ମାର୍ଗ ଦର୍ଶନ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ସଦାସର୍ବଦା ଜୀବିତ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସ୍ୱର୍ଗପ୍ରାପ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ଧର୍ମପତ୍ନୀ- ମାଳତୀ ସାମଲ, ପୁତ୍ର- ପ୍ରଦୀପ୍ତ, ସୁଶାନ୍ତ, ତପନ, ଶେଷଦେବ, ପୁତ୍ରବଧୂ- ମାମି, କବିତା, କଳ୍ପନା, ନିରୂପମା, ନାତି- ମିଲନ, ବାପୁ, ଚିଣ୍ଟୁ, ସିପୁ, ସୁମନ, ନାତୁଣୀ- ସୀମା, ଶିବା ଓ ଆତ୍ମୀୟସ୍ୱଜନ
ଧ-୨୦୬୬୫

ଶ୍ରଦ୍ଧାଞ୍ଜଳି



ସ୍ୱ ଚନ୍ଦ୍ରମଣି ବେହେରା
(୧୨.୦୪.୧୯୬୫ - ୨୬.୦୪.୨୦୨୧)
ପ୍ରାଚୀ ଏନକ୍ଲେଭ୍ ୱେଲଫେୟାର ଆସୋସିଏସନ୍ ର ପ୍ରତିଷ୍ଠାତା ସଂପାଦକ, ବିଶିଷ୍ଟ ସମାଜସେବୀ, ବନ୍ଧୁବତ୍ସଳ ଓ ପରୋପକାରୀ ସ୍ୱର୍ଗତ ଚନ୍ଦ୍ରମଣି ବେହେରାଙ୍କ ଅକାଳ ବିୟୋଗରେ ମର୍ମାହତ କଲୋନୀବାସୀଙ୍କର ସ୍ୱର୍ଗତ ଅମର ଆତ୍ମାଙ୍କ ପ୍ରତି ବିନମ୍ର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏବଂ ଅମର ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ପ୍ରାଚୀ ଏନକ୍ଲେଭ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ର ସମସ୍ତ ବାସିନ୍ଦା ଓ ପ୍ରାଚୀ ଏନକ୍ଲେଭ୍ ୱେଲଫେୟାର ଆସୋସିଏସନ୍ ର ସମସ୍ତ ସଦସ୍ୟ।
ଧ-୨୦୬୬୪

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଶାଶ୍ୱତ ମହାନ୍ତି (ବୁଟୁ)
ଗୁଣ୍ଡିଚା ମନ୍ଦିର ନିକଟ, ପୁରୀ
ଆବିର୍ଭାବ : ୧୭.୦୬.୧୯୮୦
ତିରୋଧାନ : ୨୬.୦୪.୨୦୨୧
ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ
ତୋ’ର ସବୁ ଅଳି ମାନି ନେଇଥିଲୁ
ଏମିତି ତ କହି ପାରିବୁ ନାହିଁ,
ହେଲେ, ଅଭିମାନ କରି ଛାଡ଼ି ଚାଲିଯିବୁ
ସପନରେ ଭାବି ନଥିଲୁ କେହି।।
-: ଶୋକସନ୍ତପ୍ତ :-
ବାପା, ବୋଉ, ଲୋରା, ଲିଟୁ, ଦୀପା, ଟିକୁ, ମାମୁଁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ
ଧ-୨୦୬୬୧

ଏକାଦଶାହ



ସ୍ୱ ଚନ୍ଦ୍ରମଣି ବେହେରା
ଅଲ୍ଲିପୁର, ରାମଚନ୍ଦ୍ରପୁର, ବରୀ, ଯାଜପୁର
ଆବିର୍ଭାବ: ୧୨।୦୪।୧୯୬୫
ତିରୋଧାନ: ୨୬।୦୪।୨୦୨୧
ଆପଣଙ୍କ ଅବର୍ତ୍ତମାନରେ ଆମେ ମ୍ରିୟମାଣ। ଆପଣଙ୍କ ସହ କଟିଥିବା ପ୍ରତିଟି ମୁହୂର୍ତ୍ତ ମନେ ପଡୁଛି ଆଜି ବାରମ୍ବାର।
ଶୋକସନ୍ତପ୍ତ:
ମମତା, ନିର୍ଲିପ୍ତା, ସତ୍ୟବ୍ରତ, ଜୟୀରାମ, ଶଶିରାମ, ଋଷିରାମ, ଭାସ୍କର, ବାବୁଲି
ଧ-୨୦୬୪୯


ସୋନମ୍ କପୁର

# ସଞ୍ଜୟଙ୍କ ପାଇଁ..

ବେଳେବେଳେ ଗୋଟିଏ ଲକ୍ଷ୍ୟ ନେଇ ଜଣେ ଅଗ୍ରସର ହୋଇଥାଏ। ହେଲେ କିଛି ବାଟ ପରେ ପୁଣି ଟ୍ରାକ୍ ବଦଳାଇବାକୁ ପଡିଥାଏ। ପୁଣି ଏମିତି ହୁଏ ଯେ, ନୂଆ ଟ୍ରାକ୍ ତାଙ୍କୁ ଆଣିଦିଏ ନେମ୍ ଆଉ ଫେମ୍। ଦେଖୁନାହାନ୍ତି, ସୋନମ କପୁର କେବେ ଇଚ୍ଛା କରି ନ ଥିଲେ ଯେ ଦିନେ ସେ ଜଣେ ଅଭିନେତ୍ରୀ ହେବେ। ହେଲେ ବିଧିର ବିଧାନ ଅଲଗା। ପରଦା ପଛରେ ରହି ନିଜ ଦକ୍ଷତା ଦେଖାଇବାକୁ ମାଇଣ୍ଡ ମେକ୍‌ଅପ୍ କରିଥିଲେ। ଏପରି କି ବିଶିଷ୍ଟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ଫିଲ୍ମ 'ବ୍ଲାକ୍' (ଅମିତାଭ ବଚ୍ଚନ, ରାଣୀ ମୁଖାର୍ଜୀ)ରେ ସେ ଜଣେ ସହଯୋଗୀ ନିର୍ଦ୍ଦେଶିକା ଭାବରେ କାମ କରି ସାଉଁଟିଥିଲେ ପ୍ରଶଂସା। ତା'ପରେ କେତୋଟି ସିନେମାରେ ଏଭଳି ଦାୟିତ୍ୱକୁ ବେଶ୍ ଭଲ ଭାବରେ ତୁଲାଇଥିଲେ ସୋନମ୍। କିନ୍ତୁ ସଞ୍ଜୟଙ୍କ ସହ ଦେଖାହେବା ପରେ ସେ ଆଉ ଏକ ଦିଗ ପ୍ରତି ଦୃଷ୍ଟି ଦେଇଥିଲେ। ଏକଦା ସୋନମଙ୍କୁ ସେ କହିଥିଲେ, 'ଦେଖ, ସହଯୋଗୀ ନିର୍ଦ୍ଦେଶିକା ଭାବରେ ତୁମର କାମ ଠିକ୍ ଅଛି। ହେଲେ ଯଦି ତୁମେ ଅଭିନୟ ପ୍ରତି ନଜର ଦେବ, ତେବେ ଆହୁରି ଭଲ ହେବ। ତା'ପରେ ଅଭିନେତ୍ରୀ ହେବାର ଝୁଙ୍କ୍ ତାଙ୍କ ମନରେ ଦେଖାଦେଇଥିଲା। ସଞ୍ଜୟଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସାଓ୍ୱରିୟାଁ' ଥିଲା ସୋନମଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର। ଆଉ ତା'ପରେ ଗୋଟିଏ ପରେ ଗୋଟିଏ ସିନେମାରେ ଅଭିନୟ କରି ସେ ନିଜକୁ ଜଣେ ନାୟିକା ଭାବରେ ପରିଚିତ କରାଇପାରିଛନ୍ତି।


ଅନୁଭା-ଦୀପକ

ରିଲିଜ ଅପେକ୍ଷାରେ

# ଏଇ ବୋଧେ ଭଲ ପାଇବା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ଓଡ଼ିଆ ସିନେମା 'ଏଇ ବୋଧେ ଭଲ ପାଇବା' ରିଲିଜ ଅପେକ୍ଷାରେ ରହିଛି। ଖାସ୍ କଥା ହେଲା, ଦର୍ଶକ ଏଥିରେ ଦୀପକଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଏ ନେଇ ଦୀପକ କହନ୍ତି, 'ଏକ ନିଛକ ଓଡ଼ିଆ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେଉଛି। ଏହାର କାହାଣୀ ଯେତେବେଳେ ମୁଁ ପଢ଼ିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ସିନେମାର ସଂଳାପରେ କ'ଣ ବିଶେଷତ୍ୱ ରହିଛି ତାହା ଦର୍ଶକ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ। ରଞ୍ଜନ କୁମାର ଦାସ ଏହାର କାହାଣୀ ରଚନା କରିଛନ୍ତି। ନବାଗତ ପ୍ରଯୋଜକ ଆଲେକଜାଣ୍ଡର ଦାସ ଏବଂ ସିଦ୍ଧାର୍ଥ ପାତ୍ର ଏହି ଫିଲ୍ମ ମାଧ୍ୟମରେ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି କୋରିଓଗ୍ରାଫର-କମ୍-ଡିରେକ୍ଟର ସୁଧାକର ବସନ୍ତ। ଏହାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମାଜଗତର ଆଗଧାଡ଼ିର ସଂଳାପକାର ତଥା ଏ ପର୍ଯ୍ୟନ୍ତ ୭୦ଟି ଚଳଚ୍ଚିତ୍ରର ସଂଳାପ ଲେଖିସାରିଥିବା ଡ. ରଜନୀ ରଞ୍ଜନ। କଳିଙ୍ଗ ସୂର୍ଯ୍ୟ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଦୀପକଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁଭା ସୌର୍ଯ୍ୟା। ଅନ୍ୟପକ୍ଷରେ କୁନା ତ୍ରିପାଠୀ, ସରୋଜ ଦାସ, ନନ୍‌ସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ ପ୍ରମୁଖ କଳାକାର ମଧ୍ୟ ଅଭିନୟ କରିଛନ୍ତି।

# କେବଳ ରାଧେ..

ସଲମାନ ଖାଁଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଅବଶ୍ୟ ସେ ଅନେକ ସମୟରେ କେତେକ କାରଣରୁ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଥାଆନ୍ତି। ଏବେ ତାଙ୍କର ଆଗାମୀ ଫିଲ୍ମ 'ରାଧେ : ଇୟୋର ମୋଷ୍ଟ ୱାଣ୍ଟେଡ୍ ବ୍ରଦର'କୁ ନେଇ ଆଲୋଚନା। ଏହି ଫିଲ୍ମର ଏକ ଗୀତ 'ସିଟି ମାର୍' ନିକଟରେ ରିଲିଜ ହୋଇଥିଲା। ଏବେ ଏହାର ଟାଇଟଲ ଟ୍ରାକ୍ 'କଲ୍ ଆୟେଗା' ରିଲଜ ହୋଇଛି ଏବଂ ମାତ୍ର ୧୨ ଘଣ୍ଟାରେ ଏହା ୟୁଟ୍ୟୁବ୍‌ରେ ବେଶ୍ ଭାଇରାଲ ହୋଇଛି। ଯା ଭିତରେ ଏହାକୁ ୩୦ ମିଲିୟନ ଦର୍ଶକ ଦେଖିସାରିଲେଣି। ସାଜିଦ-ୱାଜିଦ୍‌ଙ୍କ ସ୍ୱର ସଂଯୋଜନାରେ ଏହି ଗୀତଟିକୁ ରଚନା କରିବା ସହ ଏଥିପାଇଁ କଣ୍ଠଦାନ କରିଛନ୍ତି ସାଜିଦ୍। ଆକ୍ସନଭିତ୍ତିକ ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସଲମାନ୍। ଦିଶା ପଟାନି, ଜ୍ୟାକି ଶ୍ରଫ ଏବଂ ରଣଦୀପ ହୁଦାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସଲମାନ ଖାଁ, ସୋହେଲ ଖାଁ, ଅତୁଲ ଅଗ୍ନିହୋତ୍ରି ଏବଂ ନିଖିଲ ନମିତ୍। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପ୍ରଭୁଦେବା। ସଂଳାପ ରଚନା କରିଛନ୍ତି ବିଜୟ ମୁର୍ଯ୍ୟା। ଚଳିତ ମାସ ୧୩ରେ ଚିତ୍ରଟି ପରଦା ଉପରକୁ ଆସିବାର ଯୋଜନା ରହିଛି।

# ନୀରବତା ଅନ୍ତରାଳେ...

ବିକ୍କୁ ବଡ଼ଜେନା ଖଳନାୟକ ଭାବରେ ଅନେକ ଥର ବଡ଼ ପରଦାରେ ମୁହଁ ଦେଖାଇ ସାରିଛନ୍ତି। ପ୍ରଥମ ସିନେମା 'ମହାସଂଗ୍ରାମ' ପରେ ସେ ବେଶ୍ କେତୋଟି ସିନେମାରେ ଭିନ୍ନ ଭିନ୍ନ ଚରିତ୍ରରେ ଅବତୀର୍ଣ୍ଣ ହୋଇସାରିଛନ୍ତି। ଭୂମିକାଟି ଖଳନାୟକ ହେଉ ଅବା କମେଡ଼ି ତାହାକୁ ନେଇ ଆଣି ଥୋଇବାରେ ସେ ବେଶ୍ ଧୂରନ୍ଧର। ତେବେ ଏଇ କିଛି ଦିନ ହେଲା ତାଙ୍କର ନୀରବତା ଓଲିଉଡ୍‌ରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ହେଲେ ଏହି ନୀରବତା ପଛରେ କିଛି ସ୍ୱେଶାଲ ରହିଛି କି? ଏ ପ୍ରଶ୍ନର ଉତ୍ତରରେ ବିକ୍କୁ କହନ୍ତି, ''ଏବେ ତ ସମୟ ଭଲ ନାହିଁ। କିଛି ମାସ ପୂର୍ବରୁ ପୁଣି ଚଳଚଞ୍ଚଳ ହୋଇଉଠିଥିବା ଫିଲ୍ମ ଇଣ୍ଡଷ୍ଟ୍ରିରେ ପୁଣି ଶଙ୍କା ଆଶଙ୍କାର ବାତାବରଣ। ମୁଁ ଏବେ ନୀରବ ରହୁଛି, କାରଣ ମୋ ମୁଣ୍ଡକୁ ଏକ ମନଲାଖି ଚରିତ୍ର ବିଷୟରେ ଆଇଡିଆ ଜୁଟିଛି। ତାକୁ ଆଧାର କରି ଏକ କାହାଣୀ ରଚନା କରିବା ଚକ୍କରରେ ଅଛି। ତେଣୁ ନୀରବ ରହି ସେ ସମ୍ପର୍କରେ ଭାବୁଛି। କାରଣ କୌଣସି ସିନେମାର ମୂଳ ହେଲା ଦମ୍‌ଦାର କାହାଣୀ। ତେବେ ମୋ ମନଲାଖି କାହାଣୀଟିଏ ଖୋଜୁଛି। ତେଣୁ ମୋର ନୀରବତା ପଛରେ ସେପରି କିଛି ସ୍ୱେଶାଲ ନାହିଁ।''


ବିକ୍କୁ


ଜଗଜିତା

# ଜଗଜିତାଙ୍କ ଆଶା

ବଡ଼ ପରଦାରେ ମୁହଁ ଦେଖାଇବାକୁ ଅନେକେ ଆଶା ରଖିଥାଆନ୍ତି। ହେଲେ ସମସ୍ତଙ୍କ ଆଶା ପୂରଣ ହୋଇ ନ ଥାଏ। ନିଜର ଦକ୍ଷତା ବଳରେ ସୁଯୋଗ ମିଳେ ଏବଂ ସିନେମାଟିର ସଫଳତା ସେମାନଙ୍କୁ ଆଗକୁ ବାଟ କଢ଼ାଇ ନିଏ। ଠିକ୍ ସେହିପରି ମ୍ୟୁଜିକ ଆଲବମ୍‌ରୁ ଓଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି ନବାଗତା ତଥା ଢେଙ୍କାନାଳରେ ଜନ୍ମିତା ଜଗଜିତା ଦାଶ। ସଫ୍ଟୱେର ଇଞ୍ଜିନିୟରିଂ ପଢୁଥିବା ଏହି ଅଭିନେତ୍ରୀ ବଡ଼ ସୁଯୋଗ ଅପେକ୍ଷରେ ଅଛନ୍ତି। ଭିଡିଓ ଆଲବମ୍ 'ତତେ ଦେବିନି ଦୋଷ' ଏବଂ 'ପାଗେଳି ଗଲୁ କି ବଦଳି'ରେ ଅଭିନୟ କରିବା ପରେ ତାଙ୍କୁ ଓଡ଼ିଆ ସିନେମାରେ ବ୍ରେକ୍ ମିଳିଥିଲା। ଏ ପର୍ଯ୍ୟନ୍ତ ସେ 'କହିବିନି ତୋତେ ଆଇ ଲଭ୍ ୟୁ' ଏବଂ 'ପ୍ରଥମ ପ୍ରେମ' ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଓଡ଼ିଆ ସିନେମାରେ ମୁଁ ନୂଆ। ଆରମ୍ଭରୁ ଦେଖି ଚାହିଁ ପାଦ ପକାଇବାକୁ ପଡ଼ିବ। ଆଗକୁ କୌଣସି ଅଫର ମିଳିଲେ ସେ ନେଇ ଭଲ ଭାବରେ ତର୍ଜମା କରିବା ପରେ ହିଁ ସେଥିରେ ଆକ୍ଟିଂ କରିବାକୁ ରାଜି ହେବି। ମୋତେ ଯେ କୌଣସି ଭୂମିକା ମିଳିଲେ ତାହାକୁ ତୁଲାଇବାର ଦକ୍ଷତା ମୋର ରହିଛି।' ଅଭିନୟ ବ୍ୟତୀତ ଗୀତ ଗାଇବାରେ ରୁଚି ରଖନ୍ତି ଜଗଜିତା। ଏହାବ୍ୟତୀତ ଅବସର ସମୟରେ ସେ ପ୍ରାକୃତିକ ଦୃଶ୍ୟରାଜିକୁ ଚିତ୍ରର ରୂପ ଦେଇଥାଆନ୍ତି।

# ଏଥର ସମାଜସେବା

ବର୍ତ୍ତମାନ କରୋନା ମହାମାରୀ ତାହାର ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ଥରେ ଭୟର ବାତାବରଣ ସୃଷ୍ଟି କରିଛି। ପ୍ରତିଦିନ ସହସ୍ରାଧିକ ବ୍ୟକ୍ତି ଏହାଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହି ସମୟରେ ଅଭିନୟ ସହ ଜଡ଼ିତ କେତେଜଣ ବ୍ୟକ୍ତିବିଶେଷ ସହାୟତାର ହାତ ବଢ଼ାଇବାକୁ ପଛାଇ ନାହାନ୍ତି। ସେହି ତାଲିକାରେ ନିକଟରେ ନିଜ ନାମକୁ ସାମିଲ କରିଛନ୍ତି ଶ୍ରୀଲଙ୍କା ସୁନ୍ଦରୀ ତଥା ଅଭିନେତ୍ରୀ ଜ୍ୟାକଲିନ୍ ଫର୍ନାଣ୍ଡିସ୍। କୋଭିଡ୍ ରୋଗୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଅଣ୍ଟା ଭିଡ଼ିଛନ୍ତି ସେ। ଏଥିପାଇଁ ସେ 'ୟୁ ଓନ୍‌ଲି ଲିଭ୍ ଓ୍ୱନ୍ସ' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଗଠନ କରିଛନ୍ତି। 'ବର୍ତ୍ତମାନ କରୋନା ଆକ୍ରାନ୍ତ ଏବଂ ସେମାନଙ୍କର ପରିବାରଙ୍କୁ ସାହାଯ୍ୟ କରିବା ବଡ଼ କଥା। ତେଣୁ ମୋ ନିଜ ପଟରୁ ଏପରି ଏକ ପ୍ରୟାସ ଆରମ୍ଭ କରିଛି। ତା'ସହ ଏହି ମହାମାରୀ ଶୀଘ୍ର ଦୂର ହୋଇଯାଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।'

# ଚୁଜି ହେଲେଣି ହୁମା

ହୁମା କ୍ୟୁରେସି ଏବେ ଚୁଜି ହେଲେଣି। ଦେଖୁନାହାନ୍ତି ସେ କେମିତି ଲଗାତର ଦୁଇଟି ଅଫର ହାତଛଡ଼ା କରିଛନ୍ତି। କାରଣ ଏଗୁଡ଼ିକର କାହାଣୀ ତାଙ୍କୁ ଆଦୌ ପ୍ରଭାବିତ କରିପାରି ନ ଥିଲା ବୋଲି ସେ ସଫେଇ ଦେଇଛନ୍ତି। ଏ ନେଇ ହୁମା କହନ୍ତି, 'ଏକାଥରେ ପୁଳାଏ ଅଫର ମିଳିଲା ବୋଲି ଯେ ମୁଁ ସବୁଗୁଡ଼ିକୁ ହଁ ଭରିବି ତାହା ଠିକ୍ ନୁହେଁ। କାରଣ ଦେଖିଚାହିଁ ନ ଆଗେଇଲେ ତାହାର ପ୍ରଭାବ ମୋ କ୍ୟାରିୟର ଉପରେ ପଡ଼ିବ। ପୁଣି ଏବେ ମୁଁ ହଲିଉଡ୍‌ରେ ଏଣ୍ଟ୍ରି କରିଛି। ତେଣୁ ଅଫରଗୁଡ଼ିକୁ ନେଇ ମୋତେ ସଚେତନ ହେବାକୁ ପଡ଼ିବ। ନିକଟରେ ଦୁଇଟି ଅଫର ମୋତେ ମିଳିଥିଲା, ଏକଥା ସତ, ହେଲେ କାହାଣୀ ପାଇଁ ତାହାକୁ ହାତଛଡ଼ା କରିଛି।' ବଲିଉଡ୍ ପରେ ହୁମା ହଲିଉଡ୍‌ରେ ପାଦ ଦେଇସାରିଛନ୍ତି। ସେ ଅଭିନୟ କରୁଥିବା ପ୍ରଥମ ହଲିଉଡ୍ ଫିଲ୍ମଟି ହେଲା 'ଆର୍ମି ଅଫ୍ ଦ ଡେଡ୍'। ସେପଟେ ଅକ୍ଷୟ କୁମାରଙ୍କ 'ବେଲ୍ ବଟମ୍'ରେ ମଧ୍ୟ ସେ ଅଭିନୟ କରିଛନ୍ତି, ଯାହା ଚଳିତ ମାସ ୨୮ରେ ରିଲିଜ ହେବାକୁ ଯାଉଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରଣଜିତ ତିଓ୍ୱାରୀ।


ଜ୍ୟାକ୍‌ଲିନ୍


ହୁମା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୬/୨୦୨୧ Bhubaneswar, Thursday, May 6/ 2021

# ସ୍ୱଦେଶ ଫେରିଲେ ଇଂଲଣ୍ଡ ଖେଳାଳି

**ଲଣ୍ଡନ,୫।୫(ପି.ଟି.)**

କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳି ଅଧିକାଂଶ ଇଂଲଣ୍ଡ ଖେଳାଳି ସେମାନଙ୍କ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଅଷ୍ଟ୍ରେଲିଆ ଖେଳାଳିମାନେ ମାଳଦ୍ୱୀପରୁ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

ମଙ୍ଗଳବାର ଆଇପିଏଲ୍ ସସ୍‌ପେଣ୍ଡ ହେବା ପରେ ଜୋଶ ବଟଲର, ଜନୀ ବେୟାରଷ୍ଟୋଙ୍କ ସମେତ ୧୧ ଜଣଙ୍କ ମଧ୍ୟରୁ ୮ ଜଣ ଖେଳାଳି ସ୍ୱଦେଶ ପ୍ରତ୍ୟାର୍ତ୍ତନ କରିଛନ୍ତି। ସାମ କୁରାନ, ଟମ୍ କୁରାନ, ସାମ୍ ବିଲିଙ୍ଗ୍ସ, କ୍ରିସ୍ ୱୋକ୍ସ, ମୋଇନ ଅଲି ଓ ଜାସନ ରୟ ଲଣ୍ଡନରେ ପହଞ୍ଚିଛନ୍ତି। ଘରକୁ ଫେରିବା ପୂର୍ବରୁ ଖେଳାଳିମାନେ ୧୦ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ବାକି ୩ ଇଂଲଣ୍ଡ ଖେଳାଳି ଇଅନ ମୋର୍ଗାନ, ଡାୱିଡ ମଲାନ ଓ କ୍ରିସ୍ ଜୋର୍ଡାନ ଆଗାମୀ ୪୮ ଘଣ୍ଟା ମଧ୍ୟରେ ବିମାନ ଯୋଗେ ଲଣ୍ଡନ ଫେରିବେ ବୋଲି ଆଶା କରାଯାଉଛି। ବର୍ତ୍ତମାନ ୮ଜଣ ଇଂଲଣ୍ଡ ଖେଳାଳି ସକାଳେ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ କୁହାଯାଇଛି। ନିୟମ ଅନୁସାରେ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଟେଲରେ ଇଂଲଣ୍ଡ ଖେଳାଳିମାନେ କ୍ୱାରାଣ୍ଟାଇନ୍‌ରେ ରହିବେ।


ମୋଇନ ଅଲି


ଜନୀ ବେୟାରଷ୍ଟୋ


ଜାସନ ରୟ

ଅପରପକ୍ଷରେ ଅଷ୍ଟ୍ରେଲିଆ ଖେଳାଳିମାନେ ମାଳଦ୍ୱୀପ ଯାଇ ସେଠାରେ କିଛି ଦିନ ଅପେକ୍ଷା କରି ସ୍ୱଦେଶ ଫେରିବେ। ତେବେ ଖେଳାଳିମାନେ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ଠିକ୍ ସୂଚନା ପାଇନାହାନ୍ତି। ମେ' ୧୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ସରକାର ଭାରତ ଉପରେ ଭ୍ରମଣଜନିତ କଟକଣା ଲାଗୁ କରିଛନ୍ତି। ଫଳରେ ଅଷ୍ଟ୍ରେଲୀୟ ଖେଳାଳିମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଓ ଭାରତରେ ଫସି ରହିଛନ୍ତି। ଏହି ନିୟମ ତଥା କଟକଣାରୁ ଖେଳାଳିଙ୍କୁ ଛାଡ କରିବାକୁ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ମନା କରିଦେଇଛନ୍ତି।

ଆଇପିଏଲ୍ ଖେଳିଥିବା ସବୁ ଅଷ୍ଟ୍ରେଲିଆ ଖେଳାଳି ଏବେ ଦିଲ୍ଲୀରେ ଏକାଠି ହେଉଛନ୍ତି। ଦିଲ୍ଲୀରୁ ସବୁ ଖେଳାଳି ସ୍ୱତନ୍ତ୍ର ବିମାନ ଯୋଗେ ମାଳଦ୍ୱୀପ ଯିବେ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ମଧ୍ୟବର୍ତ୍ତିକାଳୀନ ମୁଖ୍ୟ ନିକ୍ ହୋକ୍‌ଲେ ଖେଳାଳିମାନଙ୍କୁ ଅଷ୍ଟ୍ରେଲିଆ ପଠାଇବା ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପ୍ରୟାସକୁ ପ୍ରଶଂସା କରିଛନ୍ତି। ବିସିସିଆଇ ଏ ନେଇ

**ମାଳଦ୍ୱୀପରୁ ଅଷ୍ଟ୍ରେଲିଆ ଖେଳାଳି ଘରକୁ ଯିବେ**

ଯଥାସମ୍ଭବ ବ୍ୟବସ୍ଥା କରୁଛି ବୋଲି ସେ କହିଛନ୍ତି। ୧୪ଜଣ ଖେଳାଳିଙ୍କ ସମେତ କେତେଜଣ କୋଚିଂ ଷ୍ଟାଫ୍ ଓ କମେଣ୍ଟେଟର୍ସ ଏବେ ଭାରତରେ ଫସି ରହିଛନ୍ତି। ବିସିସିଆଇ ପ୍ରଥମେ ଭାରତ ବାହାରକୁ ଏମାନଙ୍କୁ ପଠାଇବାକୁ ବ୍ୟବସ୍ଥା କରୁଛି। ଖେଳାଳିମାନଙ୍କୁ ମାଳଦ୍ୱୀପ କିମ୍ବା ଶ୍ରୀଲଙ୍କାକୁ ପଠାଯିବ ବୋଲି ହୋକ୍‌ଲେ କହିଛନ୍ତି।

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଖେଳାଳିଙ୍କୁ ବାଦ୍ ଦେଲେ ୧୧ ଜଣ ଦକ୍ଷିଣ ଆଫ୍ରିକା ଖେଳାଳି, ୧୦ ନ୍ୟୁଜିଲାଣ୍ଡ ଖେଳାଳି, ୯ ୱେଷ୍ଟଇଣ୍ଡିଜ୍ ଖେଳାଳି, ୩ ଆଫଗାନିସ୍ତାନ ଓ ୨ ବାଂଲାଦେଶ ଖେଳାଳି ଏଥର ଆଇପିଏଲ୍‌ରେ ବିଭିନ୍ନ ଫ୍ରାଞ୍ଚାଇଜ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। କେତେଜଣ ଖେଳାଳିଙ୍କ ପରୀକ୍ଷା ପଜିଟିଭ ଜଣାପଡିବା ପରେ ଆଇପିଏଲ୍‌କୁ ମଙ୍ଗଳବାର ସସ୍‌ପେଣ୍ଡ କରାଯାଇଥିଲା। ୬୦ ମ୍ୟାଚ୍ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ୫୨ ଦିନ ଧରି ଚାଲିବାକୁ ଥିଲା। ଅହମଦାବାଦ୍‌ରେ ମେ' ୩୦ ତାରିଖରେ ଏହା ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ୨୪ ଦିନ ଖେଳ ସମ୍ଭବ ହୋଇଥିଲା ଓ ୨୯ଟି ମ୍ୟାଚ୍ ଖେଳାଯାଇଥିଲା।

ଅନ୍ୟପଟେ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ଏକ ଗ୍ରୁପ୍ ଆଗାମୀ ସିରିଜ ଖେଳିବାକୁ ୟୁନାଇଟେଡ କିଙ୍ଗଡମ (ୟୁକେ) ଯାତ୍ରା କରିବ। ଏ ନେଇ ନ୍ୟୁଜିଲାଣ୍ଡ ପ୍ଲେୟର୍ସ ଆସୋସିଏଶନ ମୁଖ୍ୟ ହିଥ୍ ମିଲ୍ସ ସୂଚନା ଦେଇଛନ୍ତି। ତେବେ ଏହା ମେ' ୧୦ ତାରିଖ ପରେ ସମ୍ଭବ ହେବ। କାରଣ ଏହି ଦିନ ଭାରତ ଉପରେ ଲାଗୁ ହୋଇଥିବା ଭ୍ରମଣଜନିତ କଟକଣା ନେଇ ପୁନର୍ବିଚାର କରାଯିବ। ୟୁକେ ଦ୍ୱାରା ଲାଗୁ କରାଯାଇଥିବା କଟକଣା ଯୋଗୁ ମେ' ୧୧ ପର୍ଯ୍ୟନ୍ତ ଇଂଲଣ୍ଡ ମଧ୍ୟରେ ପ୍ରବେଶ କରିହେବ ନାହିଁ। ଫଳରେ ଖେଳାଳିମାନେ ଆଉ କିଛି ଦିନ ଅପେକ୍ଷା କରିବେ। ୱିଲିୟମସନଙ୍କ ସମେତ ୟୁକେ ଯିବାକୁ ଥିବା କେତେକ ନ୍ୟୁଜିଲାଣ୍ଡ ଖେଳାଳି ମେ ୧୦ ପର୍ଯ୍ୟନ୍ତ ଭାରତରେ ରହିବେ। ବାକି ଖେଳାଳି, ସପୋର୍ଟ ଷ୍ଟାଫ୍ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଘରକୁ ଫେରିବେ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ପ୍ଲେୟର୍ସ ଆସୋସିଏଶନ ହେଡ ହିତ ମିଲ୍ସ କହିଛନ୍ତି। ବର୍ତ୍ତମାନର ପରିସ୍ଥିତିରେ କେବଳ ବ୍ରିଟିସ ନାଗରିକ ଭାରତରୁ ଇଂଲଣ୍ଡ ଯାଇପାରିବେ ଓ ସେଠାରେ ୧୦ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ୱିଲିୟମସନଙ୍କୁ ବାଦ୍ ଦେଲେ ୟୁକେ ଯିବାକୁ ଥିବା ଖେଳାଳିମାନେ ହେଲେ ଟ୍ରେଣ୍ଟ ବୋଲ୍ଟ, କାଏଲ ଜେମିସନ, ମିଚେଲ ସାଣ୍ଟନର, କ୍ରିସ୍ ଡୋନାଲ୍ଡସନ (ଟ୍ରେନର), ଟେମି ସିମସେକ (ଫିଜିଓ), ଲୋକି ଫର୍ଗସନ, ଜିମି ନିଶାମ ଓ ଫିନ୍ ଆଲେନ। ଇଂଲଣ୍ଡରେ ନ୍ୟୁଜିଲାଣ୍ଡ ସିରିଜରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଅପହରଣ ପରେ ଛାଡ଼ପାଇଲେ ମ୍ୟାକ୍‌ଗିଲ

**ସିଡ୍‌ନୀ,୫।୫(ପି.ଟି.):** ଅଷ୍ଟ୍ରେଲିଆ ପୂର୍ବତନ ଲେଗ୍ ସ୍ପିନର ଷ୍ଟୁଆର୍ଟ ମ୍ୟାକ୍‌ଗିଲ ସିଡ୍‌ନୀସ୍ଥିତ ତାଙ୍କ ଘରୁ ଅପହରଣ ହୋଇଥିଲେ ଓ ପରେ ତାଙ୍କୁ ଛାଡି ଦିଆଯାଇଥିଲା ବୋଲି ନ୍ୟୁ ସାଉଥ୍‌ୱେଲ୍ସ ପୋଲିସ ସୂଚନା ଦେଇଛି। ଗତ ମାସରେ ଏହି ଘଟଣା ଘଟିଥିଲା। ତାଙ୍କୁ କେତେଘଣ୍ଟା ଅଟକ ରଖିବା ପରେ ଛାଡି ଦିଆଯାଇଥିଲା ବୋଲି ପୋଲିସ କହିଛି। ଏହି ମାମଲାରେ ୪ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

ଏପ୍ରିଲ ୧୪ରେ ମ୍ୟାକ୍‌ଗିଲଙ୍କୁ କାରରେ ଅପହରଣ କରାଯାଇ ଏକ ନିଛାଟିଆ ସ୍ଥାନକୁ ନିଆଯାଇଥିଲା। ସେଠାରେ ତାଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ କରାଯାଇଥିଲା। ଗୋଟିଏ ଘଣ୍ଟା ଅଟକ ରହିଥିଲେ ମଧ୍ୟ ମ୍ୟାକ୍‌ଗିଲ ଭୟଭୀତ ଥିଲେ ବୋଲି ନ୍ୟୁ ସାଉଥ ୱେଲ୍ସ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଆନ୍ଥୋନୀ ହୋଲଟନ କହିଛନ୍ତି। ତେବେ ଏପ୍ରିଲ ୨୦ ତାରିଖରେ ଏ ସମ୍ପର୍କରେ ଆମକୁ ସୂଚନା ଦିଆଯାଇଥିଲା ବୋଲି ପୋଲିସ କହିଛି। ଅର୍ଥ ପାଇଁ ଏହି ଅପହରଣ ରଚା ଯାଇଥିଲା। ତେବେ ଅପହରଣକାରୀଙ୍କୁ କୌଣସି ଅର୍ଥ ପ୍ରଦାନ କରାଯାଇ ନାହିଁ ବୋଲି ପୋଲିସ ସ୍ପଷ୍ଟ କରିଛି।


ଷ୍ଟୁଆର୍ଟ ମ୍ୟାକ୍‌ଗିଲ

ମ୍ୟାକ୍‌ଗିଲ ୧୯୮୮ ଓ ୨୦୦୮ ମଧ୍ୟରେ ୪୪ଟି ଟେଷ୍ଟ ଖେଳି ୨୦୮ଟି ଉଇକେଟ ହାସଲ କରିଥିଲେ। ୫୦ ବର୍ଷୀୟ ମ୍ୟାକ୍‌ଗିଲ୍ ୨୦୦୮ରେ କ୍ରିକେଟରୁ ଅବସର ଘୋଷଣା କରିଥିଲେ।

# ହସ୍ପିଟାଲ୍‌ରେ ହକି କୋଚ୍ କୌଶିକ

**ନୂଆଦିଲ୍ଲୀ,୫।୫(ପି.ଟି.):** କୋଭିଡ୍-୧୯ ଟେଷ୍ଟରେ ପଜିଟିଭ ଜଣାପଡିବା ପରେ ପୂର୍ବତନ ଭାରତୀୟ ହକି କୋଚ୍ ଏମ୍.କେ. କୌଶିକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ଓ କୌଶିକ ଏହି ଦଳର ସଦସ୍ୟ ଥିଲେ। ୬୬ ବର୍ଷୀୟ କୌଶିକଙ୍କ ଅକ୍ସିଜେନ ସାଚୁରେଶନ ଲେଭଲ ଅସ୍ଥିର ରହୁଛି ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ଏକ ସିଟି ନର୍ସିଂ ହୋମ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଛି ବୋଲି ତାଙ୍କ ପୁଅ ଏହସାନ କହିଛନ୍ତି। ଏପ୍ରିଲ ୧୭ ତାରିଖରେ ତାଙ୍କଠାରେ କରୋନା ଲକ୍ଷଣ ଦେଖିବାକୁ ମିଳିଥିଲା। ଟେଷ୍ଟରେ ତାଙ୍କ ରିପୋର୍ଟ ନେଗେଟିଭ ଆସିଥିଲା। ଏହାପରେ ତାଙ୍କର ସିଟି ସ୍କାନ କରାଯାଇଥିଲା। ଏଥିରେ କୋଭିଡ୍ କାରଣରୁ ସେ ନିମୋନିଆରେ ପୀଡିତ ବୋଲି ଜାଣିବାକୁ ମିଳିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅସ୍ଥିର ରହୁଛି। ତାଙ୍କର ଅକ୍ସିଜେନ ସ୍ତର ତଳକୁ ଖସୁଛି ବୋଲି ଏହସାନ କହିଛନ୍ତି। କରୋନାର ଶିକାର ହୋଇ କୌଶିକଙ୍କ ସ୍ତ୍ରୀ ମଧ୍ୟ ସେହି ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି ଓ ସେ ଆରୋଗ୍ୟ ଲାଭ କରିଛନ୍ତି।


ଏମ୍.କେ. କୌଶିକ

# ବାର୍ବରା ଷ୍ଟ୍ରାଇକୋଭାଙ୍କ ଅବସର

**ପ୍ରାଗ, ୫।୫ (ପି.ଟି.):** ପୂର୍ବତନ ତାରକା ଡବଲ୍ସ ଖେଳାଳି ତଥା ୱିମ୍ବେଲଡନ ସିଙ୍ଗଲ୍ସ ସେମିଫାଇନାଲିଷ୍ଟ ଚେକ ଗଣରାଜ୍ୟର ବାର୍ବରା ଷ୍ଟ୍ରାଇକୋଭା ବୁଧବାର ଟେନିସରୁ ଅବସର ଘୋଷଣା କରିଛନ୍ତି। ୩୫ ବର୍ଷୀୟା ଷ୍ଟ୍ରାଇକୋଭା ପୂର୍ବରୁ ଗର୍ଭଧାରଣ କରିବା ନେଇ ସୂଚନା ଦେଇଥିଲେ। ମା' ହେବା ପରେ ସେ ଟେନିସ୍‌କୁ ଫେରିବା ନେଇ ତାଙ୍କର କୌଣସି ଯୋଜନା ନାହିଁ ବୋଲି ସ୍ପଷ୍ଟ କରିଥିଲେ।



କରୋନା ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଅବସର ନେବି ବୋଲି କୌଣସି ଯୋଜନା କରି ନ ଥିଲି। ତେବେ ଶେଷରେ ଏହି ନିଷ୍ପତ୍ତି ନେବାକୁ ହେଲା। ମା' ହେବାକୁ ଅପେକ୍ଷା କରିଛି ଓ ମା' ହେବା ପରର ଜୀବନ ନେଇ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛି ବୋଲି ସେ କହିଛନ୍ତି। ଷ୍ଟ୍ରାଇକୋଭା ତାଙ୍କ କ୍ୟାରିୟରରେ ୨ଟି ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ସେହିପରି ସେ ୩୧ଟି ଡବଲ୍ସ ଟାଇଟଲ ମଧ୍ୟ ଜିତିଥିଲେ। ୨୦୧୯ ୱିମ୍ବେଲଡନରେ ତାଙ୍କ କ୍ୟାରିୟର ସଫଳତାର ଶୀର୍ଷକୁ ଛୁଇଁଥିଲା। ସିଏ ସୁ- ୱେଇଙ୍କ ସହ ସେ ୱିମ୍ବେଲଡନ ମହିଳା ଡବଲ୍ସ ଟାଇଟଲ ଜିତିଥିଲେ ଓ ୧ ନମ୍ବର ସ୍ଥାନ ହାସଲ କରିଥିଲେ। ସିଙ୍ଗଲ୍ସରେ ୧୬ ନମ୍ବର ସ୍ଥାନ ହାସଲ କରି ସେ କ୍ୟାରିୟରର ଶ୍ରେଷ୍ଠତା ହାସଲ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଲୁସି ସାଫାରୋଭାଙ୍କ ସହ ଡବଲ୍ସରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଗତ ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନ୍ ଖେଳି ଶେଷଥର ପାଇଁ କୌଣସି ଟେନିସ ମ୍ୟାଚ୍ ଖେଳିଥିଲେ।

# ଇନ୍‌ଫାଣ୍ଟିନୋଙ୍କ ବଡ଼ ଆଇନଗତ ବିଜୟ

**ବେଲିଜୋନା, ୫।୫ (ଏପି):** ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଅଧ୍ୟକ୍ଷ ଜିଆନି ଇନ୍‌ଫାଣ୍ଟିନୋ ଏକ ବଡ଼ ଆଇନଗତ ବିଜୟ ହାସଲ କରିଛନ୍ତି। ସୁଇଜରଲାଣ୍ଡର ପୂର୍ବତନ ଆଟର୍ନି ଜେନେରାଲ ମାଇକେଲ ଲାଉବେରଙ୍କ ସହ ହୋଇଥିବା ତାଙ୍କ ବୈଠକ ନେଇ ତଦନ୍ତ କରୁଥିବା ସ୍ୱତନ୍ତ୍ର ପ୍ରସିକ୍ୟୁଟର ଷ୍ଟିଫାନ କେଲରଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଏନେଇ ଇନ୍‌ଫାଣ୍ଟିନୋ ଦାଖଲ କରିଥିବା ଆବେଦନକୁ ସୁଇସ୍ ଫେଡେରାଲ କ୍ରାଇମ୍ କୋର୍ଟ ସମର୍ଥନ କରି ରାୟ ଦେଇଛନ୍ତି। ତେବେ ତଦନ୍ତକୁ ବନ୍ଦ କରାଯାଇ ନାହିଁ। ଏ ନେଇ କେଲରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ଗତ ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ କେଲରଙ୍କ କାର୍ଯ୍ୟାଳୟ ତରଫରୁ ୪ଟି ଖବର ତଥା ଦସ୍ତାବିଜ ପ୍ରକାଶିତ ହୋଇଥିଲା। ଫଳରେ ତାଙ୍କୁ ଦାୟିତ୍ୱରୁ ହଟାଯାଇଛି ବୋଲି କୋର୍ଟ କହିଛନ୍ତି। ଏହି ଦସ୍ତାବିଜ୍‌ରେ ଇନ୍‌ଫାଣ୍ଟିନୋ ଫିଫା ଦ୍ୱାରା ବୁକ୍ କରାଯାଇଥିବା ଏକ ଘରୋଇ ଜେଟ୍ ବିମାନରେ ୨୦୧୭ରେ ସୁରିନାମ୍‌ରୁ ସୁଇଜରଲାଣ୍ଡ ଯାତ୍ରା କରିଥିଲେ ବୋଲି ଉଲ୍ଲେଖ କରାଯାଇଥିଲା। ଏ ସଂକ୍ରାନ୍ତରେ ଇନ୍‌ଫାଣ୍ଟିନୋଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯାଇ ତଦନ୍ତ କରାଯିବା ଉଚିତ ବୋଲି କେଲର କହିଥିଲେ। ଏନେଇ ତଦନ୍ତ କରିବା ନେଇ କେଲରଙ୍କ କୌଣସି ଅଧିକାର ନାହିଁ ବୋଲି କୋର୍ଟ ତରଫରୁ କୁହାଯାଇଛି।


ଜିଆନି ଇନ୍‌ଫାଣ୍ଟିନୋ

ପୁଣି ୨୦୧୬ ଓ ୨୦୧୭ରେ ମାଇକେଲ ଲାଉବେରଙ୍କ ସହ ଇନ୍‌ଫାଣ୍ଟିନୋ ଏକାଧିକ ବୈଠକରେ ସାକ୍ଷାତ କରିଥିଲେ। ଏହି ସମୟରେ ଅନ୍ତର୍ଜାତୀୟ ସକର ଅଧିକାରୀଙ୍କ ଭୂମିକା ନେଇ ତଦନ୍ତ ଜାରି ରହିଥିଲା। ଉଭୟ ଅବଶ୍ୟ ଏହି ବୈଠକ ନେଇ କୌଣସି ସ୍ପଷ୍ଟୀକରଣ ଦେଇ ନ ଥିଲେ ଓ ଏ ନେଇ ଗଣମାଧ୍ୟମରେ ସେତେବେଳେ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ୨୦୧୬ ଫେବୃୟାରୀରେ ଇନ୍‌ଫାଣ୍ଟିନୋ ଫିଫା ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଗତବର୍ଷ ଲାଉବେରଙ୍କୁ ସୁଇଜରଲାଣ୍ଡର ଆଟର୍ନି ଜେନେରାଲ ପଦରୁ ବହିଷ୍କାର କରାଯାଇଥିଲା। ସେ ବିଭିନ୍ନ ତଦନ୍ତକୁ ବାଟବଣା କରିବାରୁ ଅଭିଯୋଗ ଆସିଥିଲା।

# ସଞ୍ଜୀବ ବାର୍ଲାଙ୍କ ବିୟୋଗରେ ଶୋକ

**ନୂଆଦିଲ୍ଲୀ, ୫।୫ (ପି.ଟି.):** ପୂର୍ବତନ ଭାରତୀୟ ଜୁନିୟର ହକି ଖେଳାଳି ଓଡ଼ିଶାର ସଞ୍ଜୀବ ବାର୍ଲାଙ୍କ ବିୟୋଗରେ ହକି ଇଣ୍ଡିଆ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। କରୋନା ସଂକ୍ରମଣ ଯୋଗୁ ସଞ୍ଜୀବ ଗତ ରବିବାର ରାଉରକେଲାରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କୁ ୩୪ ବର୍ଷ ହୋଇଥିଲା। ବାର୍ଲା ୨୦୦୯ରେ ଭାରତୀୟ ଜୁନିୟର ହକି କ୍ୟାମ୍ପର ସଦସ୍ୟ ଥିଲେ। ୱେଷ୍ଟର୍ନ ରେଲୱେ, ମୁମ୍ବାଇରେ କାର୍ଯ୍ୟରତ ଥିବା ବାର୍ଲା ଓଡ଼ିଶା ପକ୍ଷରୁ ବହୁ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ପୂର୍ବତନ ଫୁଟବଲ ଖେଳାଳି ଅନୁପଙ୍କ ପରଲୋକ

**ଭୁବନେଶ୍ୱର, ୫।୫(କ୍ରୀଡ଼ା ପ୍ରତିନିଧି):** ପୂର୍ବତନ ଫୁଟ୍‌ବଲ ଖେଳାଳି ଅନୁପ ମୁଖାର୍ଜୀଙ୍କର ମଙ୍ଗଳବାର ନିଜ କୋଲକାତାସ୍ଥିତ ବାସଭବନରେ ପରଲୋକ ଘଟିଛି। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ଅନୁପ ୧୯୬୦ରୁ ୧୯୭୦ ଦଶକ ଆରମ୍ଭ ପର୍ଯ୍ୟନ୍ତ ଓଡ଼ିଶା ପକ୍ଷରୁ ଜାତୀୟ ଫୁଟ୍‌ବଲରେ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ସେ ରାଇଜିଂ ଷ୍ଟାର କ୍ଲବ୍‌ର ସଦସ୍ୟ ଥିଲେ। ଅନୁପଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଉଚିତ ପଦକ୍ଷେପ

**ଭିଭିଏସ୍ ଲକ୍ଷ୍ମଣ**

ଦୁଇଟି ସହରରେ ୪ ଫ୍ରାଞ୍ଚାଇଜ୍ ଜୈବ ସୁରକ୍ଷିତ ବଳୟ ଉଲ୍ଲଂଘନ କରିବା ପରେ ଆଇପିଏଲକୁ ସ୍ଥଗିତ ରଖିବା ନିଷ୍ପତ୍ତି ଉଚିତ ପଦକ୍ଷେପ। ଏହା ଦୁର୍ଭାଗ୍ୟଜନକ ହେଲେ ହେଁ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଶାରୀରିକ ସୁରକ୍ଷା ଏବଂ ମାନସିକ ସୁସ୍ଥତା ଅନେକ ଗୁରୁତ୍ୱପୂର୍ଣ୍ଣ। କରୋନା ଭାଇରସ ବିପକ୍ଷରେ ଲଢ଼େଇ ସମୟରେ କୌଣସି ପରିସ୍ଥିତିରେ ନିୟମ ଉଲ୍ଲଂଘନ ଉଚିତ ନୁହେଁ ବୋଲି ଏହା ଏକ ଶିକ୍ଷା ମଧ୍ୟ ଦେଇଛି। ପ୍ରୋଟୋକଲକୁ ନେଇ ଆମେ ଖୁବ୍ ଆତ୍ମବିଶ୍ୱାସରେ ଥିଲୁ, ଏପରି କି ଗୋଟିଏ ସହରରୁ ଅନ୍ୟ ସହରକୁ ଭ୍ରମଣ ସମୟରେ ମଧ୍ୟ ଚିନ୍ତିତ ନ ଥିଲୁ। ମାତ୍ର ଯେତେବେଳେ ଜାଣିବାକୁ ପାଇଲୁ ଯେ, କୋଲକାତା ନାଇଟ ରାଇଡର୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ କ୍ୟାମ୍ପରେ ପଜିଟିଭ୍ ଆସିଛି ସେତେବେଳେ ଆଶଙ୍କା ବଢ଼ି ଯାଇଥିଲା। ଆମେ ନିକଟରେ ଚେନ୍ନାଇ ବିପକ୍ଷରେ ଏକ ମ୍ୟାଚ ଖେଳିଥିଲୁ। ମ୍ୟାଚ ଅବସରରେ ପୁରୁଣା ଖେଳାଳିମାନେ ସେମାନଙ୍କ ବନ୍ଧୁଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ତେଣୁ ସମସ୍ତଙ୍କ ଟେଷ୍ଟ ରେଜଲ୍ଟ ନ ଆସିବା ପର୍ଯ୍ୟନ୍ତ ଆମେ ଆଶଙ୍କାରେ ଥିଲୁ।

ରିଦ୍ଧିମାନ ଶାହାଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି। ରବିବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ରିଦ୍ଧିମାନ ଖେଳିବାର ଥିଲା। ମାତ୍ର ଶନିବାର ରାତିରୁ ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସଙ୍ଗେସଙ୍ଗେ ଆଇସୋଲେଶନରେ ରଖାଯାଇଥିଲା। ପରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ସମସ୍ତ ସାବଧାନତା ସତ୍ତ୍ୱେ ସେ କିପରି ଭାଇରସ ସଂସ୍ପର୍ଶରେ ଆସିଲେ ବୋଲି ଆମେ ଏବେ ମଧ୍ୟ ବୁଝିପାରୁନୁ।

ସମସ୍ତେ ସୁରକ୍ଷିତଭାବେ ଘରକୁ ଫେରିବାକୁ ଏବେ ପ୍ରାଥମିକତା ଦିଆଯାଉଛି। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଅଧିକାଂଶ ସନ୍‌ରାଇଜର୍ସ ହାଇଦ୍ରାବାଦ ଖେଳାଳି ଘରେ ପହଞ୍ଚି ଯାଇଛନ୍ତି। ଜନି ବେୟାରଷ୍ଟୋ ଏବଂ ଜାସନ ରୟ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଅଧିକାଂଶ ମଙ୍ଗଳବାର ଦେଶ ଅଭିମୁଖେ ବାହାରି ଯାଇଛନ୍ତି। ଅଷ୍ଟ୍ରେଲୀୟ ଖେଳାଳିମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ଘରେ ପହଞ୍ଚି ପାରିବେ ସେଥିପାଇଁ ବିସିସିଆଇ ସହ ମିଶି ଆମେ କାର୍ଯ୍ୟ କରୁଛୁ। କାରଣ ମେ' ୧୫ ପୂର୍ବରୁ ଭାରତରୁ କେହି ଅଷ୍ଟ୍ରେଲିଆ ଯିବାକୁ ସେଠାକାର ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି।

ଆଇପିଏଲର ଅବଶିଷ୍ଟାଂଶ କେବେ ହେବ ଏ ପ୍ରଶ୍ନ ବର୍ତ୍ତମାନ ପଚାରିବା ପିଲାଳିଆମି। ସ୍ୱାସ୍ଥ୍ୟ ହିଁ ପ୍ରାଥମିକତା। ପ୍ରତିଯୋଗିତାର ଅବଶିଷ୍ଟାଂଶ ଆୟୋଜନ ପାଇଁ ବିସିସିଆଇ ଏକ ୱିଣ୍ଡୋ ବାହାର କରିବ ବୋଲି ମୁଁ ଆଶାବାଦୀ। ଏହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପରେ କିମ୍ବା ଟି୨୦ ବିଶ୍ୱକପ ପୂର୍ବରୁ ହୋଇପାରେ। ଲିଗ୍‌ର ଫ୍ରାଞ୍ଚାଇଜ୍ ଏବଂ ଅନ୍ୟ କ୍ରିକେଟ ବୋର୍ଡ ସହିତ ପରାମର୍ଶ ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ପ୍ରତିଯୋଗିତା ସମୟରେ ଆମେ ଖେଳ ଉପରେ ଫୋକସ କରୁଥିଲୁ। ଦେଶରେ ସ୍ଥିତି ଏବେ ଗମ୍ଭୀର ଥିବାରୁ ଯଥାସମ୍ଭବ ସମସ୍ତେ ଘରେ ସୁରକ୍ଷିତ ରହିବା ସହ ପ୍ରୋଟୋକଲ ଅନୁସାରେ ଟିକା ନେଇଯିବାକୁ ମୁଁ ନିବେଦନ କରୁଛି। କୋଭିଡ୍ ବିରୋଧରେ ଏହା ଆମର ମିଳିତ ଲଢ଼େଇ, ଆମେ ନିଶ୍ଚିତ ଏଥିରୁ ମୁକୁଳି ଆସିବା।

(ଗେମ୍ ପ୍ଲାନ)










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ୬ ଦିନରେ ୮୭ କରୋନା ପଜିଟିଭ ଚିହ୍ନଟ

**ଖୁଣ୍ଟୁଣୀ,(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ସ୍ୱାବ ପରୀକ୍ଷା କରାଯାଇଥିଲା। ସେଥିରୁ ୧୩ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବା ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଦିଲୀପ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୬ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରୁ ୮୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଡା. ଦାସ କହିଛନ୍ତି।

## ଲକ୍‌ଡାଉନ୍‌ର ପ୍ରଥମ ଦିନ



ବୁଧବାର କଟକ ବାଦାମବାଡ଼ି-ଲିଙ୍କରୋଡ୍ ଜନଶୂନ୍ୟ



ଗନ୍ତବ୍ୟସ୍ଥଳକୁ ଯିବା ପାଇଁ କଟକ ରେଳ ଷ୍ଟେଶନ ବାହାରେ ଅପେକ୍ଷାରତ ଯାତ୍ରୀମାନେ।



କଟକ ନୟାସଡ଼କ ଅଞ୍ଚଳରେ ଦୋକାନ ବଜାର ବନ୍ଦ।



ଓଏମ୍‌ପି ଛକରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।



କଟକ ଲିଙ୍କରୋଡ୍ ପାର୍ଶ୍ୱରେ ଘରୋଇ ବସ୍‌ଗୁଡ଼ିକୁ ରଖାଯାଇଛି।

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ

**କଟକ ଅଫିସ,୫।୫:** ବଜ୍ରପାତରେ ବୁଧବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କଟକ ଜିଲା ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳର ଟିଟୁଆ ସାମଲ ଓ ଜେମା ସିକ୍କା। ସେମାନେ ସନ୍ଧ୍ୟାରେ ନିକଟସ୍ଥ ତୋଟାକୁ ଆମ୍ବ ତୋଳିବାକୁ ଯାଇଥିଲେ। ସେଠାରେ ବଜ୍ରପାତ ହେବାରୁ ସେମାନେ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### କୋଭିଡ୍ ଆକ୍ରାନ୍ତଙ୍କୁ ଭେଟିଲା ରାପିଡ୍ ରେସପନ୍ସ ଟିମ୍

**ଖୁଣ୍ଟୁଣୀ,୫।୫(ଡି.ଏନ୍.ଏ.):** ଆଠଗଡ଼ ବ୍ଲକ ଅଧୀନ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ତଥା ସିଏଚ୍‌ସି ରାପିଡ୍ ରେସପନ୍ସ ଟିମ୍‌ର ମୁଖ୍ୟ ଡା. ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଖୁଣ୍ଟୁଣୀ, ଯୋରନ୍ଦା, ଗୁରୁଡ଼ିଝାଟିଆ, ଖଣ୍ଡୁଆଳି, ଓରନ୍ଦା, ହରିପୁର, ନିଧିପୁର ଗ୍ରାମ ଗସ୍ତ କରିଥିଲା। ସେଠାରେ ଗୃହ ସଙ୍ଗରୋଧରେ ଥିବା କୋଭିଡ୍ ଆକ୍ରାନ୍ତଙ୍କୁ ଟିମ୍‌ର ସଦସ୍ୟମାନେ ଭେଟିବା ସହ ଅମ୍ଳଜାନ ପରିମାଣ ମାପ କରି ମାଗଣା ଔଷଧ ବଣ୍ଟନ କରିଥିଲେ। ଏଥିସହ ମାସ୍କ ପରିଧାନ,ସାନିଟାଇଜର ବ୍ୟବହାର ନିମନ୍ତେ ସଚେତନ କରିଥିଲେ। ଏହି ଟିମ୍‌ରେ ଡା. ଦୀପକ କୁମାର ରାଜ, ସ୍ୱାସ୍ଥ୍ୟ ପରିଦର୍ଶକ ରମାକାନ୍ତ ସିହ୍ନା, ଷ୍ଟାଫନର୍ସ ପ୍ରିୟଦର୍ଶିନୀ ସାହୁ ଓ ଶୁଭେନ୍ଦୁ ସେନାପତି ସାମିଲ ହୋଇଥିଲେ।

### ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ କରିବାକୁ ଦାବି

**କଟକ ଅଫିସ, ୫।୫:** ପ୍ରଥମ ଡୋଜ୍ ଟିକା ନେଇଥିବା ବ୍ୟକ୍ତିଙ୍କୁ ଦ୍ୱିତୀୟ ଡୋଜ୍ ଦେବା ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନଙ୍କୁ ଟିକା ପ୍ରଦାନ କରିବାକୁ ଭାଜପା ଯୁବମୋର୍ଚ୍ଚା କଟକ ନଗର ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଦଳ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବୁଧବାର ଏକ ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, କଟକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରଥମ ଡୋଜ୍ ଟିକା ନେଇଥିବା ବ୍ୟକ୍ତିମାନେ ୪ରୁ ୫ ସପ୍ତାହ ମଧ୍ୟରେ ଦ୍ୱିତୀୟ ଡୋଜ୍ ଟିକା ନେବା ନିହାତି ଆବଶ୍ୟକ। ହେଲେ କଟକର କୌଣସି ଟିକା କେନ୍ଦ୍ରରେ ଦ୍ୱିତୀୟ ଡୋଜ୍ ଟିକାକରଣ ବ୍ୟବସ୍ଥା କରାଯାଇନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଭାଜପା ଯୁବମୋର୍ଚ୍ଚା କଟକ ନଗର ସଭାପତି ସତ୍ୟବ୍ରତ ମିଶ୍ରଙ୍କ ନେତୃତ୍ୱରେ ସିବେଶ ମିଶ୍ର, ସାରଦା ଷଡ଼ଙ୍ଗୀ, ସଦାନନ୍ଦ ବିଶ୍ୱାଳ, ପ୍ରଭାତ ବାରିକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ନିଆଁରେ ପୋଡ଼ି ମହିଳାଙ୍କୁ ହତ୍ୟା ଅଭିଯୋଗ

**କଟକ ଅଫିସ,୫।୫**

ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମଠସାହିରେ ବୁଧବାର ନିଆଁରେ ପୋଡି ହୋଇ ରୀନା ପ୍ରଧାନ ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇ ତଦନ୍ତ ଆରମ୍ଭ କରିଛି। ରୀନାଙ୍କୁ ଶାଶୁଘର ଲୋକେ ନିଆଁରେ ପୋଡି ମାରିଦେଇଥିବା ତାଙ୍କ ମା ସବିତା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଆଇପିସିର ଧାରା ୪୯୮(ଏ), ୩୦୪(ବି), ୩୦୨, ୩୪ ଅନୁଯାୟୀ ଏକ ମାମଲା (ନଂ.୯୮/୨୧) ରୁଜୁ କରିଛି। ଏଥିସହ ରୀନାଙ୍କ ସ୍ୱାମୀ ଓ ନଣନ୍ଦଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି । ଅଭିଯୋଗ ଅନୁଯାୟୀ, ରୀନାଙ୍କୁ ସ୍ୱାମୀ, ନଣନ୍ଦ ଓ ଶାଶୁଘର ଲୋକେ ୩ ବର୍ଷ ହେବ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ରୀନାଙ୍କୁ ଏକ ଘରେ ଭର୍ତ୍ତି କରି ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀର ଜଳିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏପରି କି ଘରର ଆସବାବପତ୍ର ପୋଡି ଯାଇଥିବା ଦେଖିବାକୁ ମିଳିଥିଲା।

# ୧୩ ଦିନରେ ଗଲାଣି ୫୫୯୮.୬୯୨ ଟନ୍ ଅକ୍ସିଜେନ

**କଟକ ଅଫିସ, ୫।୫**

କରୋନା ସଂକ୍ରମଣ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବ ଦେଖାଦେଇଛି। ଏଭଳି ସ୍ଥିତିରେ ସାରା ଦେଶକୁ ମେଡିକାଲ ଅକ୍ସିଜେନ୍ ଯୋଗାଇଛି ଓଡ଼ିଶା। ଗତ ୧୩ ଦିନ ମଧ୍ୟରେ ଅନୁଗୋଳ, ରାଉରକେଲା, ଢେଙ୍କାନାଳ ଏବଂ ଯାଜପୁର ଜିଲାରୁ ୩୦୬ଟି ଟ୍ୟାଙ୍କରରେ ୫୫୯୮.୬୯୨ ଟନ୍‌ରୁ ଅଧିକ ଅକ୍ସିଜେନ୍ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଆନ୍ଧ୍ରପ୍ରଦେଶକୁ ୯୦ଟି ଟ୍ୟାଙ୍କରରେ ୧୮୪୭.୬୬ ଟନ୍, ତେଲଙ୍ଗାନାକୁ ୮୭ଟି ଟ୍ୟାଙ୍କରରେ ୧୪୪୬.୫୧୯ ଟନ୍, ତାମିଲନାଡୁକୁ ୭ ଟ୍ୟାଙ୍କରରେ ୧୩୬.୪୨ ଟନ୍, ହରିୟାଣାକୁ ୩୭ ଟ୍ୟାଙ୍କରରେ ୭୦୨.୦୨୨ ଟନ୍, ମହାରାଷ୍ଟ୍ରକୁ ୧୪ ଟ୍ୟାଙ୍କରରେ ୨୩୪.୩୬ ଟନ୍, ଛତିଶଗଡ଼କୁ ୧୪ ଟ୍ୟାଙ୍କରରେ ୨୧୪.୩୯୧ ଟନ୍, ଉତ୍ତରପ୍ରଦେଶକୁ ୨୫ ଟ୍ୟାଙ୍କରରେ ୪୫୪.୭୩ ଟନ୍, ମଧ୍ୟପ୍ରଦେଶକୁ ୨୯ ଟ୍ୟାଙ୍କରରେ ୫୦୦.୧୭ ଟନ୍, ଦିଲ୍ଲୀକୁ ୨ଟି ଟ୍ୟାଙ୍କରରେ ୩୩ ଟନ୍, ପଞ୍ଜାବକୁ ଗୋଟିଏ ଟ୍ୟାଙ୍କରରେ ୨୯.୩୨ ଟନ୍ ଅକ୍ସିଜେନ ପଠାଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବୁଧବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ମନୋଜ ଦାସ ଥିଲେ ଭାରତୀୟ ସାହିତ୍ୟର ଆଦର୍ଶ

**କଟକ ଅଫିସ, ୫।୫**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୱେବିନାର ମାଧ୍ୟମରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସ ରାଓ ଯୋଗଦେଇ କହିଥିଲେ, ଏକାଡେମୀର ସଦସ୍ୟ ଭାବେ ପ୍ରଖ୍ୟାତ ସାଧକ ମନୋଜ ଦାସଙ୍କ ଦୀର୍ଘଦିନର ସମ୍ପର୍କ ଏକାଡେମୀକୁ ପ୍ରେରଣା ଦେଇ ଆସୁଥିଲା। ସେହିପରି ଗବେଷକ ପି. ରାଜା ଯୋଗଦେଇ କହିଥିଲେ, ମନୋଜ ଦାସ ଭାରତୀୟ ସାହିତ୍ୟର ଆଦର୍ଶ ଥିଲେ। ଲେଖିକା ସଂଯୁକ୍ତା ଦାଶଗୁପ୍ତା କହିଥିଲେ, ମନୋଜଙ୍କ ଚେତନା ସମଗ୍ର ଭାରତୀୟ ସାହିତ୍ୟକୁ ଆଚ୍ଛାଦିତ କରିଛି। ଇଂଲିଶ ସାହିତ୍ୟକୁ ତାଙ୍କ ଅବଦାନ ଅନନ୍ୟ ବୋଲି ଦାଶଗୁପ୍ତା କହିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂ ଯୋଗଦେଇ ମନୋଜଙ୍କ ମହନୀୟ ସାହିତ୍ୟ ସାଧନା ସବୁପିଢିର ଲେଖକଙ୍କୁ ଉତ୍ସାହିତ କରୁଥିଲା ବୋଲି କହିଥିଲେ। ଅମରେଶ ପଟ୍ଟନାୟକ, ଗୌରହରି ଦାସ, ପ୍ରତିଭା ଶତପଥୀ, ତରୁଣକାନ୍ତି ମିଶ୍ର, ଫନୀ ମହାନ୍ତି, ମମତା ଦାଶ ଓ ମଣିନ୍ଦ୍ର କୁମାର ମେହେର ପ୍ରମୁଖ ମନୋଜଙ୍କ ଜୀବନ ଓ ସାଧନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏକାଡେମୀର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କଟକ ବାଦାମବାଡ଼ି ମୁଖ୍ୟ ରାସ୍ତାରେ ଖାଦ୍ୟ ଅନ୍ୱେଷଣରେ ପାରାମାନେ।

# ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର, ଟ୍ରାଇ ସାଇକେଲ ବଣ୍ଟନ

**ଫୁଲନଖରା,୫।୫(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତ ଅନ୍ତର୍ଗତ ଅରଡିଆପଦାଠାରେ ସାମାଜିକ ସଙ୍ଗଠନ ଜୀବେ ଦୟା ଓ ଭାଷା ଅନୁଷ୍ଠାନ ପକ୍ଷରୁ ୨୫ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର, ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି। ଖବରଦାତା ଲଳିତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ଗୋଲକ ଚନ୍ଦ୍ର ପାତ୍ର, ରଶ୍ମିପ୍ରିୟା ରଥ, ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଶଶିଭୂଷଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସାଇକେଲ ଓ ହୁଇଲ ଚେୟାର ପ୍ରଦାନ କରିଥିଲେ। ଅଶୋକ ରଥ ଧନ୍ୟବାଦ ଦେଇଥିଲେ।

# ଆଜି ଟିକା ନେବେ ବୀମାଭୁକ୍ତ କାର୍ଯ୍ୟରତ ଖବରଦାତା

**କଟକ ଅଫିସ, ୫।୫**

କରୋନା ମହାମାରୀ ସମୟରେ ଖବରଦାତାମାନେ ନିରବଚ୍ଛିନ୍ନ ଭାବେ ଖବର ପ୍ରସାରଣ କରି ଲୋକଙ୍କୁ ସଚେତନ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରଦାତାମାନଙ୍କୁ ଆଗଧାଡିର କରୋନା ଯୋଦ୍ଧା ମାନ୍ୟତା ପ୍ରଦାନ ସହ ଟିକାକରଣ ପାଇଁ ଘୋଷଣା କରିଥିଲେ। ଏହି କ୍ରମରେ ଗୋପବନ୍ଧୁ ଖବରଦାତା ସ୍ୱାସ୍ଥ୍ୟବୀମା ଯୋଜନା ଜରିଆରେ କଟକ ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟରତ ଖବରଦାତାମାନଙ୍କୁ ଗୁରୁବାର ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଟିକା ପ୍ରଦାନ କରାଯିବ। ଏହି ଟିକା ପ୍ରଦାନ କାର୍ଯ୍ୟକ୍ରମ ସକାଳ ୯ଟାରୁ ଅପରାହ୍ଣ ୧ଟା ଏବଂ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଟିକା ନେବା ପାଇଁ କାର୍ଯ୍ୟରତ ଖବରଦାତାମାନେ ନିଜର ସ୍ୱାସ୍ଥ୍ୟବୀମା କାର୍ଡ ଓ ଆଧାର କାର୍ଡ ସାଙ୍ଗରେ ଆଣି ଆସିବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ବୁଧବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ଆଳୁ, ପିଆଜ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାରୋକୋ

**ବଡ଼ମ୍ବା,୫।୫(ଡି.ଏନ୍.ଏ. )**

ସାରା ରାଜ୍ୟରେ ବୁଧବାରଠାରୁ ଲକ୍‌ଡାଉନ୍ ଆରମ୍ଭ ହୋଇଛି। ଏହାର ଫାଇଦା ନେଇ କେତେଜଣ ବ୍ୟବସାୟୀ ବଡ଼ମ୍ବା ନାରାୟଣଚନ୍ଦ୍ର ହାଟରେ ଆଳୁ ଓ ପିଆଜ ଦର ବୃଦ୍ଧି କରିଥିଲେ। ଏହାକୁ ନେଇ ଗ୍ରାହକ ଓ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରିବା ସହ କଟକ-ନରସିଂପୁର ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ରାସ୍ତାରୋକୋ ହଟିଥିଲା।

# ଟିକା ମିଳୁନି: ଫେରୁଛନ୍ତି ବରିଷ୍ଠ ନାଗରିକ

**ନିଶ୍ଚିନ୍ତକୋଇଲି,୫।୫(ସ୍ୱ.ପ୍ର.)**

**ନିଶ୍ଚିନ୍ତକୋଇଲିରେ ୧୪୪ ପଜିଟିଭ, ୨ ମୃତ**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କରୋନା ପଜିଟିଭ୍ ସଂଖ୍ୟା ୧୪୪କୁ ବୃଦ୍ଧି ପାଇଛି। ଏଥିସହ ୨ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ସଂକ୍ରମଣ ବଢୁଥିବା ବେଳେ ୫ଦିନ ହେବ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ମିଳୁ ନ ଥିବାରୁ ବହୁ ବରିଷ୍ଠ ନାଗରିକ ନିରାଶ ହୋଇ ଫେରୁଛନ୍ତି। ୧୮ରୁ ୪୪ ବର୍ଷ ବୟସ୍କ ବ୍ୟକ୍ତିମାନେ ଅନ୍‌ଲାଇନରେ ପଞ୍ଜୀକରଣ କରି ମଧ୍ୟ ଟିକା ନ ଥିବାରୁ ହତାଶ ହୋଇ ପଡିଛନ୍ତି। ଟିକା ନେଇଥିବା ବରିଷ୍ଠ ନାଗରିକମାନେ ମଧ୍ୟ ଦ୍ୱିତୀୟ ଡୋଜ୍ ଟିକା ନ ନେଲେ ପ୍ରଥମ ଡୋଜର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ୫୮ଜଣଙ୍କ ଆଣ୍ଟିଜେନ୍, ୨୯ ଜଣଙ୍କ ଆର୍‌ଟି-ପିସିଆର ପରୀକ୍ଷା କରାଯାଇଥିଲା। ସେଥିରୁ ୫ ଜଣଙ୍କର କରୋନା ପଜିଟିଭ ବାହାରିଥିବା ପ୍ରଶାସନିକ ସୂତ୍ରରୁ ପ୍ରକାଶ। ଫଳରେ ବ୍ଲକ ଅଞ୍ଚଳରେ ପଜିଟିଭ ସଂଖ୍ୟା ୧୪୪କୁ ବୃଦ୍ଧି ପାଇଛି। ବ୍ଲକରେ କରୋନାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବିଡିଓ କର୍ଣ୍ଣଦେବ ସମାଦ୍ଦାରଙ୍କ ସୂତ୍ରରୁ ପ୍ରକାଶ। ଅପରପକ୍ଷରେ ଶୁକରପଡା ପଞ୍ଚାୟତ ବନମାଳୀପୁର ଗାଁର ଜନୈକା ମହିଳାଙ୍କ କଟକ ବଡ ଡାକ୍ତରଖାନାରେ ମଙ୍ଗଳବାର ରାତିରେ ପରଲୋକ ହୋଇଛି। ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର ନ କରିବାରୁ ସାଧାରଣରେ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅମିତ ଜେନା କୁହନ୍ତି, ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯାଇଛି। ଟିକା ଆସିଲେ ଆଶାୟୀମାନଙ୍କୁ ତୁରନ୍ତ ଦିଆଯିବ।

# କରୋନା ସଚେତନତା କାର୍ଯ୍ୟକ୍ରମ

**ଫୁଲନଖରା,୫।୫(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଖଣ୍ଡେଏତା ପଞ୍ଚାୟତର ବିଭିନ୍ନ ଗ୍ରାମରେ ସାମାଜିକ ସଙ୍ଗଠନ ଉତ୍କଳ ବିକାଶ ପରିଷଦ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡେଏତା, ଶଙ୍ଖତ୍ରାସ, ଅରଡ଼, ଧାମଘରପଡା, ନାଗବାଲି, ଆଦି ଗ୍ରାମରେ ଲୋକମାନେ କିପରି କରୋନା ସଂକ୍ରମଣଠାରୁ ଦୂରେଇ ରହିବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ଗ୍ରାମରେ ଥିବା ଘରଗୁଡିକୁ ବିଶୋଧନ କରାଯାଇଥିଲା। ସଙ୍ଗଠନର କର୍ମକର୍ତ୍ତା ଅଶୋକ ସାହୁ, ରସାନନ୍ଦ ବେହେରା, ଗଗନ ମୂଳିଆ, ନିକୁଞ୍ଜ କିଶୋର ସାମନ୍ତରାୟ, ଅକ୍ଷୟ ରାଉତରାୟ, ଦେବାଶିଷ ପରିଡା, ଦିଲୀପ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା।

# ଜିଲା ପ୍ରଶାସନର ପ୍ରକଳ୍ପ ନିର୍ମାଣକୁ ବିରୋଧ

**କଟକ ଅଫିସ, ୫।୫**

କଟକ ଓଏମ୍‌ପି ଷଷ୍ଠ ବାଟାଲିୟନ ନିକଟରେ ଜିଲା ପ୍ରଶାସନ ପକ୍ଷରୁ ନିର୍ମାଣ ହେଉଥିବା ପ୍ରକଳ୍ପକୁ ଆଇନଜୀବୀ ତଥା ସ୍ଥାନୀୟ ବାସିନ୍ଦା ପ୍ରମୋଦ କୁମାର ସାହୁ ବିରୋଧ କରିଛନ୍ତି। ଚାଉଳିଆଗଞ୍ଜସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରମୋଦ କହିଛନ୍ତି, ଜିଲା ପ୍ରଶାସନର ବସ୍ତି ଥଇଥାନକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା। ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଜୁନ୍ ୨୨ ତାରିଖକୁ ଦିନ ଧାର୍ଯ୍ୟ ହୋଇଛି। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଏକ ଅନ୍ତରୀଣ ନିର୍ଦ୍ଦେଶରେ କହିଛନ୍ତି, ଷଷ୍ଠ ବାଟାଲିୟନ ଭିତରେ ଯେକୌଣସି ନିର୍ମାଣର ଭବିଷ୍ୟତ ଅଦାଲତଙ୍କ ରାୟ ଉପରେ ନିର୍ଭର କରିବ। ଜିଲା ପ୍ରଶାସନ ଦ୍ୱାରା ହେଉଥିବା ପ୍ରକଳ୍ପର ସ୍ଥଗିତ ପାଇଁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିନାହାନ୍ତି। ଏହାର ସୁଯୋଗ ନେଇ ପ୍ରଶାସନ ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛି। ଯଦି ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରଶାସନ ବିରୋଧରେ ଯାଏ ତେବେ ପ୍ରଶାସନ ଖର୍ଚ୍ଚ କରୁଥିବା ଅର୍ଥ ପାଇଁ କିଏ ଦାୟୀ ରହିବ। ପ୍ରକଳ୍ପ ନିର୍ମାଣ ପାଇଁ ଖର୍ଚ୍ଚ କରାଯାଉଥିବା ଅର୍ଥ ସରକାରଙ୍କର ନୁହେଁ ବରଂ ଜନତାଙ୍କର। ଏଣୁ ପ୍ରଶାସନ ଜନତାଙ୍କର ଅର୍ଥକୁ ଏପ୍ରକାର ଖର୍ଚ୍ଚ କରିବା ପରିବର୍ତ୍ତେ ହାଇକୋର୍ଟଙ୍କ ସମ୍ପୂର୍ଣ୍ଣ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ।

ସୂଚନାଥାଉ କି, ଜିଲା ପ୍ରଶାସନ ପକ୍ଷରୁ ଷଷ୍ଠ ବାଟାଲିୟନଠାରେ ଘର ତିଆରି କରାଯାଇ ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ବ୍ୟବସ୍ଥା କରାଯାଉଛି । ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ପ୍ରମୋଦ ଏ ନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କିନ୍ତୁ ଜିଲାପାଳ ଏଦିଗରେ କୌଣସି ପଦକ୍ଷେପ ନ ନେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳଙ୍କୁ ଆଉଏକ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ହାଇକୋର୍ଟ ପୁନର୍ବାର ପ୍ରମୋଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପ୍ରମୋଦ ଆଉଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ମାତ୍ର ଜିଲାପାଳ ଏହା ପରେ କୌଣସି ନିଷ୍ପତ୍ତି ନ ନେବାରୁ ପ୍ରମୋଦ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜିଲା ପ୍ରଶାସନ ଏ ସମ୍ପର୍କିତ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**ବଜ୍ରପାତରେ ୨ ମୃତ**

**କଟକ ଅଫିସ:** ବଜ୍ରପାତରେ ବୁଧବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କଟକ ଜିଲା ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ଅଞ୍ଚଳର ଟିଟୁଆ ସାମଲ ଓ ଜେମା ସିକ୍କା। ସେମାନେ ସନ୍ଧ୍ୟାରେ ନିକଟସ୍ଥ ତୋଟାକୁ ଆମ୍ବ ତୋଳିବାକୁ ଯାଇଥିଲେ। ସେଠାରେ ବଜ୍ରପାତ ହେବାରୁ ସେମାନେ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

# ୨୪ ଘଣ୍ଟାରେ ୨୩୭ ସଂକ୍ରମିତ ଚିହ୍ନଟ

## ବୋଲ ମାନୁନି କରୋନା



**ଖୋର୍ଦ୍ଧା ଅଫିସ, ୫।୫**

ବୋଲ ମାନୁନି କରୋନା। ବଢ଼ିଚାଲିଛି ସଂକ୍ରମଣ। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ହାର ଏବେ ୨ଶହ ଟପିଲାଣି। ଜିଲା ପ୍ରଶାସନ ରିପୋର୍ଟ ଅନୁସାରେ ବୁଧବାର ସୁଦ୍ଧା ୩୧୫୮୫୫ ନମୁନା ସଂଗ୍ରହ ହୋଇଥିବାବେଳେକ ୧୫୪୯୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୪୫୦୫ ସୁସ୍ଥ ହୋଇ ଫେରିଛନ୍ତି। କୋଭିଡ୍‌ରେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ୯୩୫ ସକ୍ରିୟ ସଂକ୍ରମିତ ରହିଛନ୍ତି। ବୁଧବାର ସୁଦ୍ଧା ଗତ ୨୪ ଘଣ୍ଟାରେ ୨୩୭ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୨୯ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକ ୨୦, ବାଲିଅନ୍ତାରୁ ୨୬, ବାଲିପାଟଣା ୮, ଜଟଣୀରୁ ୩୫, ଖୋର୍ଦ୍ଧାରୁ ୩୫, ବେଗୁନିଆରୁ ୯, ବୋଲଗଡରୁ ୨୩, ଟାଙ୍ଗୀରୁ ୧୫, ବାଣପୁରରୁ ୨୭ ଏବଂ ଚିଲିକାରୁ ୩୯ ଜଣ ରହିଛନ୍ତି।

ବର୍ତ୍ତମାନ ସୁଦ୍ଧା ଆଗଧାଡ଼ିର ଯୋଦ୍ଧା ୭୮୪୫ ପ୍ରଥମ ଏବଂ ୭୮୧୯ ଦ୍ୱିତୀୟ ଡୋଜ୍ ନେଇଥିବାବେଳେ ସ୍ୱାସ୍ଥ୍ୟକର୍ମୀ ୭୯୮୬ ପ୍ରଥମ ଓ ୬୮୬୭ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ସେହିପରି ୪୫ବର୍ଷରୁ ଉର୍ଦ୍ଧ୍ୱ ୪୯୦୭୫ ପ୍ରଥମ ଓ ୧୬୭୨ ଦ୍ୱିତୀୟ ଏବଂ ୬୦ବର୍ଷରୁ ଉର୍ଦ୍ଧ୍ୱ ୬୧୦୮୦ ପ୍ରଥମ ଓ ୧୦୫୬୮ ଦ୍ୱିତୀୟ ଡୋଜ ଟିକା ନେଇସାରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖୋର୍ଦ୍ଧା ଉପଖଣ୍ଡରେ ବୁଧବାର ୭୪୦ ନମୁନା ପରୀକ୍ଷା ହୋଇଥିବା ବେଳେ ୧୩୨ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୫୩ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧା ଉପଖଣ୍ଡରେ ବର୍ତ୍ତମାନ ସୁଦ୍ଧା ୨,୦୭,୯୯୩ ନମୁନା ପରୀକ୍ଷା ହୋଇଥିବା ବେଳେ ୯୬୦୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୯୦୯୫ ସୁସ୍ଥ ହୋଇଛନ୍ତି। କୋଭିଡ୍‌ରେ ୪୧ଜଣଙ୍କ ମୃତ୍ୟୁ ଘଟିଛି। ୫୧୫ ସକ୍ରିୟ ଆକ୍ରାନ୍ତଙ୍କ ମଧ୍ୟରୁ ୪୭୫ ଘରୋଇ ସଙ୍ଗରୋଧ ଏବଂ ୪୦ଜଣ କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ସୁସ୍ଥ ହାର ୯୪.୭୮ ପ୍ରତିଶତ ରହିଥିବା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି।

## ଦୋକାନରେ ଭିଡ଼ ଜମାନ୍ତୁ ନାହିଁ

ପ୍ରଶାସନର ବାରମ୍ବାର ତାଗିଦ୍ ସତ୍ତ୍ୱେ ଅମାନିଆ ମାନୁନାହାନ୍ତି। ବୁଧବାର ଲକ୍‌ଡାଉନର ପ୍ରଥମ ଦିନରେ ମାଛ, ମାଂସ ଦୋକାନ ସମେତ ପରିବା ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଜିଲାପାଳ ସନତ ମହାନ୍ତି କହିଛନ୍ତି, ଲକ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବାକୁ ୬ଘଣ୍ଟା ଅନୁମତି ରହିଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରହିଛି। ପରିବା ଦୋକାନ ହେଉ କି ଗ୍ରୋସେରି ଦୋକାନରେ ଅଯଥା ଭିଡ ଜମାନ୍ତୁ ନାହିଁ। ବିନା କାରଣରେ ବଜାରରେ ବୁଲନ୍ତୁ ନାହିଁ। ସାଧାରଣ ଜ୍ୱର, ଥଣ୍ଡା କାଶ ହେଲେ ମେଡିକାଲକୁ ନ ଆସି ଜାରି କରାଯାଇଥିବା ଟେଲିସେବା ଏବଂ କୋଭିଡ ହେଲପ୍ ଲାଇନ ନମ୍ବରରେ ଯୋଗାଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଲୁନା ଚାଳକଙ୍କ ମୃତ୍ୟୁ

**ନିରାକାରପୁର,୫।୫(ଡି.ଏନ୍.ଏ.):** ଜଙ୍କିଆ ଥାନା ଅନ୍ତର୍ଗତ ଗୋଡିପଡା ଛକ ନିକଟରେ ବୁଧବାର ଏକ ମାଲବାହୀ ଟ୍ରକ୍ ଧକ୍କାରେ ଜଣେ ଲୁନା ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନା ହାଟବରଡି କାଳିଜାଇ ସାହିର ଜିତୁ ବେହେରା। ଜିତୁ ନିଜ ଲୁନା ଗାଡି (ନଂ.ଓଡି-୨୫ଇ ୬୮୨୫) ନେଇ ସକାଳୁ ଖୋର୍ଦ୍ଧାରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଗୋଡିପଡା ଛକ ନିକଟରେ ଓଡି-୧୬-ସି-୪୨୯୦ ନଂ. ବିଶିଷ୍ଟ ଟ୍ରକ୍‌ଟି ପଛପଟୁ ଧକ୍କା ଦେଇଥିଲା। ଜିତୁ ଗାଡ଼ିରୁ ଜୋରରେ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଜଙ୍କିଆ ପୋଲିସ ପହଞ୍ଚି ଜିତୁଙ୍କ ମୃତହେଦକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଥାନାକୁ ନେଇଛି। ଅନ୍ୟପଟେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ପୋଲିସ ନଂ.୯୦/୨୧ରେ ମାମଲା ରୁଜୁ କରିଛି।

### ତାଗିଦ୍ କରି ଛାଡ଼ିଲା ଏନ୍‌ଫୋର୍ସମେଣ୍ଟ ଟିମ୍

**ଖୋର୍ଦ୍ଧା ଅଫିସ,୫।୫:** କରୋନା ଚେନକୁ ବ୍ରେକ ଦେବା ଲାଗି ବୁଧବାରଠାରୁ ଲକଡାଉନ ଆରମ୍ଭ ହୋଇଛି। ଖୋର୍ଦ୍ଧା ସହରରେ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ସମସ୍ତ ଦୋକାନରେ ତାଲା ଝୁଲୁଛି। ସେବାଭୁକ୍ତ କର୍ମଚାରୀଙ୍କୁ ବାଦ୍ ଦେଲେ ଯାତାୟାତ ପ୍ରାୟ ବନ୍ଦ ରହିଛି। ସହରରେ ପୋଲିସ ପକ୍ଷରୁ ଚଣ୍ଡିଚୁଆ ଛକ, ମୁକୁନ୍ଦପ୍ରସାଦ ଏବଂ ନୂଆବସ୍‌ଷ୍ଟାଣ୍ଡଠାରେ ବ୍ଲକିଂ ଓ ଚେକିଂ ଜାରି ରଖିଛି। ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି, ବିନା କାରଣରେ ବୁଲୁଥିବା ବେଳେ ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚେକିଂକୁ ଜୋରଦାର କରାଯାଇଛି। ସେହିପରି ଗ୍ରସେରି ଓ ପରିବା ହାଟରେ ଭିଡ ଜମାଇଥିବା ଏବଂ ବିଭିନ୍ନ ଛକରେ ଗହଳି କରିଥିବା ଲୋକଙ୍କୁ ପୋଲିସ ସମେତ ପୌରପ୍ରଶାସନର ଏନ୍‌ଫୋର୍ସମେଣ୍ଟ ଟିମ୍ ତାଗିଦ୍ କରି ଛାଡ଼ି ଦେଇଥିଲେ। ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି, ଲକଡାଉନ ସମୟରେ ସଉଦା କିଣିବା ବାହନା ଦେଖାଇ ହାତରେ ପରିବା ବ୍ୟାଗ ଧରି, ଛକ ସ୍ଥାନରେ ଖଟି କରିବା ଚଳିବ ନାହିଁ। ଏଥିପ୍ରତି ଲୋକେ ସଚେତନ ହେବା ଜରୁରୀ।

### ଲକ୍‌ଡାଉନ ମାନୁନାହାନ୍ତି ଅମାନିଆ

**ନିରାକାରପୁର,୫।୫(ଡି.ଏନ୍.ଏ.):** କରୋନା ସଂକ୍ରମଣ ଦ୍ୱିତୀୟ ଲହରକୁ ରୋକିବାକୁ ବୁଧବାର ଠାରୁ ୧୯ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। ହେଲେ ନିରାକାରପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ପୋଲିସ କଡ଼ା ଚେକିଂ କରୁଛନ୍ତି। ଏହାଭିତ୍ରେ କେତେଜଣ ଅମାନିଆ ଲକଡାଉନ ନିୟମକୁ ଖାତିର ନ କରି ବେପରୁଆ ଭାବେ ଗାଡି ନେଇ ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳିଛି।

### ନିୟମ ମାନି ଘରେ ରହିଲେ ଲୋକେ

**କୃଷ୍ଣପ୍ରସାଦ,୫।୫(ଡି.ଏନ.ଏ):** କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ବୁଧବାରଠାରୁ ଆରମ୍ଭ କରିଛନ୍ତି ୧୪ଦିନିଆ ଲକଡାଉନ। ଏହାର ପ୍ରଥମ ଦିବସରେ ଏହି ଲକଡାଉନକୁ କାର୍ଯ୍ୟକାରୀ କରିବା ପାଇଁ ବିଡିଓ ଅଭିମନ୍ୟୁ ମାଝୀ, ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଦିଲୀପ କୁମାର ସ୍ୱାଇଁ,ଏସ୍‌ଆଇ ନାରାୟଣ ପ୍ରଧାନ,ଏଏସଆଇ କ୍ଷେମେନ୍ଦ୍ର ଷଡଙ୍ଗୀ ମିଳିତ ଭାବେ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଛକ ବଜାରରେ ପଇଁତରା ମାରିଥିଲେ। ଅନୁମତି ଦେଇ କିଛି ବିବାହ କାର୍ଯ୍ୟକୁ କଡ଼ା ନଜର ରଖିଥିଲେ। ଲୋକମାନେ ମଧ ଲକଡାଉନକୁ ମାନି ଘରେ ରହିଥିବାର ଦେଖିବାକୁ ମିଳିଛି। ବଜାର ଘାଟ ବିଭିନ୍ନ ଛକ ଲୋକ ଶୂନ୍ୟ ହୋଇ ଖାଁ ଖାଁ ହୋଇପଡିଛି। ଔଷଧ ଦୋକାନ, ରାଶନ ଦୋକାନ, ପରିବା ଦୋକାନ ଖୋଲା ରହିଥିବା ବେଳେ ବାକି ସମସ୍ତ ଦୋକାନ ବନ୍ଦ ଥିଲା। କିନ୍ତୁ ଲକଡାଉନର ଫାଇଦା ନେଇ କେତେକ ପରିବା ଦୋକାନରୁ ଆଳୁ ପିଆଜ ଉଭାନ ହୋଇଥିବା ବେଳେ କେତେଜଣ ବ୍ୟବସାୟୀ ୧୦ଟଙ୍କା ବେଆଇନ ଭାବେ ବଢ଼ାଇ ଆଳୁ ପିଆଜ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଦରକୁ ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଦରବୃଦ୍ଧି କରୁଥିବା ବେପାରୀଙ୍କ ପ୍ରତି ପ୍ରଶାସନ ପକ୍ଷରୁ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଅନ୍ୟପଟେ ଲକଡାଉନ ଯୋଗୁ କାମଧନ୍ଦା ହରାଇଥିବା ସମସ୍ତ ଶ୍ରମିକଙ୍କୁ ଚିହ୍ନଟ କରି ତାଙ୍କ ପରିବାରକୁ ୧୪ଦିନ ପାଇଁ ଖାଦ୍ୟ ଯୋଗାଇଦେବା ପାଇଁ ଦାବି ହେଉଛି।

## ଅସହାୟଙ୍କୁ ସହାୟ ହେଲେ ବାଲୁଗାଁ ଏସ୍‌ଡିପିଓ

**ବାଲୁଗାଁ,୫।୫(ଡି.ଏନ୍.ଏ.)**



ଜଣେ ବୃଦ୍ଧାଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି ପୋଲିସ।

ଲକ୍‌ଡାଉନ ହେଲେ ଅନେକ ବାସହୀନ, ଭିକାରି ଏବଂ ଅସହାୟ ଖାଇବାକୁ ନ ପାଇ ଭୋକରେ ଆଉଟୁପାଉଟୁ ହେଉଥିବା ଦେଖାଯାଉଛି। ଏଭଳି ଦୁର୍ଦ୍ଦିନ ସମୟରେ ଅସହାୟଙ୍କୁ ସହାୟତା ନିମନ୍ତେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଅଣ୍ଟା ଭିଡ଼ିଛନ୍ତି। ବୁଧବାର ସକାଳୁ ଏସଡିପିଓଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ, ବାଣପୁର ଓ ନାରୁଣୀରେ ପୋଲିସ ପରିଭ୍ରମଣ କରି ରାସ୍ତାରେ ବୁଲୁଥିବା ୨୨ଜଣ ଅସହାୟଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିଛନ୍ତି। ସେମାନଙ୍କୁ ଚିହ୍ନଟ କରି ଦିନକୁ ୨ଥର ରନ୍ଧାଖାଦ୍ୟ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ଏହି ଖବର ପ୍ରଘଟ ହେବାରେ ବାଣପୁର ଥାନା ଅଧୀନ କୁମାରାଙ୍ଗ ଗ୍ରାମର ଜଣେ ବିଧବା ମହିଳା ୩ ଛୁଆ ସହ ଅସହାୟରେ ଥିବା ଫୋନ ଯୋଗେ ଏସଡିପିଓଙ୍କୁ ସୂଚନା ମିଳିଥିଲା। ସେ ବାଣପୁର ଆଇଆଇସିଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ଆଇଆଇସି ସଞ୍ଜୟ ପଟ୍ଟନାୟକ ଉକ୍ତ ଗ୍ରାମରେ ପହଞ୍ଚି ଅସହାୟ ମହିଳା ଓ ୩ଛୁଆଙ୍କୁ ରନ୍ଧାଖାଦ୍ୟ ଦେଇଥିଲେ। ଏଥିସହ ସରପଞ୍ଚଙ୍କ ସହାୟତାରେ ଉକ୍ତ ପରିବାରକୁ ୨୫କିଲୋ ଚାଉଳ ଓ ଡାଲିର ବ୍ୟବସ୍ଥା କରାଯାଇଥିଲା। ସେହିପରି ବାଲୁଗାଁ ଥାନା ଅଧୀନ ସୁବୁଦ୍ଧିପାଟଣା ଛକ ରାଜପଥ ପାର୍ଶ୍ୱରେ ଜଣେ ମାନସିକ ବିକୃତ ମହିଳା ଭୋକରେ ଥିବା ଏସଡିପିଓଙ୍କଠାରୁ ଖବର ପାଇ ଆଇଆଇସି ରମାକାନ୍ତ ମହାଲିକ ପହଞ୍ଚି ତାଙ୍କୁ ଖାଦ୍ୟ ଏବଂ ପାନୀୟ ଜଳର ବ୍ୟବସ୍ଥା କରିଥିଲେ। ଏଥିସହ ବାଲୁଗାଁ ପୋଲିସ ଉପଖଣ୍ଡ ଅଧୀନ ସମସ୍ତ ସରପଞ୍ଚଙ୍କୁ ଏ ନେଇ ଏକ ବୈଠକ କରି ସେମାନଙ୍କ ଅଞ୍ଚଳରେ ଏହିପରି ଦୁଃଖୀଜନ ଦୃଷ୍ଟିଗୋଚର ହେଲେ ତୁରନ୍ତ ଜଣାଇବା ପାଇଁ ଏସଡିପିଓ ବାରିକ ନିବେଦନ କରିଛନ୍ତି।



ପିଇବା ପାଣି ନ ମିଳିବା ଦାବିରେ ମହିଳାମାନେ ପମ୍ପ୍ ହାଉସ୍‌କୁ ତାଲା ପକାଇ ଧାରଣା ଦେଇଛନ୍ତି।

## ପାଣି ପାଇଁ ପମ୍ପ ହାଉସରେ ତାଲା ପକାଇଲେ ମହିଳା

**ବୋଲଗଡ଼,୫।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅସରଳାଦଳ ପଞ୍ଚାୟତର ନନ୍ଦ ସାହି ଓ ବ୍ରାହ୍ମଣ ସାହିରେ ଦୀର୍ଘଦିନ ହେବ ପାଣି ସମସ୍ୟା ଦେଖାଦେଇଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ନ ଶୁଣିବାରୁ ବୁଧବାର ଉଭୟ ଗ୍ରାମର କେତେଜଣ ମହିଳା ଗ୍ରାମରେ ଥିବା ପମ୍ପ ହାଉସରେ ତାଲା ପକାଇବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଖବରପାଇ ବୋଲଗଡ଼ ବ୍ଲକ ଜଳଯୋଗାଣ ବିଭାଗୀୟ ଯନ୍ତ୍ରୀ ଏବଂ ବାଙ୍କୋଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ସହ ଟ୍ୟାଙ୍କର ସାହାଯ୍ୟରେ ପାଣି ଯୋଗାଇ ଦେବାର ପ୍ରତିଶ୍ରୁତି ଦେବାପରେ ତାଲା ଖୋଲିଥିଲେ। ପ୍ରତିବର୍ଷ ଏହି ଅଞ୍ଚଳରେ ଗ୍ରୀଷ୍ମଋତୁରେ ପିଇବା ପାଣି ସମସ୍ୟା ଦେଖାଦେଉଛି। ପ୍ରବଳ ଖରା ହେବା କାରଣରୁ କୂଅ, ପୋଖରୀ, ନଦୀ, ନଳକୂପର ଜଳସ୍ତର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏଥିଲାଗି ନନ୍ଦ ସାହି ଓ ବ୍ରାହ୍ମଣ ସାହିରେ ଦୀର୍ଘ ଦିନ ହେବ ପାଇପ ଯୋଗେ ପିଇବା ପାଣି ଯୋଗାଣ ବ୍ୟାହତ ହୋଇଯାଇଛି। ଫଳରେ ଲୋକେ ପାଣି ଟିକିଏ ପାଇବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସମାଧାନ ନ କରିବାରୁ ଗ୍ରାମର ମହିଳା ଓ ଗ୍ରାମବାସୀ ପମ୍ପ ହାଉସ ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଏହି ସମୟରେ କାର୍ଯ୍ୟାଳୟ ଭିତରେ ପଞ୍ଚାୟତର ପିଇଓ ଓ ସରପଞ୍ଚ ଉପସ୍ଥିତ ଥିଲେ।

## କରୋନାରେ ସଂକ୍ରମିତ ବ୍ୟକ୍ତିଙ୍କ ମୃତ୍ୟୁ

**ବାଲୁଗାଁ,୫।୫(ଡି.ଏନ୍.ଏ.)**

ଚିଲିକା ବ୍ଲକ ଅନ୍ତର୍ଗତ ଆଙ୍ଖୁଲା ପଞ୍ଚାୟତର ଜଣେ କରୋନା ଆକ୍ରାନ୍ତଙ୍କ ବୁଧବାର ମୃତ୍ୟୁ ଘଟିଛି। ସମ୍ପୃକ୍ତ ବ୍ୟକ୍ତି ଗତ ୩ତାରିଖରେ ଆକ୍ରାନ୍ତ ହୋଇ ଗୃହ ସଙ୍ଗରୋଧରେ ରହି ଚିକିତ୍ସାଧୀନ ଥିଲେ। ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ତାଙ୍କ ଘରକୁ ଯାଇ ଚିକିତ୍ସା ସମ୍ବନ୍ଧରେ ତଦାରଖ ଜାରି ରଖୁଥିଲେ। ସେ ଆକ୍ରାନ୍ତ ଥାଇ ମଧ୍ୟ ବିପଦମୁକ୍ତ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ତେବେ ବୁଧବାର ସକାଳ ପ୍ରାୟ ୯ଟାରେ ଘରେ ଚଳପ୍ରଚଳ କରୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖବରପାଇ ବାଲୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ରର ଟିମ୍ ପହଞ୍ଚି ତାଙ୍କୁ ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ସେଠାରେ ପରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ହୃଦ୍‌ଘାତଜନିତ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି।

## ଅଜଗର ସୁରକ୍ଷାରେ ଗଡ଼ନିଆଳବାସୀ



ସାପକୁ ସୁରକ୍ଷା ଦେବା ପାଇଁ ପୋଲିସ ପକ୍ଷରୁ ବ୍ୟାରିକେଡ୍ କରାଯାଉଛି।

**ଖୋର୍ଦ୍ଧା ଅଫିସ, ୫।୫**

ଚନ୍ଦକା ବନଖଣ୍ଡ ହଳଦିଆ ବନାଞ୍ଚଳ ଅଧୀନ ଖୋର୍ଦ୍ଧା ଜିଲା ମଲ୍ଲୀପୁର ପଞ୍ଚାୟତର ଗଡ଼ନିଆଳ ଗାଁ ପାଖ ଜଙ୍ଗଲରେ ଗର୍ଭବତୀ ଅଜଗରକୁ ଗ୍ରାମବାସୀ ଏବଂ ବନ ବିଭାଗ ସୁରକ୍ଷା ଦେଉଛନ୍ତି। ଅଜଗର ଅଣ୍ଡା ଫୁଟାଇବା ପର୍ଯ୍ୟନ୍ତ ସେଠାରେ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ଜଙ୍ଗଲର ଏକ ଗାତରେ ଏକ ଅଜଗରକୁ କେତେଜଣ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସେମାନଙ୍କଠାରୁ ଖବର ପାଇ ହଳଦିଆ ରେଞ୍ଜର ଜୟକୃଷ୍ଣ ପଣ୍ଡା ଏବଂ ସ୍ନେକ ହେଲ୍‌ପ ଲାଇନ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ ପହଞ୍ଚି ଅଜଗର ଗତିବିଧି ଉପରେ ନଜର ରଖିଛନ୍ତି। ଅଜଗରର ସୁରକ୍ଷିତ ଅଣ୍ଡାଦାନ ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି। ଅଜଗର ରହିଥିବା ଅଞ୍ଚଳକୁ ବ୍ୟାରିକେଡ୍ କରାଯାଇଛି। ଅଜଗରକୁ ଖାଦ୍ୟ ଯୋଗାଇ ଦେବା ଲାଗି ଏକ ଟିମ୍ ଗଠନ ହୋଇଛି। ପରିବେଶବିତ୍‌ମାନେ ଏହାକୁ ସ୍ୱାଗତ କରିଛନ୍ତି।

ଗ୍ରାମ୍ୟ କମିଟି ସଦସ୍ୟ ମନୋଜ କୁମାର ପ୍ରତିହାରୀ ଓ ସରପଞ୍ଚ ବିଜୟ ଦାସ କହିଛନ୍ତି, ଆମ ଗାଁ ଜଙ୍ଗଲରେ ମୃଗ, ମୟୂର ପ୍ରଭୃତି ବନ୍ୟଜନ୍ତୁ ରହିଛନ୍ତି। ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା ଲାଗି ଏକ କମିଟି ରହିଛି। ସେହିପରି ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ରେଞ୍ଜର ଓ ଗ୍ରାମବାସୀଙ୍କଠାରୁ ଖବର ପାଇ ଆମେ ପହଞ୍ଚିଥିଲୁ। ସାପଲାଞ୍ଜକୁ ଟେକିବାବେଳେ ଦୁଇଟି ଅଣ୍ଡା ଦେଖିଥିଲୁ। ଅଜଗରକୁ ସେଠାରୁ ଉଦ୍ଧାର କରିଦେଲେ ଅଣ୍ଡାଦାନରେ ବାଧାସୃଷ୍ଟି ହୋଇଥାନ୍ତା। ତେଣୁ ତାକୁ କୌଣସି ବାଧା ନ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲୁ। ଅନ୍ୟପକ୍ଷରେ ରେଞ୍ଜର ଜୟକୃଷ୍ଣ ପଣ୍ଡା କହିଛନ୍ତି, ସାଧାରଣତଃ ସାପକୁ ଦେଖିଲେ ଲୋକେ ଭୟଭୀତ ହୋଇପଡ଼ନ୍ତି। ମାତ୍ର ଗଡନିଆଳ ଗ୍ରାମରେ ଲୋକେ ଏକ ବିରାଟ ଗର୍ଭବତୀ ଅଜଗରକୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି। ଏହା ସ୍ୱାଗତଯୋଗ୍ୟ। ଏ ସମ୍ପର୍କରେ ଚନ୍ଦକା ଡିଏଫ୍‌ଓଙ୍କୁ ଅବଗତ କରାଯାଇଛି।

## ଗୃହ ସଙ୍ଗରୋଧ ଆକ୍ରାନ୍ତଙ୍କ ସହ ପ୍ରଶାସନର ଭର୍ଚୁଆଲ ବୈଠକ

**ବାଲୁଗାଁ,୫।୫(ଡି.ଏନ୍.ଏ.)**

ଚିଲିକା ବ୍ଲକ ଏବଂ ବାଲୁଗାଁ ଏନ୍‌ଏସି ଅଧୀନ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ମୋଟ ୧୬୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୧୨୪ଜଣ ଗୃହ ସଙ୍ଗରୋଧରେ ଅଛନ୍ତି। ୧୫ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଅବଶିଷ୍ଟ ୩୦ଜଣ ସୁସ୍ଥ ହୋଇଥିବା ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୌମ୍ୟରଞ୍ଜନ ଦାସପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ଗୃହ ସଙ୍ଗରୋଧରେ ଚିକିତ୍ସାଧୀନ ଥିବା ଆକ୍ରାନ୍ତ କିପରି ସୁବିଧାରେ ଚିକିତ୍ସା ଲାଭ କରିବେ ସେ ଦିଗରେ ପ୍ରଶାସନ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ସେମାନଙ୍କ ସହ ଆଲୋଚନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ବୁଧବାର ଦ୍ୱିତୀୟ ଥର ପାଇଁ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିଲିକା ତହସିଲଦାର ପୁନମ ମହାପାତ୍ର, ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା ଉପସ୍ଥିତ ଥିଲେ। ଏଥିସହ ବୈଠକରେ ଉପସ୍ଥିତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ମଧ୍ୟ ମତାମତ ଗ୍ରହଣ କରାଯାଇଥିଲା। ଉପସ୍ଥାପନ କରାଯାଇଥିବା ମତାମତକୁ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

## କରୋନା ଯୋଦ୍ଧାଙ୍କୁ ମାସ୍କ ବଣ୍ଟନ

**କୃଷ୍ଣପ୍ରସାଦ,୫।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଏଥିରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହ ପୋଲିସ କର୍ମଚାରୀମାନେ ସରକାରଙ୍କୁ ସହାୟତା କରୁଛନ୍ତି। ଏହିପରି ଲୋକଙ୍କ ସେବାରେ ନିୟୋଜିତ ଥିବା କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି, ତହସିଲଦାର ଉଲ୍ଲାସ କୁମାର ସେଠୀ ଏବଂ ବ୍ଲକ କର୍ମଚାରୀଙ୍କୁ ସ୍ଥାନୀୟ ଅଞ୍ଚଳର ମେ ଆଇ ହେଲ୍ପ ୟୁ ଅନୁଷ୍ଠାନ ପକ୍ଷରୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି। ଏହି ଅନୁଷ୍ଠାନର ସମ୍ପାଦକ ବିଷ୍ଣୁପ୍ରସାଦ ବେହେରା ଆଗକୁ ମଧ୍ୟ କରୋନା ଯୋଦ୍ଧାଙ୍କୁ ଏଭଳି ମାସ୍କ, ସାନିଟାଇଜର ବଣ୍ଟନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସାନବାଡ଼ରେ ୭ଦିନ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

**ବୋଲଗଡ,୫।୫(ଡି.ଏନ୍.ଏ.)**

ବୋଲଗଡ଼ ତହସିଲ ଅଧୀନ ପିଟୁକୁଳି ପଞ୍ଚାୟତର ସାନବାଡ଼ ଗ୍ରାମରେ ବୁଧବାର ୧୩ଜଣ କୋଭିଡ୍ ସଂକ୍ରମିତ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଉକ୍ତ ଗ୍ରାମକୁ ୭ଦିନ ପାଇଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ୫ତାରିଖ ବୁଧବାର ସନ୍ଧ୍ୟା ୭ଟାରୁ ୧୧ ତାରିଖ ରାତ୍ର ୯ଟା ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ। ଗ୍ରାମର ଦଣ୍ଡୁ ସେଠୀଙ୍କ ଘରଠାରୁ ପ୍ରହଲ୍ଲାଦ ବରାଡଙ୍କ ଘର ପର୍ଯ୍ୟନ୍ତ ରାସ୍ତାକୁ ଅବରୋଧ କରାଯାଇ ଏହା ମଧ୍ୟରେ ବାସ କରୁଥିବା ୧୦୫ ପରିବାରଙ୍କୁ ଅବରୋଧ କ୍ଷେତ୍ର ବାହରକୁ ନ ବାହାରିବା ପାଇଁ ନିର୍ଦ୍ଦେଶ ରହିଛି। ଏହି ଅଞ୍ଚଳରେ ଥିବା ସମସ୍ତ ଦୋକାନ ବନ୍ଦ ରହିବା ସହ ଏହି ଅବଧି ମଧ୍ୟରେ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ବର୍ତ୍ତମାନ ସୁଦ୍ଧା ବୋଲଗଡ ବ୍ଲକ ଅଞ୍ଚଳରେ ସମୁଦାୟ ୧୨୨ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୦ ଜଣ ସୁସ୍ଥ ହୋଇଛନ୍ତି। ୬୮ଜଣ ହୋମ୍ ଆଇସୋଲେଶନରେ ଥିବା ବେଳେ ୪ ଜଣ କୋଭିଡ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।




ସାନବାଡ଼ ଗ୍ରାମର ପ୍ରବେଶ ପଥରେ ଗ୍ରାମବାସୀ ବାଉଁଶ ବାଡ଼ ପକାଇଛନ୍ତି।

## ହାଟ ଖାଁ ଖାଁ, ବ୍ୟବସାୟୀ ହତାଶ

**ଖୋର୍ଦ୍ଧା ଅଫିସ, ୫।୫**

କରୋନା ନିୟନ୍ତ୍ରଣ ଲାଗି ପୌର ପ୍ରଶାସନ ପକ୍ଷରୁ ରାସ୍ତାକଡ ଫୁଟପାଥ୍ ବ୍ୟବସାୟୀଙ୍କୁ ହାବେଳି ପଡ଼ିଆସ୍ଥିତ ଅସ୍ଥାୟୀ ପରିବା ହାଟକୁ ସ୍ଥାନାନ୍ତର କରାଯାଇଛି। ଏଠାରେ ପ୍ରାୟ ୬୦ ପରିବା ଓ ଫଳ ବ୍ୟବସାୟୀ ନିଜର ଦୋକାନ ଖୋଲିଛନ୍ତି। ମଙ୍ଗଳବାର ଭିଡ଼ ଦେଖିବାକୁ ମିଳିଥିଲା। ଦର ବଢ଼ିବା ଆଶଙ୍କାରେ ଲୋକେ ଗ୍ରସେରି ଓ ପନିପରିବା କିଣି ନେଇଥିବା ଜଣାପଡ଼ିଛି। ତେବେ ଲକ୍‌ଡାଉନର ପ୍ରଥମ ଦିନରେ ପରିବା ହାଟ ଗ୍ରାହକ ଶୂନ୍ୟ ରହିଥିଲା।



ପରିବା ହାଟରେ ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି ବ୍ୟବସାୟୀମାନେ।

“ପୂର୍ବରୁ ରାସ୍ତାକଡ଼ରେ ଭଲ ବେପାର ହେଉଥିଲା। ପରିବାହାଟକୁ ଆସିବା ପରେ ବେପାର କମିଛି। ବୁଧବାର ପ୍ରଥମ ଦିନରେ ଲୋକଙ୍କ ଦେଖାନାହିଁ। ପ୍ରାୟ ୧୫ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ପରିବା ରହିଛି। ମାତ୍ର ୫ଜଣ ଗ୍ରାହକ ଆସିଛନ୍ତି।

**– ନିର୍ମଳ ଚନ୍ଦ୍ର ସାହୁ**

“ପୂର୍ବରୁ ଫରେଷ୍ଟ କଲୋନୀ ରାସ୍ତାକଡରେ ଭଲ ବେପାର ହେଉଥିଲା। ଦିନକୁ ପ୍ରାୟ ୨ହଜାର ଟଙ୍କାର ଆମ୍ବ ବିକ୍ରି କରୁଥିଲି। ୨୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଆମ୍ବ ରଖିଛି। ଲକ୍‌ଡାଉନ ଯୋଗୁ ଅଧା ଦରରେ ବିକୁଛି। ତଥାପି ଗ୍ରାହକଙ୍କ ଦେଖାନାହିଁ। ୩ ଘଣ୍ଟାରେ ମାତ୍ର ୫ଶହ ଟଙ୍କାର ଆମ୍ବ ବିକ୍ରି କରିଛି। ଆଗକୁ ବେପାର ମାନ୍ଦା ହେବା ଆଶଙ୍କା ରହିଛି।

**– ସୂର୍ଯ୍ୟ ନାରାୟଣ ମହାନ୍ତି**

ଚାଷୀ ଆସି ପରିବା ଦେଇ ଯାଉଛନ୍ତି। “ଲକ୍‌ଡାଉନ ଯୋଗୁ ଦର କମାଯାଇଛି। ତଥାପି ୪ ଘଣ୍ଟା ବସିବା ପରେ ବି ବେପାର ନାହିଁ। ସବୁ ଆଶା ଫସର ଫାଟିଲା। ପ୍ରଥମ ଦିନରେ ମାତ୍ର ୧୦କେଜି ପୋଟଳ ଓ ୨ କେଜି ଟମାଟୋ ବିକିଛି।

**– ଲକ୍ଷ୍ମୀଧର ସାହୁ**

“କରୋନା ଯୋଗୁ ବେପାର ପୂରା ମାନ୍ଦା। ଗ୍ରାହକ ଆସିଲେ ସିନା ବେପାର ହେବ। ସରକାର ଘୋଷଣା କରିଛନ୍ତି ଘରଠାରୁ ୫ଶହ ମିଟର ଦୂରରେ ପରିବା କିଣିବେ। ତେଣୁ ମଙ୍ଗଳବାର ପରିବା ହାଟରେ ପ୍ରବଳ ଭିଡ଼ ଥିଲା। ଲକ୍‌ଡାଉନ ପୂର୍ବରୁ ଯେତିକ ବେପାର ହୋଇଥିଲା, ପ୍ରଥମ ଦିନରେ ତାହାର ଏକ ଚତୁର୍ଥାଂଶ ମଧ୍ୟ ହୋଇନାହିଁ।

**– ଅର୍ଜୁନ ସାହୁ**

**ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ**

ନିମାପଡ଼ା (ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ବାମଦାପିପାଟଣା ଗ୍ରାମରେ ବୁଧବାର ଅପରାହ୍ନରେ ବିଦ୍ୟୁତ୍ କରେଣ୍ଟ ଲାଗି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ନକୁଳ ସାହୁ। ନକୁଳ ନିଜ ଘରେ ବିଦ୍ୟୁତ୍ ଲାଇନ କାମ କରୁଥିବାବେଳେ ହଠାତ୍ ତାଙ୍କୁ କରେଣ୍ଟ ମାରିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକ ନକୁଳଙ୍କୁ ନିମାପଡ଼ା ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନିମାପଡ଼ା ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ନେଇ ମୃତକଙ୍କ ବଡ଼ଭାଇ ବ୍ରଜ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧/୨୧) ରୁଜୁ କରି ତଦନ୍ତ ଚଳାଇଛି।




୦୫.୦୫.୨୦୨୧
୧୮୫୯ ଟଙ୍କା

# କୋଭିଡ୍ ସେବା ପ୍ରଭାବିତ ଆଶଙ୍କା

## ପୁରୀ ଜିଲାରେ ନାହାନ୍ତି ଆବଶ୍ୟକ ସଂଖ୍ୟକ ଡାକ୍ତର

- ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ପଡୁଛି ଚାପ, ମିଳୁନି ଛୁଟି
- ଆଇଡିଏଚ୍‌ରେ ଖାଲିନାହିଁ ଆଇସିୟୁ ବେଡ୍

ପୁରୀ ଅଫିସ, ୫।୫

ପୁରୀ ଜିଲାର ସମସ୍ତ କୋଭିଡ୍ କେୟାର ସେଣ୍ଟରରେ ଡାକ୍ତର ନିଯୁକ୍ତ ହୋଇପାରିନାହାନ୍ତି। ଫଳରେ ରୋଗୀ ସେବା ନେଇ ସମସ୍ୟା ଉପୁଜୁଛି। ତେବେ ଯେଉଁଠାରେ ଡାକ୍ତର ନାହାନ୍ତି ସେଠାରେ ପୂର୍ବରୁ ସମ୍ପୃକ୍ତ ଡାକ୍ତରଖାନା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ କୋଭିଡ୍ ସେଣ୍ଟର ଦାୟିତ୍ୱ ତୁଲାଇବାକୁ ପଡୁଛି। ଅର୍ଥାତ୍ ଗୋଟିଏ ବ୍ଲକ୍‌ରେ ଥିବା କୋଭିଡ୍ ରୋଗୀ ଓ ଅନ୍ୟ ସମସ୍ତ ରୋଗୀ ମାତ୍ର ଜଣେ ଲେଖାଏ ଡାକ୍ତରଙ୍କ ଭରସାରେ ରହିଛନ୍ତି। ଗୋଟିଏ ପଟେ ଜିଲାରେ ସଂକ୍ରମଣ ଥମିବାର ନାଁ ନେଉନାହିଁ। ଅନ୍ୟପଟେ କମ୍‌ସଂଖ୍ୟକ ଡାକ୍ତରଙ୍କୁ ଅଧିକ ସମୟ ଖଟାଇବା ଦ୍ୱାରା ଏହାର ପ୍ରଭାବ କୋଭିଡ୍ ସ୍ୱାସ୍ଥ୍ୟସେବା ଉପରେ ପଡୁଛି। ଜିଲା ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାର ମୁଖ୍ୟ କୋଭିଡ୍ ହସ୍ପିଟାଲରେ ୧୮ ଜଣ ଡାକ୍ତରଙ୍କୁ ନିଯୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରୁ ୫ ଜଣ କୋଭିଡ୍ ଆଇସିୟୁ ଦାୟିତ୍ୱରେ ରହିଥିବା ବେଳେ ଅନ୍ୟ ୧୩ଜଣଙ୍କୁ ସାଧାରଣ ଶଯ୍ୟାରେ ଥିବା ରୋଗୀଙ୍କ ଦାୟିତ୍ୱ ଦିଆଯାଇଛି। ଆଇଡିଏଚ୍ କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଥିବା ସୁଶାନ୍ତ ପଣ୍ଡାଙ୍କ କହିବା ଅନୁଯାୟୀ, ଏବେ ୱାର୍ଡ ଦାୟିତ୍ୱରେ ୧୦ଜଣ ଡାକ୍ତର ରହିଛନ୍ତି। ଏମାନେ ଶିଫ୍ଟ କରି କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ପୁରୀ ଆଇଡିଏଚ୍‌ରେ ଥିବା ସମସ୍ତ ୧୫ଟି ଆଇସିୟୁ ଶଯ୍ୟାରେ ରୋଗୀ ରହିଛନ୍ତି। ଅର୍ଥାତ୍ ଏବେ ଯଦି କୌଣସି ରୋଗୀଙ୍କୁ ଆଇସିୟୁର ଆବଶ୍ୟକତା ହୁଏ, ତେବେ ମିଳିବା ସହଜ ନୁହେଁ। ତାଙ୍କୁ ଅନ୍ୟତ୍ର ରେଫର କରାଇବାକୁ ପ୍ରଶାସନ ବାଧ ହେବ। ସେହିଭଳି ଜିଲାରେ ସ୍ଥିତି ଆହୁରି ସଙ୍ଗିନ। କୋଭିଡ୍ ଦାୟିତ୍ୱରେ ଥିବା ଏଲୋପାଥିକ୍ ଓ ଆୟୁଷ ଡାକ୍ତରଙ୍କ ସଂଖ୍ୟା ଏବେ ପାଖାପାଖି ୪୦।

କୋଣାର୍କରେ ୫, ପୁରୀ ଆଇଡିଏଚ୍‌ରେ ୧୮, ଗୋପବନ୍ଧୁ ଆୟୁର୍ବେଦିକ ଚିକିତ୍ସାଳୟରେ ୭, ନିମାପଡ଼ାରେ ୪, ବ୍ରହ୍ମଗିରି ମୋଟରେ ୩ ଓ ନୀଳାଚଳ ଭକ୍ତନିବାସରେ ୩ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ତେବେ ଏମାନଙ୍କ ମଧ୍ୟରୁ କେତେଜଣ ଡାକ୍ତର ଭିନ୍ନ ଭିନ୍ନ ଦିନରେ ଭିନ୍ନ ହସ୍ପିଟାଲରେ ସେବା ଯୋଗାଉଛନ୍ତି। ସେହିଭଳି ୫ରୁ ୬ଜଣ ଆୟୁଷ ଡାକ୍ତର ମଧ୍ୟ ରହିଛନ୍ତି। ଆଇଡିଏଚ୍ କୋଟାରେ ୧୮ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିବାବେଳେ ୧୫ ଜଣ କାର୍ଯ୍ୟ କରୁଛନ୍ତି। କେତେଜଣ ଡାକ୍ତର କୋଭିଡ୍ ସଂକ୍ରମିତ ହୋଇଥିବାରୁ ଦାୟିତ୍ୱ ତୁଲାଉ ନାହାନ୍ତି। ମଙ୍ଗଳବାର ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ, ପୁରୀ ଜିଲାରେ ଡାକ୍ତରଖାନାରେ ଥିବା ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୮୪୪। ତେବେ ଏତେ ରୋଗୀଙ୍କୁ କିଭଳି କମ୍‌ସଂଖ୍ୟକ ଡାକ୍ତର ୮ଘଣ୍ଟା ଡ୍ୟୁଟି ମଧ୍ୟରେ ସେବା ଯୋଗାଇ ଦେଉଛନ୍ତି ତାହା ପ୍ରଶ୍ନବାଚୀ ହୋଇଛି। ଅନ୍ୟପକ୍ଷରେ ବ୍ଲକ୍ ସ୍ତରରେ ଅଧିକାଂଶ କୋଭିଡ୍ କେୟାର ସେଣ୍ଟର ଷ୍ଟାଫ୍ ନର୍ସ ଓ ପାରାମେଡିକ୍ ଷ୍ଟାଫ୍‌ଙ୍କ ଭରସାରେ ଚାଲିଛି। ପୁରୀ ଜିଲାରେ ୨୩ ଜଣ ଷ୍ଟାଫ୍ ନର୍ସ ଓ ୬୨ ଜଣ ପୁରୁଷ ପାରାମେଡିକ୍ ଷ୍ଟାଫ୍‌ଙ୍କୁ ନିଯୁକ୍ତ କରାଯାଇଛି। ଡାକ୍ତରଙ୍କ ସଂଖ୍ୟା କମ୍ ଯୋଗୁ ସେମାନଙ୍କ ଉପରେ ଚାପ ବଢ଼ିବା ସହ ସଂକ୍ରମଣ ମଧ୍ୟ ବୃଦ୍ଧି ପାଉଛି। କୋଭିଡ୍ ପୂର୍ବ ଲହରରେ ଡାକ୍ତରମାନେ ୧୪ଦିନ କାର୍ଯ୍ୟ କରିବା ପରେ ୭ଦିନର କ୍ୱାରାଣ୍ଟାଇନ ସୁବିଧା ପାଉଥିଲେ। ମାତ୍ର ୨ୟ ଲହରରେ ସେଭଳି ସୁବିଧା ନାହିଁ। ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଡାକ୍ତରମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡୁଛି। ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ଡାକ୍ତର ନିଜ ନାମ ଗୋପନ ରଖି କହିଛନ୍ତି ଯେ, ତାଙ୍କ ସ୍ତ୍ରୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବୁଧବାର ତାଙ୍କୁ ଏହି ସୂଚନା ମିଳିଲା। ଏହାସତ୍ତ୍ୱେ ଛୁଟି ନେଇ ଘରକୁ ଯିବାର ସୁବିଧା ତାଙ୍କ ପାଖରେ ନାହିଁ। ଅନ୍ୟପକ୍ଷରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ଜନସ୍ୱାସ୍ଥ୍ୟ) ବିରଜା ଶଙ୍କର ରଥ କହିଛନ୍ତି, ଆମ ପାଖରେ ଯେତେ ସଂଖ୍ୟକ ଡାକ୍ତର ଅଛନ୍ତି, ସେମାନଙ୍କୁ ନେଇ କାର୍ଯ୍ୟ କରୁଛୁ। ସେବା ଯେପରି ପ୍ରଭାବିତ ନ ହେବ ସେଥିଲାଗି ସମସ୍ତ ପଦକ୍ଷେପ ନିଆଯାଉଛି।

# ଅଧିକ ଦର ଦେଇ ବୃଦ୍ଧଙ୍କଠାରୁ ଶାଗ କିଣିଲେ ତହସିଲଦାର



ତହସିଲଦାର ମହେନ୍ଦ୍ର ବଡ଼େଇ ଜଣେ ବୃଦ୍ଧ ବ୍ୟବସାୟୀଙ୍କଠାରୁ ଶାଗ କିଣୁଛନ୍ତି।

ଡେଲାଙ୍ଗ,୫।୫(ଡି.ଏନ୍.ଏ.)

ଲକ୍‌ଡାଉନ ସମୟରେ ଡେଲାଙ୍ଗ ଅଞ୍ଚଳରେ ଜଣେ ବୃଦ୍ଧଙ୍କଠାରୁ ଅଧିକ ଦାମ୍ ଦେଇ ସମସ୍ତ ଖଡ଼ାଶାଗ କିଣିବା ସହ ସୁଖଦୁଃଖ ବାଣ୍ଟିଛନ୍ତି ତହସିଲଦାର ମହେନ୍ଦ୍ର ବଡ଼େଇ। ତହସିଲଦାରଙ୍କ ଏଭଳି ମଣିଷପଣିଆ ଦେଖି ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। କୋଭିଡ୍ ପାଇଁ ସରକାର ଲକଡାଉନ ଜାରି କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟାହ୍ନ ୧୨ଟା ଯାଏଁ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବୁଧବାର ତହସିଲଦାର ବଡ଼େଇ ବଜାରରେ ତଦାରଖ କରିବା ସହ ସଚେତନ କରିବା ପାଇଁ ଯାଇଥିଲେ। ସଚେତନ କରିବା ସମୟରେ ବଜାରରେ ଜଣେ ବୃଦ୍ଧ ଟାଣଖରାରେ ବସି ଖଡ଼ାଶାଗ ବିକୁଥିବା ତାଙ୍କ ନଜରରେ ପଡ଼ିଥିଲା। ବୃଦ୍ଧଙ୍କ ପାଖକୁ ତହସିଲଦାର ଯାଇ ପଚାରିବାରୁ ଲକଡାଉନରେ ଶାଗ ବିକିଲେ ପରିବାର ଚଳାଇବି ବୋଲି କହିଥିଲେ। ଏହା ଶୁଣି ତହସିଲଦାର ଦୁଃଖ ପ୍ରକାଶ କରିବା ସହ ଅଧିକ ମୂଲ୍ୟ ଦେଇ ବୃଦ୍ଧଙ୍କଠାରୁ ସମସ୍ତ ଶାଗ କିଣି ନେଇଥିଲେ। ଏଥିରେ ବୃଦ୍ଧ ଜଣକ ଅତି ଖୁସି ହୋଇ ତାଙ୍କୁ ଆଶୀର୍ବାଦ ଦେବା ସହ ଠାକୁର ତୁମକୁ ଭଲରେ ରଖନ୍ତୁ ବୋଲି କହିଥିଲେ।

## ସଂକ୍ଷେପରେ

### ରଥଖଳା ନିର୍ମାଣ ଆରମ୍ଭ

**ପୁରୀ ଅଫିସ, ୫।୫:** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖରେ ବାହାର ଚନ୍ଦନଯାତ୍ରା ସହ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ । ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ଶ୍ରୀନଅର ସମ୍ମୁଖରେ ଅସ୍ଥାୟୀ ରଥଖଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କୋଭିଡ କଟକଣା ମଧ୍ୟରେ ରଥ ନିର୍ମାଣ କରାଯିବ। ରଥ ନର୍ମାଣରେ ସାମିଲ ହେବାକୁ ଥିବା ସମସ୍ତ ସେବକଙ୍କୁ କୋଭିଡ୍ ଟିକା ଦିଆଯିବ ବୋଲି ପ୍ରଶାସନ କହିଛି।

### ନିୟମ ନ ମାନିବାରୁ ୧୨ ଦୋକାନ ସିଲ୍

**କଣାସ,୫।୫(ସ୍ୱ.ପ୍ର.):** କଣାସ ବ୍ଲକରେ ଲକ୍‌ଡାଉନର ପ୍ରଥମ ଦିନରେ ବୁଧବାର କଟକଣା ଉଲ୍ଲଂଘନ କରିଥିବା ଅଭିଯୋଗରେ ୧୨ଟି ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ୨ଟି ଗ୍ରୋସରି ଦୋକାନ, ଜଳିଆପଡା ଓ ବେଣାଗାଁର ୨ଟି ହାର୍ଡୱେର ଷ୍ଟୋର, ଏନ୍‌ଏସ୍‌ପି ନିକଟ ୨ଟି ଷ୍ଟେସନେରି ଦୋକାନ, ଜଙ୍କିଆ ବଜାରରେ ଥିବା ବିୟର ବାର୍, ପରିବା ଦୋକାନ, ପାନଦୋକାନ ୨ଟା, ଗୋଟିଏ ଗ୍ରୋସରି ଦୋକାନ ଏବଂ ମନ୍ଦାରବସ୍ତ ବଜାରରେ ଥିବା ସରକାରୀ ମଦ ଦୋକାନକୁ ସିଲ୍ କରାଯାଇଛି। ଅତିରିକ୍ତ ତହସିଲଦାର ସହଦେବ ସାହୁ, ଅନିଲ ଆଚାର୍ଯ୍ୟ, ଥାନା ଆଇଆଇସି ତପନ ରାଉତ, ଏଏସ୍‌ଆଇ ଜିତେନ୍ଦ୍ର ଗୁମାନସିଂହ ପାଟ୍ରୋଲିଂରେ ଯାଇ ଏହିସବୁ ଦୋକାନ ସିଲ୍ କରିଛନ୍ତି।

### ଚୂଡ଼ାନ୍ତ ପର୍ଯ୍ୟାୟରେ କୋଭିଡ୍ କେନ୍ଦ୍ର

**ସାକ୍ଷୀଗୋପାଳ,୫।୫(ଡି.ଏନ୍.ଏ.):** ସତ୍ୟବାଦୀ ଓ ପିପିଲି ବ୍ଲକର କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଖୋଲାଯାଉଥିବା ୮୮ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର କେନ୍ଦ୍ର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ବୁଧବାର କେନ୍ଦ୍ର ପରିଦର୍ଶନ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର କହିଛନ୍ତି। ସାକ୍ଷୀଗୋପାଳ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିଶ୍ୱଜିତ ମିଶ୍ର ଏହି କୋଭିଡ୍ ସେବା କେନ୍ଦ୍ର ଦାୟିତ୍ୱରେ ରହିବେ। ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଶ୍ରଙ୍କ ସହିତ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଲଲାଟେନ୍ଦୁ ମିଶ୍ର, ସାକ୍ଷୀଗୋପାଳ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିଶ୍ୱଜିତ ମିଶ୍ର, ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା, ପିପିଲି ବିଡିଓ ରଶ୍ମିତା ନାଥ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ବିନୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ୩ କୋଭିଡ୍ ସଂକ୍ରମିତଙ୍କ ଶେଷକୃତ୍ୟ

**ପୁରୀ ଅଫିସ,୫।୫:** ପୁରୀରେ ବୁଧବାର ୩ କୋଭିଡ୍ ସଂକ୍ରମିତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଳିଆପଣ୍ଡାର ୫୫ ବର୍ଷୀୟ, ନିମାପଡ଼ାର ୬୦ବର୍ଷୀୟ ମହିଳା ଓ ଜଣେ ଯୁବକଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଛି। ସେହିଭଳି ଜିଲାରେ ମଙ୍ଗଳବାର ୪୩୬ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରେ ପୁରୀ ସହରର ୧୫୭ ଜଣ ରହିଥିଲେ। ୨୨ ନମ୍ବର ୱାର୍ଡର ୧୩ ଜଣ ସର୍ବାଧିକ ସଂକ୍ରମିତ ବୋଲି ଜଣାପଡ଼ିଛି। ପୁରୀ ସଦରରୁ ୫୦, ପିପିଲିରୁ ୫୭, ବ୍ରହ୍ମଗିରିରୁ ୩୪ ଓ ନିମାପଡ଼ାରୁ ୨୩ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗ୍ରାମାଞ୍ଚଳରେ ସଂକ୍ରମଣ ବଢୁଥିବାରୁ ଟିକାକରଣ ଜୋରଦାର କରିବାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଗୁରୁବାରଠାରୁ ସଦ୍‌ଭାବନା ସଭାଗୃହରେ ପୁରୀ ଜିଲାର ଖବରଦାତାମାନଙ୍କୁ ଟିକା ଦିଆଯିବ। ସକାଳ ୧୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟିକାକରଣ ଚାଲିବ। ଆଧାର କାର୍ଡ ଓ ଖବରଦାତା ପ୍ରମାଣ ପତ୍ର ଆଣି ଖବରଦାତାମାନେ ଟିକା ନେଇପାରିବେ ବୋଲି ଜିଲା ପ୍ରଶାସନ ଜଣାଇଛି।




ଲକ୍‌ଡାଉନର ପ୍ରଥମ ଦିନ ବୁଧବାର ପୁରୀ ବଡ଼ଶଙ୍ଖଠାରେ ଦୋକାନବଜାର ବନ୍ଦ ଥିବାବେଳେ ରାସ୍ତା ଜନଶୂନ୍ୟ ହୋଇପଡ଼ିଛି।

# ଦୋଳି ଦଉଡ଼ି ନେଲା ଶିଶୁକନ୍ୟା ଜୀବନ

ଗୋପ,୫।୫(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ବଡ଼ତରା ଗ୍ରାମରେ ବୁଧବାର ସକାଳେ ଦୋଳି ଖେଳିବା ଜଣେ ୬ବର୍ଷର ଝିଅ ପାଇଁ କାଳ ସାଜିଛି। ଘର ଦୁଆରେ ଝିଅଟି ଦୋଳି ଖେଳିବା ବେଳେ ଅସାବଧାନତାବଶତଃ ଦଉଡ଼ିଟି ଗୁଡ଼େଇ ହୋଇ ବେକରେ ଲାଗିଯିବାରୁ ମୃତ୍ୟୁ ହୋଇଯାଇଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ପରେ ଗ୍ରାମରେ ଶୋକରଛାୟା ଖେଳିଯାଇଛି। ଏ ନେଇ ଗୋପ ଥାନା ପୋଲିସ ଏକ ମାମଲା (ନଂ.୧୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବଡ଼ତରା ଗ୍ରାମର ରଶ୍ମିତା ଦତ୍ତ ବାଲେଶ୍ୱର ଅଞ୍ଚଳରେ ବିବାହ କରିଥିଲେ। ପରେ ପାରିବାରିକ ବିବାଦ ଯୋଗୁ ରଶ୍ମିତା ତାଙ୍କ ଝିଅ ସହ ବାପ ଘରେ ଦୀର୍ଘ ୫ ବର୍ଷ ହେବ ରହୁଥିଲେ। ବୁଧବାର ସକାଳେ ରଶ୍ମିତା ଘର କାମରେ ବ୍ୟସ୍ତ ଥିବାବେଳେ ତାଙ୍କ ଝିଅ ଘର ଦୁଆରେ ଲାଗିଥିବା ଦୋଳିରେ ଖେଳୁଥିଲା। ହେଲେ କିଛି ସମୟ ପରେ ଦୋଳି ଖେଳୁଥିବା ଘରର କବାଟଟି ବନ୍ଦ ହୋଇଯାଇଥିଲା। ଫଳରେ ମା’ ଝିଅକୁ ଡାକିବାରୁ ସେ ଶୁଣି ନ ଥିଲା। ସନ୍ଦେହ ହେବାରୁ ମା’ କବାଟ ଭାଙ୍ଗି ଦେଖିବାରେ ଝିଅ ଦୋଳି ଦଉଡ଼ିରେ ବାନ୍ଧି ହୋଇ ଓହଳି ଥିଲା। ସଙ୍ଗେ ସଙ୍ଗେ ଗାଁ ଲୋକଙ୍କ ସହାୟତାରେ ଝିଅକୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ଏଏସଆଇ ରାଧାଶ୍ୟାମ ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଚାରିଛକ ଡାକ୍ତରଖାନା ପଠାଇଥିଲେ। ମୃତ୍ୟୁ ହୋଇଥିବା ଝିଅଟି କୋଣାର୍କ ନିକଟସ୍ଥ ଏକ ଇଂଲିଶ ମିଡିୟମ ସ୍କୁଲରେ ଏଲ୍‌କେଜିରେ ପଢୁଥିଲା।

# ଭଣ୍ଡିସାହି ନଦୀବନ୍ଧ ସ୍ଥିତି ଦେଖିଲେ କ୍ରୀଡ଼ାମନ୍ତ୍ରୀ

କାକଟପୁର, ୫।୫(ଡି.ଏନ୍.ଏ)

କ୍ରୀଡ଼ାମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ବୁଧବାର କାକଟପୁର ବ୍ଲକର ପାଟସୁନ୍ଦରପୁର ପଞ୍ଚାୟତ ଅଧୀନ ଭଣ୍ଡିସାହି ଗ୍ରାମ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ସେଠାକାର ଦେବୀ ନଦୀ ବାମପାର୍ଶ୍ୱସ୍ଥ ପଥର ବନ୍ଧ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, ପାଟସୁନ୍ଦରପୁର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ପୁରୀ ଅଫିସ, ୫।୫

ପୁରୀ ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥବଲ୍ଲଭ ପାର୍କିଂ ପରିସରସ୍ଥ ଏକ ବାରଣ୍ଡାରୁ ବୁଧବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଟାଉନ ଥାନା ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଙ୍କ ବୟସ ୩୫ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ଜଗନ୍ନାଥ ବଲ୍ଲଭ ପାର୍କିଂ ପରିସରରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ଏ ସମ୍ପର୍କରେ ଟାଉନ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ।

# ପ୍ରାଣୀ ଚିକିତ୍ସକଙ୍କ କଳାବ୍ୟାଜ ପରିଧାନ

କଣାସ,୫।୫(ସ୍ୱ.ପ୍ର.)

କଣାସ ବ୍ଲକ ଅଞ୍ଚଳରେ ଥିବା ପ୍ରାଣୀ ଚିକିତ୍ସକମାନେ ବିଭିନ୍ନ ଦାବି ନେଇ ବୁଧବାର କଳାବ୍ୟାଜ ପରିଧାନ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ନିରନ୍ତର କାର୍ଯ୍ୟ କରୁଥିଲେ ମଧ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏହି ବ୍ଲକରେ ଥିବା ପ୍ରାଣୀ ଚିକିତ୍ସକମାନେ ମାନବ ସମ୍ବଳ ଅଭାବ ସତ୍ତ୍ୱେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସହଯୋଗ, ସୁବିଧା ମିଳୁ ନାହିଁ। ଏ ନେଇ ଚିକିତ୍ସକମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସରକାର ତାଙ୍କ ପ୍ରତି ଧ୍ୟାନ ଦେଉନାହାନ୍ତି। ଫଳରେ ପ୍ରାଣୀ ଚିକିତ୍ସକମାନେ ମେ’ ୧ତାରିଖଠାରୁ କଳାବ୍ୟାଜ ପରିଧାନ କରି ଚିକିତ୍ସାଳୟ ପରିସରରେ କଲମଛାଡ ଆନ୍ଦୋଳନ କରିଛନ୍ତି। ଯଦି ଆସନ୍ତା ୧୫ତାରିଖ ସୁଦ୍ଧା ସରକାର କୌଣସି ନିଷ୍ପତ୍ତି ନ ନିଅନ୍ତି ୨୫ତାରିଖରୁ ସମୂହ ପ୍ରାଣୀ ଚିକିତ୍ସକ ସମୂହ ଇସ୍ତଫା ଦେବେ ବୋଲି ପ୍ରାଣୀ ଚିକିତ୍ସା ସଂଘ ପକ୍ଷରୁ ସରକାରଙ୍କୁ ଜଣାଇଦିଆଯାଇଛି।

# ବଟି ମାଗିବା ସହ ହତ୍ୟା ଧମକ ଦେଇ ୨ ଗିରଫ

ପୁରୀ ଅଫିସ, ୫।୫

ପୁରୀ ଟାଉନ ଥାନା ପୋଲିସ ଦାଦାବଟି ମାଗିବା, ମଦ ଦୋକାନ ଲଟେରି ଫିକ୍ସିଂ, ମରଣାତ୍ମକ ଆକ୍ରମଣ ଏବଂ ଧମକ ଦେବା ଅଭିଯୋଗରେ ବୁଧବାର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଧାନକୁଟି ସାହିର ଧିରେନ୍ଦ୍ରନାଥ ବରାଳ ଓରଫ ପପୁ ଏବଂ ତାଙ୍କ ସହଯୋଗୀ ବଳିଆପଣ୍ଡା ଥାନା ଅର୍ନଗତ ବିଜୟ ନଗରର ସଞ୍ଜୟ ସନାଇ। ଏ ନେଇ ପୋଲିସ ଏକ କେସ୍ (ନଂ. ୧୨୫/୨୧) ରୁଜୁ କରିଛି। ପୁରୀ ସହରର ଯେଉଁ ମଦ ଦୋକାନୀମାନେ ଲଟେରି ମାଧ୍ୟମରେ ଦୋକାନ ନେବା ନିମନ୍ତେ ଆବେଦନ କରିଛନ୍ତି, ପପୁ ସେମାନଙ୍କୁ ଧମକ ଦେବା ସହ ଦାଦାବଟି ଆଦାୟ କରୁଥିଲେ। ଦାଦାବଟି ନ ଦେଲେ ହତ୍ୟା ଧମକ ଦେଉଥିଲେ ବୋଲି ପୋଲିସ କହିଛି। ପପୁଙ୍କ ବିରୋଧରେ ପୁରୀର ବିଭିନ୍ନ ଥାନାରେ ୩୪ଟି ଓ ସଞ୍ଜୟଙ୍କ ବିରୋଧରେ ବଳିଆପଣ୍ଡା ଥାନାରେ ୨ଟି ମାମଲା ରହିଛି। ପୋଲିସ ଉଭୟଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି।

# ପାଣି ପାଇଁ ଲୋକେ ହନ୍ତସନ୍ତ

ପୁରୀ ଅଫିସ, ୫।୫

ଲକ୍‌ଡାଉନ୍‌ରେ ପାଣି ପାଇଁ ପୁରୀ ସହରବାସୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଗତ ୩୬ ଘଣ୍ଟା ହେଲା ସହରର ଅନେକ ସ୍ଥାନରେ ମ୍ୟୁନିସିପାଲିଟିର ପାଇପ୍ ପାଣି ପହଞ୍ଚି ନାହିଁ। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ବୁଧବାର ନରେନ୍ଦ୍ରକୋଣ, ହାଡ଼ିସାହି, ଚୁଡ଼ଙ୍ଗ ସାହି ଓ ମାଟିତୋଟା ପ୍ରଭୃତି ବଡ଼ ବଡ଼ ଅଞ୍ଚଳରେ ପାନୀୟଜଳ ଯୋଗାଣ ହୋଇ ନ ଥିବା ଲୋକେ ଅଭିଯୋଗ ଆଣିବା ସହ ଏଥିଲାଗି ପୌରସଂସ୍ଥା ଅବହେଳାକୁ ଦାୟୀ କରିଛନ୍ତି। ତୁରନ୍ତ ପାଣି ଯୋଗାଣ ନ ହେଲେ ସମସ୍ୟା ଆହୁରି ସଙ୍ଗିନ ହେବ ବୋଲି ଚୁଡଙ୍ଗ ସାହିର ରମେଶ ପ୍ରସାଦ ସିହ୍ନା କହିଛନ୍ତି। ନଳକୂପ ନ ଥିବା ଅଞ୍ଚଳରେ ସମସ୍ୟା ଜଟିଳ ହେଉଛି। ଅନ୍ୟପକ୍ଷରେ ଉତ୍ତରକୋଣା ଓ ସିରେଇକୋଣା ଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିବା ସହ ବନ୍ଧ ବାନ୍ଧିପାଣିଅଟକାଇ ରଖିଛନ୍ତି। ଜମି ଅଧିଗ୍ରହଣକୁ ନେଇ ଏହି ବିବାଦ ତେଜିଛି। ଏହି ବିବାଦର ସମାଧାନ ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି। ସିରୋଇକୋଣା ଓ ଉତ୍ତରକୋଣା ଗ୍ରାମର ପ୍ରତିନିଧିମାନଙ୍କ ସହ ଜିଲାପାଳ ସମର୍ଥ ବର୍ମା ତାଙ୍କ ଆବାସିକ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ଧାଉଡ଼ିଆ ନଦୀର ରିଜର୍ଭଏର ୧ ଓ ୨ ରୁ ପ୍ରତିବନ୍ଧକ ହଟାଇବା ସହ ପୁରୀକୁ ଜଳ ଯୋଗାଣରେ ସହଯୋଗ କରିବା ନିମନ୍ତେ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ରବୀନ୍ଦ୍ର ପ୍ରଧାନ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାଛ ମାର୍କେଟ ସିଲ୍, ଆଳୁ କିଲୋ ୪୦

ପୁରୀ ଅଫିସ,୫।୫

କରୋନା ସଂକ୍ରମଣ ଚେନ୍‌କୁ ଭାଙ୍ଗିବା ପାଇଁ ପୁରୀରେ ଲକଡାଉନ୍ ଆରମ୍ଭ ହୋଇଛି। ବୁଧବାର ମଧ୍ୟାହ୍ନ ୧୨ଟା ପରେ ପୁରୀ ସହରରେ ଅତ୍ୟାବଶ୍ୟକ ଦୋକାନକୁ ଛାଡ଼ି ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି କେବଳ ପାଳିଆ ସେବାୟତଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଅନ୍ୟପକ୍ଷରେ ବଜାରରେ ଆଳୁର କୃତ୍ରିମ ଅଭାବ ଯୋଗୁ ଦର କିଲୋ ପିଛା ୪୦ ଟଙ୍କାରେ ପହଞ୍ଚିଛି। ଗହଳି ହେବାରୁ ମାଛ ମାର୍କେଟକୁ ମ୍ୟୁନିସିପାଲିଟି ଏନଫୋର୍ସମେଣ୍ଟ ଟିମ୍ ସିଲ୍ କରିଛି। ଏନ୍‌ଫୋର୍ସମେଣ୍ଟ ଅଫିସର ବୃନ୍ଦାବନ ପତି କହିଛନ୍ତି, ଲକଡାଉନ୍ ସମୟରେ ଗହଳିପୂର୍ଣ୍ଣ ସ୍ଥାନରେ ଚଢ଼ାଉ କରି ସିଲ୍ କରାଯିବା ସହ ଜରିମାନା ଆଦାୟ ହେବ। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ସବଡିଭିଜନଗୁଡ଼ିକରେ ଜଣେ ଅତିରିକ୍ତ ଜିଲାପାଳଙ୍କୁ ଦାୟିତ୍ୱରେ ରଖାଯାଇଛି। ନିମାପଡ଼ା, ପିପିଲି ଓ ପୁରୀ ସଦରରେ ଏସ୍‌ଡିପିଓ ଏବଂ ସମ୍ପୃକ୍ତ ଥାନାର ଆଇଆଇସିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ପୁରୀ ଟାଉନ୍‌କୁ ତିନି ଭାଗରେ ବିଭକ୍ତ କରାଯାଇଛି। ଗହଳିପୂର୍ଣ୍ଣ ସ୍ଥାନରେ ୪ ଡିଏସ୍‌ପି ଓ ୪ ଇନ୍ସପେକ୍ଟର ନିୟୋଜିତ ହୋଇଛନ୍ତି। ବିଶୃଙ୍ଖଳିତ ଆଚରଣ କରୁଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ପୋଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ହେଉଛି। ତେବେ ପ୍ରଥମ ଦିନ ଲୋକେ ପୋଲିସ ପ୍ରଶାସନକୁ ସହଯୋଗ କରିଥିବା ଦେଖିବାକୁ ମିଳିଛି।



ପୁରୀ ମାଛ ମାର୍କେଟକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି।

# ‘ମହାପ୍ରସାଦ କିଣିବାକୁ ଭକ୍ତଙ୍କୁ ଅନୁମତି ମିଳୁ’

## ଲକ୍‌ଡାଉନ୍ ଯୋଗୁ ପ୍ରଭାବିତ ହେବେ ସେବାୟତ

- ମହାପ୍ରସାଦ ପୋତାହେବା ଖବର ମିଛ: ନିଯୋଗ
- ଗରିବ, ଅସହାୟଙ୍କୁ ବଳକା ମହାପ୍ରସାଦ ବଣ୍ଟାଯାଉଛି

ପୁରୀ ଅଫିସ, ୫।୫

ମହାମାରୀ କରୋନାଜନିତ କଟକଣା ଯୋଗୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ଏଥିସହ ବୁଧବାରଠାରୁ ୧୪ଦିନିଆ ଲକ୍‌ଡାଉନ୍ ଆରମ୍ଭ ହୋଇଛି। ଭକ୍ତ ଆସୁ ନ ଥିବାରୁ ମହାପ୍ରସାଦ ବିକ୍ରି ୬୦ରୁ ୭୦ ପ୍ରତିଶତ କମିଛି। ଆଗଭଳି ବରାଦି ମହାପ୍ରସାଦ ପ୍ରସ୍ତୁତି କରାଯାଉନାହିଁ। ଲକ୍‌ଡାଉନ କାରଣରୁ ମହାପ୍ରସାଦ ବିକ୍ରି ଆହୁରି ହ୍ରାସ ପାଇବ। ଏପରି ସ୍ଥିତି ଅଧିକ ଦିନ ଲାଗିରହିଲେ ମହାପ୍ରସାଦ ଉପରେ ନିର୍ଭର କରି ଚଳୁଥିବା ସୁଆର ମହାସୁଆର ସେବକ, ପାଣିଆ, ତୁଣିଆ, ବୋଝିଆମାନେ ସମସ୍ୟା ଦେଇ ଗତି କରିବେ। ତେଣୁ ପ୍ରଶାସନ ଲକ୍‌ଡାଉନ ସମୟରେ ମହାପ୍ରସାଦ କିଣିବାକୁ ଭକ୍ତଙ୍କୁ ଅନୁମତି ଦେବା ସହ ଲକ୍‌ଡାଉନ ପରେ ଶ୍ରୀମନ୍ଦିର ଉତ୍ତର ଓ ଦକ୍ଷିଣ ଦ୍ୱାର ନିକଟରେ ଷ୍ଟଲ କରି ଟୋକନ ମାଧ୍ୟମରେ ଏହାର ବିକ୍ରି ବ୍ୟବସ୍ଥା କରିବାକୁ ନିଯୋଗ ସମ୍ପାଦକ ପ୍ରତିହାରୀ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିକ୍ରି ନ ହୋଇ ବଳି ପଡୁଥିବା ମହାପ୍ରସାଦ ଶ୍ରୀମନ୍ଦିର କୋଇଲି ବୈକୁଣ୍ଠ ପରିସରରେ ପୋତାଯାଉଛି ବୋଲି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ତେବେ ଏହାକୁ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏ ସଂକ୍ରାନ୍ତ ଖବର ମିଥ୍ୟା ଓ କପୋଳକଳ୍ପିତ। ମହାପ୍ରସାଦ ବଳିଲେ ତାକୁ ପୋତିବାର କୌଣସି ନିୟମ ନାହିଁ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରସାଦ ମାରା ହୋଇଗଲେ, ମହାପ୍ରଭୁଙ୍କ ଭୋଗ ସମୟରେ ବଡ଼ ମହାସ୍ନାନ ହେଲେ, ଭୋଗ ବସିବାବେଳେ ସେବାୟତ କେହି ପ୍ରବେଶ କଲେ କିମ୍ବା ଶ୍ରୀମନ୍ଦିରରେ କୌଣସି ଅଘଟଣ ଘଟିଲେ ହିଁ ମହାପ୍ରସାଦକୁ ପୋତାଯାଇଥାଏ। ଅନ୍ୟ କୌଣସି କାରଣରୁ ମହାପ୍ରସାଦ ପୋତାଯାଇ ନ ଥାଏ। ସମ୍ପ୍ରତି ଶ୍ରୀମନ୍ଦିରକୁ ଭକ୍ତ ଆସୁ ନ ଥିବାରୁ କେବଳ ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗିହେବା ନିମନ୍ତେ ମହାପ୍ରସାଦ ପ୍ରସ୍ତୁତ କରାଯାଉଛି। ପ୍ରତିଦିନ ୨୦୦ରୁ ୩୦୦ ଲୋକ ଖାଇବା ଭଳି ମହାପ୍ରସାଦ ପ୍ରସ୍ତୁତ ହେଉଛି। ସେଥିମଧ୍ୟରୁ ପ୍ରାୟ ୧୫୦ରୁ ୨୦୦ ଲୋକ ଖାଇବା ଭଳି ମହାପ୍ରସାଦ ବିକ୍ରି ହେଉଛି ଏବଂ ସେବାୟତମାନେ ମଧ୍ୟ କିଛି ଘରକୁ ନେଉଛନ୍ତି। ଅବଶିଷ୍ଟ ବଳକା ମହାପ୍ରସାଦକୁ ସୁଆର ମହାସୁଆର ନିଯୋଗ ତରଫରୁ ବିଭିନ୍ନ ଆଶ୍ରମ, ଅନାଥାଶ୍ରମ, ବସ୍ତି ଏବଂ ଗରିବ ଅସହାୟ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଛି।